Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 200
Friday, 25 Setember 2026
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୨୫ ସେପ୍ଟେମ୍ବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଲଗାଣ ବର୍ଷାରେ ଦକ୍ଷିଣ ଓଡ଼ିଶାର ୬ ଜିଲ୍ଲା ବେହାଲ

ଭୁବନେଶ୍ୱର, ୨୪/୯ (ଆ.ପ୍ର) : ଦକ୍ଷିଣ ଓଡ଼ିଶା ଏବଂ ସଂଲଗ୍ନ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ଲାଗିରହିଛି । ବିଶେଷକରି ଦକ୍ଷିଣ ଓଡ଼ିଶାର ୬ ଜିଲ୍ଲାରେ ସ୍ଥିତି ବେହାଲ ରହିଛି । ପାଣିପାଗର ଗମ୍ଭୀର ସ୍ଥିତିକୁ ଦୃଷ୍ଟିରେ ରଖି ନବରଙ୍ଗପୁର, କଳାହାଣ୍ଡି, ଗଜପତି, କୋରାପୁଟ ଓ ରାୟଗଡ଼ା ଭଳି ୫ଟି ପ୍ରଭାବିତ ଜିଲ୍ଲାରେ ଆଜି ସ୍କୁଲ ଛୁଟି ବୃଦ୍ଧି କରାଯାଇଛି । ଲଗାଣ ବର୍ଷା ଦକ୍ଷିଣ ଓଡ଼ିଶାରେ ଧନଜୀବନ ବାଧାପ୍ରାପ୍ତ ହୋଇଛି ଓ ପ୍ରାୟ ୮ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ସୂଚନା ଅନୁସାରେ, ଆଜି ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ଏହି ଗଭୀର ଅବପାତ ବିଗତ ୬ ଘଂଟା ମଧ୍ୟରେ ଘଂଟାପ୍ରତି ୧୦ କିମି ବେଗରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଦକ୍ଷିଣ ଓଡ଼ିଶା ଏବଂ ସଂଲଗ୍ନ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ କେନ୍ଦ୍ରୀଭୂତ ରହିଛି । ଏହା କୋରାପୁଟଠାରୁ ପ୍ରାୟ ୪୦ କିମି ଉତ୍ତର-ପୂର୍ବ, ଭବାନୀପାଟଣାରୁ ୯୦କିମି ଦକ୍ଷିଣ-ଦକ୍ଷିଣପଶ୍ଚିମ, ଆନ୍ଧ୍ରପ୍ରଦେଶର ପାର୍ବତୀପୁରମଠାରୁ ୬୦ କିମି ଉତ୍ତର-ପଶ୍ଚିମ ଏବଂ ଛତିଶଗଡ଼ର ଜଗଦଳପୁରଠାରୁ ୧୦୦ କିମି ପୂର୍ବରେ ରହିଛି । ଆଗାମୀ ୬ ଘଂଟା ମଧ୍ୟରେ ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରି ଦୁର୍ବଳ ହୋଇ ଅବପାତରେ ପରିଣତ ହେବ ଓ ପରବର୍ତୀ ୨୪ ଘଂଟାରେ ଆହୁରି ଦୁର୍ବଳ ହେବ ।

ବିଶାଖାପାଟଣାସ୍ଥିତ ଡପଲର ରାଡାର ଜରିଆରେ ଏହା ଉପରେ ତୀକ୍ଷ୍ଣ ନଜର ରଖାଯାଉଛି । ପାଣିପାଗ ବିଭାଗ ପକ୍ଷରୁ ନବରଙ୍ଗପୁର, କଳାହାଣ୍ଡି ଓ କୋରାପୁଟ ଜିଲ୍ଲା ପାଇଁ ରେଡ୍ ଓ୍ୱାର୍ଣ୍ଣିଂ ଜାରି କରାଯାଇ ଅତି ପ୍ରବଳ ବର୍ଷା ସହ ଝଡ଼ବର୍ଷା, ବଜ୍ରପାତ ହେବାର ଆଶଙ୍କା ରହିଛି । ଏହି ଲଗାଣ ବର୍ଷା ଯୋଗୁଁ କୋରାପୁଟ, ଗଞ୍ଜାମ, ମାଲକାନଗିରି, ଗଜପତି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି । ସରକାରୀ ତଥ୍ୟ ଅନୁଯାୟୀ ଏହି ୬ଟି ଜିଲ୍ଲାର ୩୭ଟି ବ୍ଲକ୍, ୧୨୭ଟି ଗ୍ରାମ ପଂଚାୟତ, ୨୭୩ଟି ଗାଁ ଓ ୫ଟି ପୌରାଂଚଳର ୨୦ଟି ଓ୍ୱାର୍ଡ କ୍ଷତିଗ୍ରସ୍ତ ହୋଇଛି । ମୋଟ ୮୨୦୫ ଜଣ ଲୋକ ପ୍ରଭାବିତ ହୋଇଥିବାବେଳେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ସେଥିମଧ୍ୟରୁ ୮୦୮୨ ଜଣଙ୍କୁ ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିଛି । ସ୍ଥିତିର ମୁକାବିଲା ଓ ଉଦ୍ଧାର କାର୍ଯ୍ୟ ଲାଗି ସମ୍ବେଦନଶୀଳ ଅଂଚଳଗୁଡ଼ିକରେ ୩୩ଟି ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି । ଆଜି ପରିସ୍ଥିତିର ସମୀକ୍ଷା କରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ପରିସ୍ଥିତି ଉପରେ ସରକାର ନଜର ରଖିଛନ୍ତି । ଲଗାଣ ବର୍ଷା ହେଉଥିଲେ ମଧ୍ୟ ନଦୀରେ ବନ୍ୟା ସମ୍ଭାବନା ନାହିଁ । ଜଳକା, ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀ ବିପଦ ସଙ୍କେତ ଟପିନି ନାହିଁ । ତେବେ ସୁବର୍ଣ୍ଣରେଖା ସତର୍କ ସଙ୍କେତ ଛୁଇଁଲେ କିଛି ତଳିଆ ଅଂଚଳରେ ପାଣି ପଶିବାର ସମ୍ଭାବନା ରହିଛି । ଅଧିକ ବର୍ଷା ଯୋଗୁଁ ବ୍ରହ୍ମପୁର ଓ ବାଲେଶ୍ୱରର କିଛି ଅଂଚଳରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି ଓ ମାଲକାନଗିରିରେ ୪ଟି ବ୍ରିଜ୍ ଉପରେ ପାଣି ପ୍ରବାହିତ ହେଉଛି । ଆସନ୍ତାକାଲି ସୁଦ୍ଧା ବର୍ଷାର ପରିମାଣ ହ୍ରାସ ପାଇଲେ ସ୍ଥିତି ସ୍ୱାଭାବିକ ହେବ । ଦକ୍ଷିଣ ଓଡ଼ିଶାରେ କୌଣସି ସ୍ଥାନରେ ବନ୍ୟା ହେବାର ଆଶଙ୍କା ନାହିଁ ବୋଲି ସେ କହିଛନ୍ତି । ଗଜପତିରେ ପାହାଡ଼ିଆ ଅଂଚଳରେ ଭୂସ୍ଖଳନ ଆଶଙ୍କାକୁ ଦୃଷ୍ଟିରେ ରଖି ପ୍ରତିଷେଧକ ବ୍ୟବସ୍ଥା ଭାବେ ବ୍ୟାରିକେଡ୍ କରାଯାଇଛି । ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସେଠାରେ ଉପସ୍ଥିତ ରହି ସ୍ଥିତି ସମୀକ୍ଷା କରୁଛନ୍ତି । ଗଭୀର ଅବପାତ ଫଳରେ କନ୍ଧମାଳ ଜିଲ୍ଲାରେ ବର୍ଷା ଲାଗିରହିଛି । ଫଳରେ କଳିଙ୍ଗା ଘାଟିର ଅନ୍ଧାରୀକୋଟରେ ନବନିର୍ମିତ ଚଉଡ଼ା ରାସ୍ତା ଭୂସ୍ଖଳନରେ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ଅନ୍ଧାରକୋଟର ବନ ଦୁର୍ଗା ମନ୍ଦିର ସମ୍ମୁଖରେ ଚାଲିଥିବା ନବ ନିର୍ମିତ ଗାର୍ଡ ୱାଲ ଭାଙ୍ଗିଯାଇଛି । ପ୍ରାୟ ୨୦୦ ମିଟର ପର୍ଯ୍ୟନ୍ତ ରାସ୍ତା ଭୁଶୁଡ଼ି ପଡ଼ିଥିବାର ସୂଚନା ମିଳିଛି । ମାଲକାନଗିରିର କାଙ୍ଗୁରକୋଣ୍ଡା ଓ ଏମଭି-୯୦ ସମେତ ବିଭିନ୍ନ ସ୍ଥାନରେ ବିକଳ୍ପ ଯାତାୟାତ ବ୍ୟବସ୍ଥା କରାଯାଇଛି । ରାସ୍ତାରେ ଅଟକିଥିବା ଯାତ୍ରୀ, ରୋଗୀ ଓ ଚାଳକମାନଙ୍କୁ ଖାଦ୍ୟ, ପାନୀୟ ଏବଂ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି । ପ୍ରଶାସନିକ ଟିମ୍ କ୍ଷେତ୍ରସ୍ତରରେ ସକ୍ରିୟ ଥିବାରୁ ସାମଗ୍ରିକ ପରିସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ ଜଳସମ୍ପଦ ସଚିବ ଯନ୍ତ୍ରୀ ଦିଲ୍ଲୀପ କୁମାର ରାଉତ ନଦୀଗୁଡ଼ିକର ଜଳସ୍ତର ଓ ବ୍ୟାରେଜ୍ ଗେଟ୍ ପରିଚାଳନା ଉପରେ ବିଭାଗ ନିରନ୍ତର ନଜର ରଖିଥିବା ସ୍ପଷ୍ଟ କରିଛନ୍ତି ।

ପୁଣି ଘୁଂଚିଲା ଡିଜିପି ନିଯୁକ୍ତି ମାମଲାର ଶୁଣାଣି

ଭୁବନେଶ୍ୱର, ୨୪/୯ (ଆ.ପ୍ର) : ପୁଣି ଘୁଂଚିଲା ଡିଜିପି ନିଯୁକ୍ତି ମାମଲାର ଶୁଣାଣି । ଆଜି ସୁପ୍ରିମକୋର୍ଟରେ ନିଜ ପକ୍ଷ ରଖିଛନ୍ତି ରାଜ୍ୟ ସରକାର । ଡିଜିପି ନିଯୁକ୍ତି ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇନଥିବା ରାଜ୍ୟ ସରକାର କହିଛନ୍ତି । ମାମଲାରେ ରାଜ୍ୟ ସରକାରଙ୍କ ସହ ଆବେଦନକାରୀ ପକ୍ଷ ମଧ୍ୟ ନିଜ ନିଜ ପକ୍ଷ ରଖିଛନ୍ତି । ବରିଷ୍ଠ ଆଇନଜୀବୀ ସଂଗ୍ରାମ ପଟ୍ଟନାୟକଙ୍କ ସୂଚନା ଅନୁସାରେ, ଡିଜିପି ନିଯୁକ୍ତି ମାମଲାର ଶୁଣାଣି ପ୍ରାୟ ଶେଷ ପର୍ଯ୍ୟାୟରେ ପହଂଚିଛି । ତେବେ ମଙ୍ଗଳବାର ପାଇଁ ସୁପ୍ରିମକୋର୍ଟ କିଛି କ୍ଲାରିଫିକେସନ ମାଗିଛନ୍ତି । ତେଣୁ ଆସନ୍ତା ମଙ୍ଗଳବାର ମାମଲାର ପରବର୍ତୀ ଶୁଣାଣି ହେବ । ସେହିଦିନ ସୁପ୍ରିମକୋର୍ଟ ରାୟ ଶୁଣାଇପାରନ୍ତି କିମ୍ବା ରାୟ ସଂରକ୍ଷିତ ରଖିପାରନ୍ତି ।

ମାଲକାନଗିରି ଜିଲ୍ଲାର ଅନେକ ବ୍ରିଜ ଉପରେ ୪ ଫୁଟର ପାଣି ପ୍ରବାହିତ

ମାଲକାନଗିରି , ୨୪/୯ (ଆ.ପ୍ର) : ମାଲକାନଗିରି ଜିଲ୍ଲାରେ ସ୍ଥିତି ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି । ଗତକାଲିଠାରୁ ଜିଲ୍ଲାରେ ଲଗାତାର ପ୍ରବଳ ବର୍ଷା ହେଉଥିବାରୁ ସମସ୍ତ ନଦୀନାଳରେ ଜଳସ୍ତର ବୃଦ୍ଧି ପାଇଛି । ଫଳରେ ଜିଲ୍ଲାର ଅନେକ ପ୍ରମୁଖ ରାସ୍ତା ଓ ସେତୁ ଉପରେ ବନ୍ୟାଜଳ ପ୍ରବାହିତ ହୋଇ ଯାତାୟାତ ବ୍ୟାହତ ହୋଇଛି । ମାଲକାନଗିରି ସଦର ମହକୁମାରୁ ବିଭିନ୍ନ ଅଂଚଳକୁ ଯୋଗାଯୋଗ ଏକପ୍ରକାର ବିଚ୍ଛିନ୍ନ ହୋଇପଡ଼ିଛି । ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ-୩୨୬ର ଅନେକ ସ୍ଥାନରେ ବନ୍ୟାଜଳ ରାସ୍ତା ଉପରକୁ ଉଠିଛି । ଏମ୍‌ଭି-୯୦, ଏମ୍‌ଭି-୯୬, କାଙ୍ଗୁରକୋଣ୍ଡା, ପୋଟେରୁ ଓ ସାବେରୀ ଅଂଚଳର ବ୍ରିଜ୍‌ଗୁଡ଼ିକ ଉପରେ ପ୍ରାୟ ୪ ଫୁଟ୍ ପର୍ଯ୍ୟନ୍ତ ପାଣି ପ୍ରବାହିତ ହେଉଥିବା ଜଣାପଡ଼ିଛି । ଏହା ଫଳରେ ମାଲକାନଗିରିରୁ ଅନ୍ୟ ଜିଲ୍ଲା ଓ ପଡ଼ୋଶୀ ଅଂଚଳକୁ ଯାତାୟାତ ପ୍ରଭାବିତ ହୋଇଛି । ପାଙ୍ଗମ ବ୍ରିଜ୍‌ରେ ମଧ୍ୟ ଜଳସ୍ତର ଦ୍ରୁତଗତିରେ ବଢୁଥିବାରୁ ପରିସ୍ଥିତି ଚିନ୍ତାଜନକ ହୋଇପଡ଼ିଛି । ଅନ୍ୟପଟେ ପୋଟେରୁ ନଦୀର ଜଳସ୍ତର ବଢ଼ିବା ପରେ ନଦୀକୂଳବର୍ତୀ ଅଂଚଳରେ ବନ୍ୟାଜଳ ପ୍ରବେଶ କରିବା ଆରମ୍ଭ

କରିଛି । ଅନେକ ଗାଁରେ ପାଣି ମାଡ଼ି ଆସିଥିବା ବେଳେ ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ସୃଷ୍ଟି ହୋଇଛି । ବର୍ଷା ଏଭଳି ଲଗାତାର ଜାରି ରହିଲେ ପୋଟେରୁ ଅଂଚଳର ଅଧିକ ଗାଁ ବନ୍ୟାଜଳରେ ପ୍ରଭାବିତ ହେବାର ଆଶଙ୍କା ରହିଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ନଦୀକୂଳିଆ ଓ ବନ୍ୟାପ୍ରବଣ ଅଂଚଳ ଉପରେ ନଜର ରଖାଯାଇଛି । ଆବଶ୍ୟକସ୍ଥଳେ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରଖାଯାଉଛି । ସେଠାରେ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ, ପାନୀୟଜଳ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଉଛି । ବର୍ଷାଜନିତ ବିପଦକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନର ଶୀର୍ଷ ଅଧିକାରୀମାନେ ବିଭିନ୍ନ ବନ୍ୟାପ୍ରଭାବିତ ଅଂଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରୁଛନ୍ତି । ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ ଆବଶ୍ୟକ ପ୍ରସ୍ତୁତି ମଧ୍ୟ କରାଯାଇଛି । ସେହିପରି ପ୍ରବଳ ବର୍ଷା ଯୋଗୁଁ ମାଲକାନଗିରି-ଚିତ୍ରକୋଣ୍ଡା ଘାଟି ଅଂଚଳରେ ଭୂସ୍ଖଳନର ଆଶଙ୍କା ବଢ଼ିଛି । ଏହାକୁ ଦୃଷ୍ଟିରେ ରଖି ଘାଟି ରାସ୍ତାରେ ଯାନବାହନ ଚଳାଚଳ ନେଇ ସତର୍କତା ଜାରି କରାଯାଇଛି । ବାୟାପଡ଼ା ଘାଟିରେ ଭୂସ୍ଖଳନ ଯୋଗୁଁ ରାସ୍ତା ଅବରୋଧ ହୋଇ ଯାତାୟାତ ପ୍ରଭାବିତ ହୋଇଛି । ଏହା ସହ ମାନେମକୋଣ୍ଡା ଅଂଚଳରେ ମଧ୍ୟ ରାସ୍ତା ଧସିଯିବାରୁ ଯାତାୟାତ ଠପ୍ ହୋଇଥିବା ଜଣାପଡ଼ିଛି । ଜିଲ୍ଲାର ବିଭିନ୍ନ ଅଂଚଳରେ ରାସ୍ତା ଉପରେ ପାଣି ଜମିବା, ବ୍ରିଜ୍ ଉପରେ ବନ୍ୟାଜଳ ପ୍ରବାହିତ ହେବା ଏବଂ ଭୂସ୍ଖଳନ ଯୋଗୁଁ ସାଧାରଣ ଜୀବନଯାତ୍ରା ଗଭୀର ଭାବେ ପ୍ରଭାବିତ ହୋଇଛି । ଅନେକ ସ୍ଥାନରେ ଲୋକେ ଯାତାୟାତ କରିପାରୁନଥିବାରୁ ଜିଲ୍ଲାର ବହୁ ଅଂଚଳ ମୁଖ୍ୟ ସହର ସହିତ ପ୍ରାୟ ବିଚ୍ଛିନ୍ନ ହୋଇପଡ଼ିଛି । ଆଜିର ବର୍ଷା ରିପୋର୍ଟ ଅନୁଯାୟୀ ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକରେ ସର୍ବୋଚ୍ଚ ୧୬୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ସର୍ବନିମ୍ନ ମାଥିଲି ବ୍ଲକରେ ୪୭ ମିଲିମିଟର ବର୍ଷା ହୋଇଛି । ଜିଲ୍ଲାରେ ମୋଟ ୬୬୩ ମିଲିମିଟର ବର୍ଷା ହୋଇଛି ।

୪ ବର୍ଷରେ ୧୧୧ ସାଂସଦ-ବିଧାୟକଙ୍କ ଦଳବଦଳ

ନୂଆଦିଲ୍ଲୀ, ୨୪/୯ (ନ୍ୟୁ.ଏ): ନିର୍ବାଚନରେ ଲୋକେ ଯେଉଁ ରାଜନୈତିକ ଚିତ୍ର ତିଆରି କରନ୍ତି, ନିର୍ବାଚନ ପରେ ଦଳବଦଳ ଯୋଗୁଁ ତାହା ଅନେକ ସମୟରେ ବଦଳିଯାଏ । ଗତ ୪ ବର୍ଷରେ ଦେଶର ୧୧୧ ଜଣ ବର୍ତମାନର ସାଂସଦ ଓ ବିଧାୟକ ନିର୍ବାଚନ ଜିତିବା ପରେ ନିଜ ଦଳ ଛାଡ଼ି ଅନ୍ୟ ଦଳରେ ଯୋଗ ଦେଇଛନ୍ତି । ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଓ ନ୍ୟାସନାଲ୍ ଇଲେକ୍ସନ୍ ଓ୍ୱାଚ୍‌ର ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି । ଏହି ଅବଧି ୨୦୨୨ରୁ ୨୦୨୬ ମଧ୍ୟରେ ହୋଇଥିବା ନିର୍ବାଚନ ଓ ଉପନିର୍ବାଚନକୁ ନେଇ ପ୍ରସ୍ତୁତ ହୋଇଛି ।

ଜାତିସଂଘରେ ପାକିସ୍ତାନ ଉପରେ ବର୍ଷିଲା ଭାରତ

ନୂଆଦିଲ୍ଲୀ, ୨୪/୯ (ନ୍ୟୁ.ଏ): ଭାରତୀୟ କୂଟନୀତିଜ୍ଞ କ୍ଷିତିଜ ତ୍ୟାଗୀ ଗୁରୁବାର ଜାତିସଂଘ ମାନବାଧିକାର ପରିଷଦରେ ପାକିସ୍ତାନ ଉପରେ ପ୍ରବଳ ବର୍ଷିଛନ୍ତି । ଜମ୍ମୁ-କାଶ୍ମୀର ଓ ଭାରତରେ ସଂଖ୍ୟାଲଘୁଙ୍କ ସମ୍ପର୍କରେ ପାକିସ୍ତାନ ଦେଇଥିବା ଟିପ୍ପଣୀର କଡ଼ା ଜବାବ ଦେଇ ତ୍ୟାଗୀ କହିଛନ୍ତି, ଜମ୍ମୁ-କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଂଶ ଥିଲା, ଅଛି ଓ ଆଗକୁ ମଧ୍ୟ ରହିବ । ଜମ୍ମୁ-କାଶ୍ମୀରର ଏକ ଅଂଶ ପାକିସ୍ତାନ ଦଖଲରେ ଅଛି । ତେଣୁ ଏହାକୁ ଛାଡ଼ି ଦେବାକୁ ଭାରତ ପୁଣିଥରେ ପାକିସ୍ତାନକୁ କହୁଛି ବୋଲି ସେ କହିଛନ୍ତି । ତ୍ୟାଗୀ କହିଛନ୍ତି, ଭାରତରେ ବିଶ୍ୱର ସର୍ବାଧିକ ମୁସଲମାନ ବସବାସ କରୁଛନ୍ତି । ଦେଶର ସଂଖ୍ୟାଲଘୁମାନେ ଭୋଟ୍ ଦେଉଛନ୍ତି, ବିଧାୟକ ହେଉଛନ୍ତି, ସର୍ବୋଚ୍ଚ ଅଦାଲତରେ ବସୁଛନ୍ତି ଏବଂ ବିଭିନ୍ନ ଅନୁଷ୍ଠାନର ନେତୃତ୍ୱ ନେଉଛନ୍ତି । ଅନ୍ୟପକ୍ଷରେ, ପାକିସ୍ତାନର ହିନ୍ଦୁ, ଶିଖ୍ ଓ ଖ୍ରୀଷ୍ଟିଆନଙ୍କ ସ୍ଥିତି ସ୍ୱାଧୀନତା ପରଠାରୁ ଅତି ଖରାପ ହୋଇଛି । ସେମାନଙ୍କ ଝିଅମାନଙ୍କୁ ଅପହରଣ କରାଯାଇ ବଳପୂର୍ବକ ଧର୍ମାନ୍ତରୀକରଣ ଓ ବିବାହ କରାଯାଉଛି । ଏହାଛଡ଼ା ପାକିସ୍ତାନର ମୁସଲମାନ ସଂଖ୍ୟାଲଘୁମାନେ ମଧ୍ୟ ବ୍ୟବସ୍ଥିତ ଅତ୍ୟାଚାରର ଶିକାର ହେଉଛନ୍ତି ଏବଂ ସେମାନଙ୍କ ପୂଜାସ୍ଥଳ ଉପରେ ଆକ୍ରମଣ ହେଉଛି ବୋଲି ସେ କହିଛନ୍ତି । କାଶ୍ମୀର ପଣ୍ଡିତମାନଙ୍କ ପ୍ରସଙ୍ଗ ଉଠାଇ ତ୍ୟାଗୀ କହିଛନ୍ତି, ୧୯୯୦ରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀମାନେ କାଶ୍ମୀର ପଣ୍ଡିତଙ୍କୁ ସେମାନଙ୍କ ଘରୁ ତଡ଼ି ଦେଇଥିଲେ । ସେହି ଆତଙ୍କବାଦୀମାନେ କାଶ୍ମୀରରେ ବିଭିନ୍ନ ଧର୍ମର ଲୋକଙ୍କୁ ହତ୍ୟା କରୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ମୁସଲମାନ ।

ଭୋଟ ଚୋରି, ଆଇନ ଚୋରି ଓ ସଂସ୍ଥା ଚୋରି : ରାହୁଲ

ନୂଆଦିଲ୍ଲୀ, ୨୪/୯ (ନ୍ୟୁ.ଏ): ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଓ ନରେନ୍ଦ୍ର ମୋଦି ସରକାରଙ୍କ ବିରୋଧରେ ଆକ୍ରମଣକୁ ତୀବ୍ର କରିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି । ସେ ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ ଆଣି ସଂସଦରେ ପାରିତ ଆଇନଗୁଡ଼ିକର ସାମ୍ବିଧାନିକ ବୈଧତା ଉପରେ ପ୍ରଶ୍ନ ଉଠାଇଛନ୍ତି । ସେହିପରି ମୋଦି ସରକାରଙ୍କ ବିରୋଧରେ ପୂର୍ବରୁ ଭୋଟ ଚୋରି ଅଭିଯୋଗ ଆଣିଥିବା ରାହୁଲ ଗାନ୍ଧି ଏଥିରେ ଆଇନ ଚୋରି ଓ ସଂସ୍ଥା ଚୋରି ଯୋଡ଼ିଛନ୍ତି । ସେ କହିଛନ୍ତି, "ଭୋଟ ଚୋରିରୁ ଆଇନ ଚୋରି । ଆଜି ଭୋଟ ଶେଷ । ଆଇନ ପ୍ରଣୟନ ବ୍ୟବସ୍ଥା ଖତମ । ଯଦି ଭୋଟ ଚୋରି ହେଉଛି, ତା'ହେଲେ ଏହା ଦ୍ୱାରା ସଂସଦକୁ ଯାଇଥିବା ସାଂସଦମାନେ ପ୍ରସ୍ତୁତ କରିଥିବା ଆଇନ ଓ ପ୍ରତିଷ୍ଠାନରେ ପରିବର୍ତନର କୌଣସି ମୂଲ୍ୟ ନାହିଁ ।" ଭୋଟ ଚୋରି ବିବାଦ ପାଇଁ ସେ ସିଧାସଳଖ ଜ୍ଞାନେଶ କୁମାରଙ୍କୁ ଦାୟୀ କରିଛନ୍ତି । ସବୁ ପ୍ରକାରର ବିବାଦ ପାଇଁ ଦୁଇ ନିର୍ବାଚନ କମିଶନର ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଦୋଷ ଦେଇଥିବା ମଧ୍ୟ ରାହୁଲ ଦାବି କରିବାକୁ ପଛାଇ ନାହାନ୍ତି । ରାହୁଲ କହିଛନ୍ତି, "ଭୋଟ୍ ହେଉଛି ଆମ ଦେଶର ମୂଳଦୁଆ । ଆମ ଭୋଟକୁ ଧ୍ୱଂସ କରାଯାଉଛି ।" ଏହି ସମୟରେ ସେ ନିର୍ବାଚନ କମିଶନରେ ମତଭେଦ ନେଇ ପ୍ରକାଶ ପାଇଥିବା ରିପୋର୍ଟର ଉଦାହରଣ ଦେଇଥିଲେ । ଏହାପରେ ସେ ପୁଣି କହିଥିଲେ ଯେ "କେବଳ ଭୋଟ ଉପରେ ଆକ୍ରମଣ ହେଉନାହିଁ, ବରଂ ଏହା ପ୍ରତିଟି ଭାରତୀୟଙ୍କ ଭାବନା ଉପରେ ହମଲା ।" କଂଗ୍ରେସ ମୁଖ୍ୟାଳୟରେ ସାମ୍ବାଦିକଙ୍କୁ ସମ୍ବୋଧନ କରି ରାହୁଲ ଗାନ୍ଧି କହିଛନ୍ତି ଯେ ଭୋଟ ଚୋରି ଦେଶ ବିରୋଧରେ ଗୋଟିଏ ସାଂଘାତିକ ଷଡ଼ଯନ୍ତ୍ର । ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅମିତ ଶାହ, ଆରଏସଏସ ମୁଖ୍ୟ ମୋହନ ଭାଗବତ, ଶିଳ୍ପପତି ଗୌତମ ଆଦାନୀ, ଏନଏସଏ ଅଜିତ ଡୋଭାଲ ଓ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାବେ ଚିତ୍ରଣ କରିଛନ୍ତି । ଏମାନଙ୍କ ଇସାରାରେ ଦେଶର କିଛି ସାମ୍ବାଦିକ, ଫିଲ୍ମ ମେକର ଓ କେନ୍ଦ୍ରମନ୍ତ୍ରୀ କାମ କରୁଥିବା ରାହୁଲ ଦାବି କରି ସେମାନଙ୍କ ଫଟୋ ମଧ୍ୟ ସମସ୍ତଙ୍କୁ ଦେଖାଇଛନ୍ତି । ଜ୍ଞାନେଶ କୁମାରଙ୍କୁ ଜଣେ ଦେଶଦ୍ରୋହୀ ବୋଲି କହିବା ବେଳେ ରାହୁଲ କିଛି ସମୟ ଚୁପ ରହି ଯାଇଥିଲେ । ଏହାପରେ ସେ କହିଥିଲେ ଯେ "ଏସବୁ ସତ । ଭୋଟ ଉପରେ ହମଲା କରୁଥିବା, ଦେଶର ମୌଳିକ ଢାଂଚାକୁ ଧ୍ୱଂସ କରୁଥିବା ବ୍ୟକ୍ତି ଦେଶଦ୍ରୋହୀ ଛଡ଼ା ଆଉ କିଛି ନୁହେଁ । ଆପଣ ତାଙ୍କ ବିପକ୍ଷରେ ଆଉ କୌଣସି ଶବ୍ଦ ପ୍ରୟୋଗ କରିପାରିବେ ନାହିଁ । ଏହା ହିଁ ଏକମାତ୍ର ଶବ୍ଦ ।" ରାହୁଲ ଗାନ୍ଧି ତତ୍କାଳ ଭାବେ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛନ୍ତି । ରାହୁଲ ଗାନ୍ଧିଙ୍କ କହିବା କଥା ଯେ ସେ ୩ ବର୍ଷ ହେଲା ସମସ୍ତ ତଥ୍ୟ ପ୍ରମାଣ ସହ ଭୋଟ ଚୋରି କଥା କହି ଆସୁଛନ୍ତି । ସେ କହିଛନ୍ତି, "ମୁଁ ସବୁବେଳେ ଏକଥା ତଥ୍ୟ ଆଧାରରେ କହିଛି । ମୁଁ କୌଣସି ଭାବନା କିମ୍ବା ଅତିରଞ୍ଜିତ କରି କିଛି ବି କହିନାହିଁ । ମୁଁ ସବୁବେଳେ ତଥ୍ୟର ବ୍ୟବହାର କରିଛି । ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ମୋଦି ଓ ଅମିତ ଶାହ ଆକ୍ରମଣ କରି ଧ୍ୱଂସ କରିବାରେ ଲାଗିଛନ୍ତି ।" ନିର୍ବାଚନ କମିଶନର ହେଉଛନ୍ତି ଭୋଟରଙ୍କ ଅଧିକାରର ସୁରକ୍ଷାଦାତା । ଯଦି ଭୋଟକୁ ଧ୍ୱଂସ କରିଦିଆଯିବ, ତା'ହେଲେ ସମ୍ବିଧାନ ଚାଲି ପାରିବ ନାହିଁ ବୋଲି ମଧ୍ୟ ରାହୁଲ କହିଛନ୍ତି ।

ଟିଏମସି ନାମ-ଚିହ୍ନ ବିବାଦ: ଇସିଙ୍କୁ ସମୟସୀମା ଜଣାଇବାକୁ କହିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୪/୯ (ନ୍ୟୁ.ଏ): ତୃଣମୂଳ କଂଗ୍ରେସର ନାମ ଓ ନିର୍ବାଚନୀ ଚିହ୍ନକୁ ନେଇ ଚାଲିଥିବା ବିବାଦରେ ଆଜି ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି । ନିର୍ବାଚନ କମିସନଙ୍କ ଅନ୍ତରୀଣ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କରିଥିବା ଆବେଦନର ଶୁଣାଣି କରି ଶୀର୍ଷ ଅଦାଲତ ନିର୍ବାଚନ କମିସନଙ୍କୁ ମାମଲାର ବୃତ୍ତାନ୍ତ ନିଷ୍ପତି ପାଇଁ କେତେ ସମୟ ଆବଶ୍ୟକ, ତାହା ଜଣାଇବାକୁ କହିଛନ୍ତି । ମାମଲାର ପରବର୍ତୀ ଶୁଣାଣି ସେପ୍ଟେମ୍ବର ୨୮ ରେ ହେବ । ଚିଫ୍ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ । ଅଦାଲତ ନିର୍ବାଚନ କମିସନଙ୍କ ଓକିଲଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, ଉଭୟ ପକ୍ଷଙ୍କୁ ନିଜ ନିଜ ପ୍ରମାଣ ଓ ଦସ୍ତାବିଜ ରଖିବା ପାଇଁ ଯଥେଷ୍ଟ ସୁଯୋଗ ଦିଆଯିବା ସହ ମାମଲାକୁ ଅନାବଶ୍ୟକ ଭାବେ ଦୀର୍ଘ କରାଯିବା ଉଚିତ ନୁହେଁ । ତେଣୁ ଏକ ବାସ୍ତବସମ୍ମତ ସମୟସୀମା ବିଷୟରେ ଅଦାଲତକୁ ଅବଗତ କରାଇବାକୁ କୁହାଯାଇଛି । ତୃଣମୂଳ କଂଗ୍ରେସ ଭିତରେ ସୃଷ୍ଟି ହୋଇଥିବା ଦୁଇ ଗୋଷ୍ଠୀର ବିବାଦ ପରେ ନିର୍ବାଚନ କମିସନ ଏହି ପଦକ୍ଷେପ ନେଇଛନ୍ତି । ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ ନାମ ଏବଂ ପାରମ୍ପରିକ 'ଘାସ-ଫୁଲ' ଚିହ୍ନ ଉପରେ ଉଭୟ ପକ୍ଷ ଦାବି କରିଥିବାରୁ ଇସି ଏହାକୁ ଅନ୍ତରୀଣ ଭାବେ ଫ୍ରିଜ୍ କରିଛି । ବୃତ୍ତାନ୍ତ ନିଷ୍ପତି ନହେବା ପର୍ଯ୍ୟନ୍ତ ଦୁଇ ଗୋଷ୍ଠୀ ମୂଳ ନାମ ଓ ଚିହ୍ନ ବ୍ୟବହାର କରିପାରିବେ ନାହିଁ । ଏହା ପରେ ଆଗାମୀ ପଶ୍ଚିମବଙ୍ଗ ଉପନିର୍ବାଚନକୁ ଦୃଷ୍ଟିରେ ରଖି ଇସି ଉଭୟ ଗୋଷ୍ଠୀକୁ ଅଲଗା ନାମ ଓ ଚିହ୍ନ ଦେଇଛି । ମମତା ବାନାର୍ଜୀଙ୍କ ଗୋଷ୍ଠୀକୁ 'ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ' ନାମ ସହ 'ଫୁଟବଲ୍ ପ୍ଲେୟର' ଚିହ୍ନ ଦିଆଯାଇଥିବା ବେଳେ ଅନ୍ୟ ଗୋଷ୍ଠୀକୁ 'ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସ' ନାମ ସହ 'ଲିଫାଫା' ଚିହ୍ନ ଦିଆଯାଇଛି ।

ବ୍ୟାପକ ଭାବେ କୌଣସି ବଡ଼ ଧରଣର କ୍ଷୟକ୍ଷତି ରିପୋର୍ଟ ହୋଇନାହିଁ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୨୪/୯ (ଆ.ପ୍ର) : ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ସୃଷ୍ଟ ଗଭୀର ଅବପାତ ୨୩ ସେପ୍ଟେମ୍ବର ରାତି ୧୧ଟାରୁ ୨୪ ସେପ୍ଟେମ୍ବର ରାତି ୧ଟା ମଧ୍ୟରେ କଳିଙ୍ଗପଟ୍ଟନମର ଦକ୍ଷିଣ-ପଶ୍ଚିମ ନିକଟବର୍ତୀ ଅଂଚଳ ଦେଇ ଉପକୂଳ ଅତିକ୍ରମ କରିଛି । ଏହି ସମୟରେ ଏହାର ସର୍ବାଧିକ ସ୍ଥାୟୀ ପବନ ବେଗ ଘଂଟାପ୍ରତି ୫୫–୬୫ କି.ମି. ଥିବାବେଳେ ଝଟକା ପବନର ବେଗ ଘଂଟାପ୍ରତି ୭୫ କି.ମି. ପର୍ଯ୍ୟନ୍ତ ରହିଥିଲା । ଏହା ପରେ ଗଭୀର ଅବପାତ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିଛି । ଆଜି ସକାଳ ୫ଟା ୩୦ ସୁଦ୍ଧା ଏହା ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ଅବସ୍ଥିତ ଥିବାବେଳେ ଓଡ଼ିଶାର ଗୋପାଳପୁରଠାରୁ ପ୍ରାୟ ୧୭୦ କି.ମି. ଦକ୍ଷିଣ-ପଶ୍ଚିମରେ ରହିଥିଲା । ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ସୃଷ୍ଟ ଗଭୀର ଅବପାତ ଗତ ୬ ଘଂଟା ମଧ୍ୟରେ ଘଂଟାପ୍ରତି ୭ କି.ମି. ବେଗରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରିଛି । ଆଜି ସକାଳ ୮ଟା ୩୦ ମିନିଟ୍ ସମୟରେ ଏହା ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଓ ସଂଲଗ୍ନ ଦକ୍ଷିଣ ଓଡ଼ିଶା ଉପରେ, ଅକ୍ଷାଂଶ ୧୮.୫ସ ଉତ୍ତର ଓ ଦ୍ରାଘିମା ୮୩.୫ସ ପୂର୍ବରେ କେନ୍ଦ୍ରୀଭୂତ ହୋଇଥିଲା । ଏହା କଳିଙ୍ଗପଟ୍ଟନମ୍ (ଆନ୍ଧ୍ରପ୍ରଦେଶ)ର ପ୍ରାୟ ୭୦ କି.ମି. ପଶ୍ଚିମ-ଉତ୍ତରପଶ୍ଚିମ, ରାୟଗଡ଼ା (ଓଡ଼ିଶା)ର ୮୦ କି.ମି. ଦକ୍ଷିଣ-ଦକ୍ଷିଣପୂର୍ବ, କୋରାପୁଟ (ଓଡ଼ିଶା)ର ୯୦ କି.ମି. ପୂର୍ବ-ଦକ୍ଷିଣପୂର୍ବ ଏବଂ ଜଗଦଳପୁର (ଛତିଶଗଡ଼)ର ୧୭୦ କି.ମି. ପୂର୍ବ-ଦକ୍ଷିଣପୂର୍ବରେ ଅବସ୍ଥିତ ଥିଲା । ଏହି ଗଭୀର ଅବପାତ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ଆଜି, ୨୪ ସେପ୍ଟେମ୍ବର ସନ୍ଧ୍ୟା ସୁଦ୍ଧା ଧୀରେ ଧୀରେ ଦୁର୍ବଳ ହୋଇ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ଏହାପରେ ମଧ୍ୟ ପରବର୍ତୀ ୨୪ ଘଂଟା ମଧ୍ୟରେ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ଧୀରେ ଧୀରେ ଦୁର୍ବଳ ହେବାର ସମ୍ଭାବନା ରହିଛି ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

କଳିଙ୍ଗା ଘାଟିରେ ମାଟି ଅତଡ଼ା ଖସି ଧସିଲା ପଥର ୱାଲ୍ ଭୂସ୍ଖଳନ ସ୍ଥାନରେ ଖସିଲା ବିରାଟ ପଥର ଭାଙ୍ଗିଲା ରାସ୍ତା

ଜି.ଉଦୟଗିରି, ୨୪/୦୯ (ଆ.ପ୍ର) : ସମ୍ଭାବ୍ୟ ବାତ୍ୟାର ପ୍ରଭାବ ସହ ଲଗାଣ ବର୍ଷା ଯୋଗୁଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ପ୍ରଶାସନ ବୁଧବାର ଓ ଗୁରୁବାର ଦୁଇ ଦିନ ପାଇଁ କଳିଙ୍ଗା ଘାଟି ଦେଇ ଯାଇଥିବା ୧୫୭ ନମ୍ବର ଜାତୀୟ ରାଜପଥ ବନ୍ଦ କରିଥିଲେ । ବାତ୍ୟାର ପ୍ରଭାବ ସହ ଲଗାଣ ବର୍ଷାରେ କଳିଙ୍ଗା ଘାଟିର ଅନ୍ଧାରୀକୋଟି ନିକଟରେ ଦୀର୍ଘ ବର୍ଷ ଧରି ମନ୍ଦିର ପୂର୍ବରୁ ଥିବା ସଂକୀର୍ଣ୍ଣ ରାସ୍ତାରେ ଲୁହା ତାରଜାଲି ମାଧ୍ୟମରେ ପଥର ପିଚିଙ୍ଗ କାମ ଚାଲିଥିଲା ଯାହା ଆଜି ଭୁଶୁଡ଼ି ଯାଇଥିବା ଦେଖିବାକୁ ମିଳିଛି । ମାଟି ଅତଡା ଖସି ରାସ୍ତା ମଧ୍ୟ କିଛି ମାତ୍ରାରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ସେପଟେ ବର୍ଷେ ପୂର୍ବରୁ ୨୦୨୫ ସେପ୍ଟେମ୍ବର ମାସ ୧୬ ତାରିଖରେ ହୋଇଥିବା ଭୂସ୍ଖଳନ ସ୍ଥାନରେ ମଧ୍ୟ ପାହାଡ଼ ଉପରେ ଅଟକି ରହିଥିବା ବିରାଟ ପଥର ଖସି ଅସ୍ଥାୟୀ ରାସ୍ତାରେ ପଡ଼ିଥିବା ବେଳେ ରାସ୍ତା ଭାଙ୍ଗିଯାଇଛି । ଘଟଣା ସ୍ଥଳରେ ସ୍ଥାନୀୟ ତହସିଲଦାର ସମୁଦ୍ର ମିଶ୍ର, ଅତିରିକ୍ତ ତହସିଲଦାର ଦେବାଶିଷ ଜେନା, ଆଇଆଇସି ବିଜୟ କୁମାର ସ୍ୱାଇଁ ଉପସ୍ଥିତ ଅଛନ୍ତି । ଗତ ବର୍ଷର ଭୂସ୍ଖଳନ ପରେ ଲଘୁଚାପ ଜନିତ ଲଗାଣ ବର୍ଷା ହେଲେ କଳିଙ୍ଗା ଘାଟି ରେ ପୁଣି ଭୂସ୍ଖଳନ, ମାଟି ଅତଡା ଖସିବା ର ସମ୍ଭାବନା ରହିଥିଲା । ଯାହା ଆଜି ଦେଖିବାକୁ ମିଳିଛି ପୁଣି ମାଟି ଅତଡ଼ା ଖସି ଧସି ଗଲା ଲକ୍ଷାଧିକ ଟଙ୍କା । ବର୍ତ୍ତମାନ କନ୍ଧମାଳ ଜିଲ୍ଲାର ଲାଇଫ ଲାଇନ କଳିଙ୍ଗା ଘାଟି ବିପଦପୂର୍ଣ୍ଣ ଥିବାରୁ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସମସ୍ତ ଜନସାଧାରଣଙ୍କୁ ଯାତାୟତ ପାଇଁ ପ୍ରଶାସନ ବାରଣ କରିଛି । ବର୍ତ୍ତମାନ କଳିଙ୍ଗା ଘାଟି ଦେଇ ଯାତ୍ରୀ ବାହୀ ବସ ତଥା ଅନ୍ୟ ଯାନବାହନ ଯାତାୟତ ବନ୍ଦ ରହିଛି ଓ ଜି.ଉଦୟଗିରିରୁ ବ୍ରହ୍ମପୁର, ଭୁବନେଶ୍ୱର, ଭଞ୍ଜନଗର ଯାଉଥିବା ପ୍ରାୟ ବସ୍ ଗୁଡ଼ିକର ଯାତାୟତ ବନ୍ଦ ରହିଛି । ପ୍ରବଳ ବର୍ଷା ଜାରି ରହିଥିବାବେଳେ ପୋଲିସ ବିଭାଗ ତରଫରୁ କଳିଙ୍ଗା ଘାଟିର ପ୍ରାରମ୍ଭରେ ଥିବା ପଥ ପ୍ରାନ୍ତ ଠାରେ ନାକା ବନ୍ଦୀ କରାଯାଇଛି । ବାଲିଗୁଡ଼ା, ରାଇକିଆ, ସାରଙ୍ଗଡ଼ ପଟୁ ଏହି ରାସ୍ତା ଦେଇ ଆସୁଥିବା ଯାନ ବାହାନ ଗୁଡ଼ିକ ଟିକାବାଲି, ଡେଙ୍ଗାପଥର ଦେଇ ଚକାପାଦ ହୋଇ ଯିବା ପାଇଁ ପରାମର୍ଶ ଦେଇଛି ପ୍ରଶାସନ । ବର୍ତ୍ତମାନ ଅନିଶ୍ଚିତତା ମଧ୍ୟରେ କଳିଙ୍ଗା ଘାଟି ରେ ଯାନବାହନ ଯାତାୟତ ।

'କରମା ପରବ' ଆଦିବାସୀ ସମାଜର କୃଷି, ଏକତା, ସାଂସ୍କୃତିକ ପରମ୍ପରାର ପ୍ରତିକ

ବଣାଇଁ, ୨୪/୦୯ (ଆ.ପ୍ର) : ଆଦିବାସୀ ପରମ୍ପରା, ପ୍ରକୃତି ଓ ଲୋକସଂସ୍କୃତିର ଅନନ୍ୟ ପର୍ବ କରମା ପରବ ୨୦୨୬ ଅବସରରେ ଉପରପଡାରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା । ପାରମ୍ପରିକ ରୀତିନୀତି, କରମା ପୂଜା, ଲୋକନୃତ୍ୟ ଓ ସଙ୍ଗୀତରେ ମୁଖରିତ ହୋଇଥିଲା ସମଗ୍ର ଅଂଚଳ । ଏହି ଅବସରରେ ଭୁବନାନନ୍ଦ କିଷାନଙ୍କ କରମା ଗୀତ ଦର୍ଶକଙ୍କ ମଧ୍ୟରେ ବିଶେଷ ଆକର୍ଷଣ ସୃଷ୍ଟି କରିଥିଲା । ତାଙ୍କ ଗୀତର ତାଳେ ତାଳେ ଦର୍ଶକମାନେ ଝୁମି ଉଠିଥିବାବେଳେ ପାରମ୍ପରିକ ମାଦଳର ତାଳ ଓ କରମା ନୃତ୍ୟ ପରିବେଶକୁ ଆହୁରି ମନୋମୁଗ୍ଧକର କରିଥିଲା । କରମା ପରବ କେବଳ ଏକ ପର୍ବ ନୁହେଁ, ଏହା ଆଦିବାସୀ ସମାଜର ପ୍ରକୃତି, କୃଷି, ଭାଇଚାରା, ଏକତା ଓ ସାଂସ୍କୃତିକ ପରମ୍ପରାର ପ୍ରତୀକ । ଯୁବପିଢ଼ିଙ୍କ ମଧ୍ୟରେ ନିଜ ମାଟି ଓ ସଂସ୍କୃତି ପ୍ରତି ଆଗ୍ରହ ସୃଷ୍ଟି କରିବାରେ ଏଭଳି ଆୟୋଜନର ଗୁରୁତ୍ୱ ରହିଛି ବୋଲି ବିଶିଷ୍ଟ କଳାକାର ଶ୍ରୀଯୁକ୍ତ ଖଗେଶ୍ୱର ବାରିକ କହିଥିଲେ । ଏଥିସହ ଗୌରୀ ନର୍ସିଂ ସ୍କୁଲର ଅଧ୍ୟକ୍ଷ ରାଜୁ ପୃଷ୍ଟେଷ୍ଟ ଉପସ୍ଥିତି କଳାକାରମାନଙ୍କ ମନୋବଳକୁ ଦ୍ୱିଗୁଣିତ ଉତ୍ସାହିତ କରିଥିଲା । ଉପରପଡାରେ ବିଶିଷ୍ଟ ମାଦଳ ବାଦକ ସାଧୁ ଚରଣ କିଷାନଙ୍କ ଦ୍ୱାରା ଆୟୋଜିତ ଏହି କରମା ପରବରେ ବିଭିନ୍ନ ବୟସର ଲୋକଙ୍କ ସମାଗମ ହୋଇଥିଲା । ଏଥିରେ ଶବରା, କପଣ୍ଡୋ, ନୂଆଗାଁ, ବଲଡିହି, ଠାକୁରପାଲି, ଟାଙ୍ଗରପାଲି ଓ ପାଣ୍ଡୁରିଶିଳା ଆଦି ଅଂଚଳର ଲୋକନୃତ୍ୟ ଦଳ ଅଂଶଗ୍ରହଣ କରିଥିଲେ । ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ କରମା ଗୀତ, ମାଦଳର ତାଳ ଓ ଲୋକନୃତ୍ୟରେ ଉତ୍ସବସ୍ଥଳ ଉତ୍ସବମୁଖର ହୋଇଉଠିଥିଲା । କାର୍ଯ୍ୟକ୍ରମକୁ ଉଗ୍ରେସନ କିଷାନ ମଂଚ ପରିଚାଳନା କରିଥିଲେ । ଆୟୋଜନରେ ପୂର୍ଣ୍ଣିମା କିଷାନ, ନମିତା କିଷାନ, ଅକୁ କିଷାନ, ହରିହର କିଷାନ, ବୁଟୁ କିଷାନ, ଦୁଃଖୀୟା କିଷାନ, ନିର୍ମଳ କିଷାନ, ପ୍ରହଲ୍ଲାଦ, ଖତୁ କିଷାନ ଓ କ୍ଷୀରୋଦ କିଷାନ ପ୍ରମୁଖ ସହଯୋଗ କରିଥିଲେ । କରମା ପରବର ଏହି ଆୟୋଜନ ମାଧ୍ୟମରେ ଆଦିବାସୀ ଲୋକକଳା, ପରମ୍ପରା ଓ ସଂସ୍କୃତିର ସୁରକ୍ଷା ସହ ଆଗାମୀ ପିଢ଼ିକୁ ନିଜ ମାଟି ଓ ପରମ୍ପରା ସହ ଯୋଡ଼ି ରଖିବାର ଏକ ସାଂସ୍କୃତିକ ବାର୍ତ୍ତା ମଧ୍ୟ ଦିଆଯାଇଥିଲା ।

ନୂଆପଡ଼ା ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟରେ ସଡ଼କ ସୁରକ୍ଷା ନେଇ ସ୍ୱତନ୍ତ୍ର ଯାଂଚ; ୨୨ଟି ଚାଲାଣ, ପ୍ରାୟ ୪୭ ହଜାର ଟଙ୍କା ଜରିମାନା

ନୂଆପଡ଼ା, ୨୪/୦୯ (ଆ.ପ୍ର) : ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶକ୍ରମେ ସଡ଼କ ସୁରକ୍ଷା ଓ ମୋଟରଯାନ ଆଇନର ଅନୁପାଳନ ସୁନିଶ୍ଚିତ କରିବା ନେଇ ଜିଲ୍ଲା ମୁଖ୍ୟାଳୟ ସମ୍ମୁଖରେ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଯାଂଚ ଓ ପ୍ରବର୍ତ୍ତନ ଅଭିଯାନ କରାଯାଇଛି । ଅଭିଯାନ ସମୟରେ ପ୍ରାୟ ୫୦ରୁ ୬୦ଟି ଯାନ ଯାଂଚ କରାଯାଇଥିଲା । ବିଭିନ୍ନ ମୋଟରଯାନ ନିୟମ ଉଲ୍ଲଂଘନ ନେଇ ମୋଟ ୨୨ଟି ଚାଲାଣ କରାଯାଇ ପ୍ରାୟ ୪୭ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି । ସଡ଼କ ସୁରକ୍ଷା ପ୍ରତି ଜନସଚେତନତା ବୃଦ୍ଧି, ଟ୍ରାଫିକ ନିୟମ ପାଳନ ଏବଂ ଦାୟିତ୍ୱଶୀଳ ଯାନ ଚାଳନାକୁ ପ୍ରୋତ୍ସାହିତ କରିବା ନେଇ ପରିବହନ ବିଭାଗ ପକ୍ଷରୁ ଏଭଳି ଯାଂଚ ଓ ସଚେତନତାମୂଳକ ଅଭିଯାନ ଆଗକୁ ମଧ୍ୟ ଜାରି ରହିବ । ଏହି ଅଭିଯାନରେ ଏମ୍‌ଭିଆଇ ଉପେନ୍ଦ୍ର ପୁଷ୍ଟିକା, ଜୁନିୟର ଏମ୍‌ଭିଆଇ ବିଜୟ କୁମାର ପରିଡ଼ା, ଟିଏସ୍‌ଆଇ ପ୍ରଳୟ ମହାନ୍ତିଙ୍କ ସମେତ ଓଡ଼ିଶା ମୋଟରଯାନ ବିଭାଗର କନଷ୍ଟେବଳ ଏବଂ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ସଦସ୍ୟ ବିଜୟ ରାଉତରାୟ, ଯଜ୍ଞସେନୀ ମହାପାତ୍ର ଓ ଘନଶ୍ୟାମ ଭୋଇ ପ୍ରମୁଖ ସାମିଲ ଥିଲେ ।

ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ଗୋ ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର ଅନୁଷ୍ଠିତ

ରାମନାଗୁଡ଼ା, ୨୪/୦୯ (ଆ.ପ୍ର) : ଓଡ଼ିଶା ସରକାରଙ୍କର ନିର୍ଦ୍ଦେଶ କ୍ରମେ ସେବା ସଂକଳ୍ପ ଅଭିଯାନ ୨୦୨୬ ଅବସରରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଗତ ତା ୨୩/୯/୨୦୨୬ ରିଖ ଠାରୁ ୨୪/୯/୨୦୨୬ ରିଖ ମଧ୍ୟରେ ରାମନଗୁଡା ବ୍ଲକ ଅଧୀନରେ ଦୁଇ ଗୋଟି ଗୋ ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର ଅନୁଷ୍ଠିତ ହୋଯାଇଅଛି । ଗତ ତା ୨୩/୯/୨୦୨୬ ରିଖରେ କୁଜେନ୍ଦ୍ରି ଗ୍ରାମ ପଂଚାୟତ ଅଧିନସ୍ଥ କୁଜେନ୍ଦ୍ରି ଗ୍ରାମରେ ଓ ଆଜି ନିଲାମଗୁଡ଼ା ଗ୍ରାମ ପଂଚାୟତ ଅଧିନସ୍ଥ ଓମୋଡ଼ିଙ୍ଗି ଗ୍ରାମ ଗୋ ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର ଅନୁଷ୍ଠିତ ହେଇଥିଲା । ଏହି ଦୁଇଟି ଗୋ ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିରରେ ସର୍ବମୋଟ ୧୦୮ଗୋଟି ଗାଈମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଉପଯୁକ୍ତ ଔଷଧ ମାଗଣାରେ ବଂଟନ କରାଯାଇଥିଲା । ଏହି ଦୁଇଟି ଗୋ ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିରରେ ସର୍ବ ମୋଟ ୬୧ ଜଣ ଚାଷୀ ଉପକୃତ ହୋଇଥିଲେ । ଏହି ଦୁଇଟି ପ୍ରାଣୀ ଚିକିତ୍ସା ଶିବିରରେ ରାମନଗୁଡ଼ା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟର ଅଧିକାରୀ ଡ଼ାକ୍ତର କୃଷ୍ଣାନନ୍ଦ ବେହେରା ଓ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡାକ୍ତର ଗଣେଶ ସେଠୀ ଯୋଗଦାନ କରି ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଜିଲ୍ଲା ସ୍ତରୀୟ ଅଧିକାରୀ ହିସାବରେ ରାୟଗଡା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଶଶାଙ୍କ ଶେଖର ନାୟକ, ଅତିରିକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବିପ୍ର ଚରଣ ବେହେରା ଓ ଡାକ୍ତର ପ୍ରବୀର କୁମାର ମହାପାତ୍ର ଏବଂ ଉପ ନିର୍ଦ୍ଦେଶକ ଡାକ୍ତର ଦିଗଂତି ନାରାୟଣ ମିଶ୍ର ଯୋଗଦାନ କରି ପ୍ରାଣୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଉକ୍ତ ପ୍ରାଣୀ ଚିକିତ୍ସା ଶିବିରରେ ରାମନାଗୁଡା ପଂଚାୟତ ସମିତି ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ ଓ କୁଜେନ୍ଦ୍ରି ସରପଂଚ ରମେଶ ଚନ୍ଦ୍ର ଶବର ଯୋଗଦାନ କରି ଲୋକମାନଙ୍କୁ ପ୍ରାଣୀ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରିଥିଲେ । ଏଥିରେ ସ୍ଥାନୀୟ ପ୍ରାଣୀ ଧନ ନୀରିକ୍ଷକ ସୁକାନ୍ତି କୁମାରୀ ପଣ୍ଡା, ଅମରେନ୍ଦ୍ର ପଣ୍ଡା, ଦୀପକ କୁମାର ସାହୁ ଓ କେଦାରନାଥ ଗମାଙ୍ଗ ସହଯୋଗ କରିଥିଲେ । ସର୍ବ ଶେଷରେ ଉପସ୍ଥିତ ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଦଶପଲ୍ଲା, ୨୪/୦୯ (ଆ.ପ୍ର) : ଆୟୋଜିତ ସେବା ପକ୍ଷ ଅବସରରେ ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ଘୋଡାହାଣ୍ଡିସ୍ଥିତ ପଂଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯୁବ ସ୍ୱେଚ୍ଛାସେବୀ, ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ କ୍ଲବର ସଭାପତି ପ୍ରଫୁଲ୍ଲ କୁମାର ସାହୁ ଏବଂ ସମ୍ପାଦକ ପ୍ରକାଶ କୁମାର ସାହୁ ଉପସ୍ଥିତ ରହି ସଚେତନତା ସୃଷ୍ଟି କରିବା ସହ ବିଭିନ୍ନ କିସମର ଔଷଧୀୟ ତଥା ଛାୟାପ୍ରଦ ବୃକ୍ଷରୋପଣ କରିଥିଲେ । ପରିବେଶ ସୁରକ୍ଷା, ସ୍ୱଚ୍ଛତା ଏବଂ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଯୁବ ସ୍ୱେଚ୍ଛାସେବୀ ତଥା ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା । "ସ୍ୱଚ୍ଛ ବିଦ୍ୟାଳୟ, ସବୁଜ ପରିବେଶ" ବାର୍ତ୍ତା ନେଇ ସମସ୍ତ ଯୁବକ ଓ ଛାତ୍ରଛାତ୍ରୀ ଏହି ସେବା ମୂଳକ କାର୍ଯ୍ୟରେ ଅତ୍ୟନ୍ତ ଉତ୍ସାହର ସହିତ ସକ୍ରିୟ ଭାବେ ସାମିଲ ହୋଇଥିଲେ । ବିଦ୍ୟାଳୟ ପରିସର ସଫେଇ ସହିତ ସବୁଜିମା ଭରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ ।

ବାଲ୍ୟ ବିବାହକୁ ନା' କରିବା କଳାକାର ସଂଗଠନ ତରଫରୁ ଲୋକନୃତ୍ୟ କାର୍ଯ୍ୟକ୍ରମ



ଟିକାବାଲି, ୨୪/୦୯ (ଆ.ପ୍ର) : ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ଟିକାବାଲି ଓ ଚକାପାଦ ତରଫରୁ ବିଭିନ୍ନ ଗ୍ରାମରେ କଳା ନାଚ ଗୀତ ମଧ୍ୟରେ ସଚେତନ କରିଥିବା ଦେଖିବାକୁ ମିଳିଛି । ସେହିପରି ଟିକାବାଲି ବ୍ଲକର ଡାମିଗୁଡା, ପେନାଗାବେରୀ, ଡ଼ଙ୍ଗାଏଜୁ, ଦାସାଗୁଡା, ଟିକାବାଲି, ଓ ଚକାପାଦ ବ୍ଲକର ଅଲାର ସାହି, ନନ୍ଦିନୀ, ଚକାପାଦ, ଶଙ୍କରାଖୋଲା, ବପଲନେଣ୍ଡି । ଏହିପରି ୧୦ ଗୋଟି ଗ୍ରାମରେ ବାଲ୍ୟବିବାହ, ଶିଶୁସୁରକ୍ଷା, ଓ କିଶୋରୀ ବାଳିକା ଜନ ସଚେତନତା ଲୋକନୃତ୍ୟ ପରିବେଷଣ ଅନୁଷ୍ଠିତ ହୋଇଥିଲା, ଏଥିରେ କମ୍ ବୟସରେ ବିବାହ ହେଲେ ଛୁଆଁ ଜନ୍ମ ବେଳେ ଅସୁବିଧା ହୁଏ, ରକ୍ତ ହୀନତା ରୋଗ ଦେଖାଦିଏ, ବିକଳାଙ୍ଗ କିମ୍ବା ଦୁର୍ବଳ ଛୁଆଁ ଜନ୍ମ ହେବାର ସମ୍ଭାବନା ଥିବା ସହିତ ମା' ମଧ୍ୟ ମୃତ୍ୟୁ ହେବା ଆଶଙ୍କା ଥାଏ । ସେହିପରି କିଶୋରୀ ବାଳିକାଙ୍କୁ ସାନିଟେରୀ ପେଡ ବ୍ୟବହାର, ବିଏମ୍‌ଆଇ ହିମୋଗ୍ଲୋବିନ, ଏମ୍‌ଏସପିୱାଇ ଯୋଜନା, ଅଦ୍ୱିକା ଯୋଜନା, ଇଫ୍‌ହା ଟାବଲେଟ ସେବନ କରିବା ଏବଂ ନିଜକୁ ସଫା ସୁତାରା ରଖିବା ଉପରେ ସଚେତନ କରିଥିଲେ ଝିଅର ବୟସ ୨୧ ଓ ପୁଅର ବୟସ ୨୫ରୁ ଉର୍ଦ୍ଧ ହେଲେ ବିବାହ ଯୋଗ୍ୟ ହୋଇଥାଏ । ଯଦି ଏ କ୍ଷେତ୍ରରେ ତ୍ରୁଟି ଦେଖାଦିଏ ତେବେ ୧୦୦ ନମ୍ବର-ପୋଲିସି ଷ୍ଟେସନ, ୧୦୯୮ -ଶିଶୁ ହେଲ୍ପ ଲାଇନି ଓ ମହିଳା ହେଲ୍ପ ଲାଇନି ୧୮୧କୁ ଫୋନ ଯୋଗେ ବାର୍ତ୍ତା ଦେବାକୁ ସଚେତନ କରିଥିଲେ । ବନବାସୀ କଳା ସାଂସ୍କୃତିକ ପରିଷଦର କଳାକାର କୃଷ୍ଣା ଚନ୍ଦ୍ର ଡିଗାଲ, ମୋହନ ମୁରଲୀ, ସୁଜତା, ସମୀର, ଲାବନି ଓ ସ୍ନେହା ଏହିପରି କଳାକାର ବୃନ୍ଦ ଅତି ସୁନ୍ଦର ଭାବରେ ବିଷୟ ବସ୍ତୁ ଉପରେ ସଚେତନ କରିଥିଲେ ।

ବର୍ଷାରେ ବଡ଼ଭୀମାଗୁଡ଼ା ଗସ୍ତ କଲେ ବିଧାୟକ କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିଲେ; କ୍ଷୟକ୍ଷତି ଆକଳନ ସହ ସରକାରୀ ସହାୟତା ପ୍ରଦାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ

ଝରିଗାଁ, ୨୪/୦୯ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍ ଅନ୍ତର୍ଗତ ଧୋଡ଼ରା ପଂଚାୟତର ବଡ଼ଭୀମାଗୁଡ଼ା ଗ୍ରାମରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଅନେକ ପରିବାର ପ୍ରଭାବିତ ହୋଇଛନ୍ତି । ବର୍ଷାର ପ୍ରଭାବରେ କେତେକ ଘର ଭୁଶୁଡ଼ି ପଡ଼ିଥିବା ବେଳେ ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଏଭଳି ସ୍ଥିତିରେ ଝରିଗାଁ ବିଧାୟକ ନରସିଂହ ଭତରା ବଡ଼ଭୀମାଗୁଡ଼ା ଗ୍ରାମ ଗସ୍ତ କରି ବର୍ଷାଜନିତ କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିଥିଲେ । ସେ ପ୍ରଭାବିତ ପରିବାରଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝିବା ସହ ଆବଶ୍ୟକ ସହାୟତା ଯୋଗାଇଦେବା ନେଇ ଆଶ୍ୱାସନ ଦେଇଥିଲେ । ଏହି ଅବସରରେ ବିଧାୟକ ସ୍ଥାନୀୟ ଯୁବକ ଓ ଗ୍ରାମବାସୀଙ୍କୁ ବର୍ଷା ସମୟରେ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ । ଅତ୍ୟାବଶ୍ୟକ କାମ ନଥିଲେ ଘରୁ ବାହାରକୁ ନବାହାରିବାକୁ ସେ କହିଥିଲେ । ବିଶେଷକରି ତିତ୍ରି ନଦୀର ଜଳସ୍ତର ଓ ପାଣି ପ୍ରବାହ ପ୍ରତି ନଜର ରଖି ସତର୍କ ରହିବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା । ବିଧାୟକ ସୁରେଶ କଲାର, ରୂପଧର ଭତରା ଓ ଘନ ଭତରାଙ୍କ ସମେତ ଅନ୍ୟ ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିଥିଲେ । କ୍ଷତିଗ୍ରସ୍ତ ପରିବାରମାନଙ୍କ କ୍ଷୟକ୍ଷତିର ତୁରନ୍ତ ଆକଳନ କରି ସରକାରୀ ନିୟମ ଅନୁଯାୟୀ ଆବଶ୍ୟକ ସହାୟତା ପ୍ରଦାନ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ବିଧାୟକଙ୍କ ସହଯୋଗୀ ଓ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ପ୍ରଭାବିତ ଅଂଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ । ତହସିଲ କାର୍ଯ୍ୟାଳୟର ଆରଆଇ ଶିବନାଥ ମଣ୍ଡଳ ମଧ୍ୟ ସ୍ଥିତି ପରିଦର୍ଶନ କରି କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ କରିଥିବା ଜଣାପଡ଼ିଛି । ପ୍ରଭାବିତ ଲୋକଙ୍କୁ ତରିପାଲ ଯୋଗାଇ ଦିଆଯାଇଥିବା ମଧ୍ୟ ଜଣାପଡ଼ିଛି । ବର୍ଷା ଯୋଗୁଁ ଘରବାଡ଼ି କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ସହ କ୍ଷୟକ୍ଷତିର ଆକଳନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ବର୍ଷା ଜାରି ରହିଥିବାରୁ ପ୍ରଭାବିତ ପରିବାରଙ୍କ ପାଇଁ ଖାଦ୍ୟ, ପାନୀୟ ଜଳ ଓ ଆବଶ୍ୟକ ରିଲିଫ୍ ବ୍ୟବସ୍ଥା କରିବାକୁ ମଧ୍ୟ ଦାବି ହୋଇଛି । ଅଧିକ ବର୍ଷା ହେଲେ ଆହୁରି କ୍ଷୟକ୍ଷତିର ଆଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନେବା ସହ ପ୍ରଭାବିତ ଲୋକଙ୍କ ନିକଟରେ ତୁରନ୍ତ ସହାୟତା ପହଂଚାଇବାକୁ ଗ୍ରାମବାସୀ ଓ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

ଗଜପତିରେ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ପ୍ରତିକୂଳ ପାଗ ପାଇଁ ଗର୍ଭବତୀ ମା' ମାନଙ୍କୁ ଉଦ୍ଧାର

ପାରଳାଖେମୁଣ୍ଡି, ୨୪/୦୯ (ଆ.ପ୍ର) : ଗଜପତି ଜିଲ୍ଲାରେ ପ୍ରତିକୂଳ ପାଗ ଏକ ବିପଦ ବାନ୍ଧିଛି । ସେଥିପାଇଁ ଜିଲ୍ଲା ପ୍ରଶାସନ କିଛି ସତର୍କତାମୂଳକ ପଦକ୍ଷେପ ନେଇଥିବା ବେଳେ କିଛି ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ଏଦିଗରେ ବିରଳ ଉଦ୍ୟମ ଜାରୀ ରଖିଛନ୍ତି । ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଏସ୍‌ଡବ୍ଲ୍ୟୁଡବ୍ଲ୍ୟୁଏସ୍ ରାୟଗଡ ବ୍ଲକର ଦୁର୍ଗମ ଗ୍ରାମରୁ ଗର୍ଭବତୀ ମା' ମାନଙ୍କୁ ନିଜର ଉମ୍ବାପୁର ମାଗୃହ ଠାରେ ନିଜର ପରିବହନ ଦ୍ୱାରା ଆଣି ରଖିଛନ୍ତି । ସତର୍କତା ମୂଳକ ପଦକ୍ଷେପ ଦ୍ୱାରା ସେମାନେ ସୁଦୂର ଜଲାଙ୍ଗ, ଓମେଡା, କରଡାସିଂ ଓ ଗଣ୍ଡାହାତୀରୁ ୧୦ ଜଣ ଗର୍ଭବତୀ ମା'ଙ୍କୁ ଆଣି ନିଜର ମା ଗୃହରେ ରଖିଛନ୍ତି । ଏଥିପାଇଁ ସେମାନଙ୍କ ଉମ୍ବାପୁର କର୍ମୀମାନେ ବହୁ ଉଦ୍ୟମ କରିଥିଲେ । ସେହିଭଳି ଆରଉଦୟଗିରି ବ୍ଲକର ଡେରବା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଥିବା ଶିଆଳିଲଟି ଏସଏସଡି ହାଇସ୍କୁଲରେ ବାତ୍ୟାକୁ ଦୃଷ୍ଟିରେ ରଖି ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରିଥିଲେ । ସେହିପରି ନୂଆଗଡ ବ୍ଲକର ପିସ୍ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଖଜୁରିପଦା ମା' ଗୃହ ଠାରେ ନିକଟସ୍ଥ ଦୁର୍ଗମ ଗ୍ରାମରୁ ଗର୍ଭବତୀ ମା'ମାନଙ୍କୁ ଆଣି ରଖିଛନ୍ତି । ଉଭୟ ସଂଗଠନ ଦ୍ୱାରା ସେହି ମହିଳାମାନଙ୍କ ପାଇଁ ରହିବା ଓ ଖାଇବାର ସୁବନ୍ଦୋବସ୍ତ କରାଯାଇଛି । ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହ ଯୋଗାଯୋଗ କରାଯାଇ ସେମାନଙ୍କ ଯତ୍ନ ନିଆଯାଉଛି । ନିକଟରେ ଗଜପତି ସିଡିଏମଓ ଓ ଡିପିଏମ୍ ଉକ୍ତ କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରି ମା ମାନଙ୍କର ଉପଚାର ବ୍ୟବସ୍ଥା ତଦାରଖ କରିଥିଲେ ।

ଜିଲ୍ଲା ପ୍ରଶାସନ ତରଫରୁ ଛାତ୍ରଛାତ୍ରୀଙ୍କ ଖାଦ୍ୟର ଗୁଣବତା ଓ ଖାଦ୍ୟ ସାମଗ୍ରୀର ମହଜୁଦ ସ୍ଥିତି ଯାଂଚ

ନବରଙ୍ଗପୁର, ୨୪/୦୯ (ଆ.ପ୍ର) : ଜିଲ୍ଲା ପ୍ରଶାସନ ପକ୍ଷରୁ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ବ୍ୟବସ୍ଥା, ଖାଦ୍ୟର ଗୁଣବତା ଏବଂ ସରକାରୀ ନିର୍ଦ୍ଧାରିତ ମାନଦଣ୍ଡର ଅନୁପାଳନ ସମ୍ପର୍କରେ ନିୟମିତ ତଦାରଖ କରାଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ପାପଡ଼ାହାଣ୍ଡି ବ୍ଲକ୍ ଅନ୍ତର୍ଗତ ଦକେଇଗୁଡ଼ା ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମାନ ଆକସ୍ମିକ ପରିଦର୍ଶନ କରିଥିଲେ । ତାଙ୍କ ସହ ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳଦେବ ସାହୁ, ଜିଲ୍ଲା ପ୍ରକଳ୍ପ ଅଧିକାରୀ (ଡିପିଓ) ହିମାଂଶୁ ଶେଖର ପଟନାୟକ ଉପସ୍ଥିତ ଥିଲେ । ପରିଦର୍ଶନ ସମୟରେ ଅଧିକାରୀମାନେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପରିବେଷଣ କରାଯାଉଥିବା ଖାଦ୍ୟର ଗୁଣବତା, ପରିମାଣ ଓ ପରିଚ୍ଛନ୍ନତା ଯାଂଚ କରିଥିଲେ । ଖାଦ୍ୟ ପ୍ରସ୍ତୁତି ଓ ପରିବେଷଣ ସମୟରେ ଆବଶ୍ୟକ ସ୍ୱଚ୍ଛତା ଏବଂ ସ୍ୱାସ୍ଥ୍ୟକର ପରିବେଶ ବଜାୟ ରହୁଛି କି ନାହିଁ, ତାହା ମଧ୍ୟ ଅନୁଧ୍ୟାନ କରାଯାଇଥିଲା । ଏଥିସହ ବିଦ୍ୟାଳୟରେ ଉପଲବ୍ଧ ଚାଉଳ, ପନିପରିବା ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ଷ୍ଟକ୍ ସ୍ଥିତି ଯାଂଚ କରାଯାଇଥିଲା । ମହଜୁଦ ଖାଦ୍ୟ ସାମଗ୍ରୀର ପରିମାଣ, ସଂରକ୍ଷଣ ପ୍ରଣାଳୀ ଓ ରେକର୍ଡ ସମ୍ପର୍କରେ ଅଧିକାରୀମାନେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ତଥ୍ୟ ନେଇଥିଲେ । ପରିଦର୍ଶନ ଅବସରରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ଗୁଣାତ୍ମକ, ପୁଷ୍ଟିକର ଓ ସୁରକ୍ଷିତ ଖାଦ୍ୟ ଯୋଗାଣ ସୁନିଶ୍ଚିତ କରିବା ସହ ଖାଦ୍ୟ ସାମଗ୍ରୀର ଯଥାଯଥ ସଂରକ୍ଷଣ ଓ ଷ୍ଟକ୍ ରେକର୍ଡ ନିୟମିତ ଭାବେ ଅଦ୍ୟତନ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରଛାତ୍ରୀଙ୍କ କଲ୍ୟାଣ, ଉତ୍ତମ ଶିକ୍ଷା ପରିବେଶ, ପୁଷ୍ଟିକର ଖାଦ୍ୟ ଓ ଆବଶ୍ୟକ ସୁବିଧା ସୁନିଶ୍ଚିତ କରିବା ନିମନ୍ତେ କ୍ଷେତ୍ରସ୍ତରୀୟ ତଦାରଖ ଓ ଅନୁଧ୍ୟାନ ଜାରି ରହିବ ବୋଲି ଜଣାପଡ଼ିଛି ।

ଜାତୀୟ ସେବା ଯୋଜନା ଦିବସରେ ଜିଆଇଇଟିର ମହତ୍ ପଦକ୍ଷେପ, ମେଗା ରକ୍ତଦାନ ଶିବିରରେ ୪୮୪ ୟୁନିଟ୍ ରକ୍ତ ସଂଗ୍ରହ

ଗୁଣପୁର, ୨୪/୦୯ (ଆ.ପ୍ର) : ଜାତୀୟ ସେବା ଯୋଜନା ଦିବସ ଅବସରରେ ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ପକ୍ଷରୁ ଏକ ବୃହତ୍ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରରେ ମୋଟ ୪୮୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଶିବିରକୁ ଗୁଣପୁର ଡେପୁଟି କଲେକ୍ଟର ଶୁଭ୍ରସ୍ମିତ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ନିଜ ଛାତ୍ରଜୀବନରେ ଜାତୀୟ ସେବା ଯୋଜନାର ସକ୍ରିୟ ସ୍ୱେଚ୍ଛାସେବୀ ଭାବେ ଏଭଳି ରକ୍ତଦାନ ଶିବିର ପରିଚାଳନାରେ ମୁଖ୍ୟ ଭୂମିକା ନେଇଥିବା ସେ ସ୍ମୃତିଚାରଣ କରିଥିଲେ । ଏଥିସହ ରକ୍ତଦାନର ମହତ୍ୱ ସମ୍ପର୍କରେ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସ୍ ଚାନ୍ସେଲର ଡଏଭିଏନ୍‌ଏଲ୍ ଶର୍ମା, ପରୀକ୍ଷା ନିୟନ୍ତ୍ରକ ଡପି ବିଜୟ କୁମାର, ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଅଧ୍ୟକ୍ଷ ଡକେ ମୁରଲୀ ଗୋପାଳ, ସ୍କୁଲ୍ ଅଫ୍ ନର୍ସିଂର ଅଧ୍ୟକ୍ଷା କେ. ଜୟଶ୍ରୀ, ଡ. ପ୍ରତିଭା କର ଓ ଡା. ଏସ୍‌ଏସ୍ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଶିବିରର ସୁଚାରୁ ପରିଚାଳନାରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ୟୁନିଟ୍-୧ ବାଣୀ ପ୍ରସାଦ ନାୟକ, ଡ. ପ୍ରେମାଂଶୁ ଶେଖର ରଥ, ପ୍ରମୋଦ ରଞ୍ଜନ ପଣ୍ଡା, ଗୋପାଳ କୃଷ୍ଣ ମହନ୍ତ, ଡ. ସୀମାଦ୍ରୀ ରାଜେଶ୍ୱରୀ, ଡ. ରବୀନ୍ଦ୍ର କୁମାର ମିଶ୍ର, ରବୀନ୍ଦ୍ର କୁମାର ପଣ୍ଡା, କୃଷ୍ଣ ପ୍ରସାଦ ଦାସ ଓ ଜସିଲ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ । ରକ୍ତ ସଂଗ୍ରହ ପାଇଁ ଗୁଣପୁର ରକ୍ତଭଣ୍ଡାରର ଡାକ୍ତର ଆୟୁଷକାନ୍ତ ବେହେରା, ଟେକ୍ନିସିଆନ୍ ରାକେଶ କୁମାର ପଣ୍ଡା, ସଙ୍ଗୀତା ନାୟକ ଓ ରୋଜୀ ନାୟକ ପ୍ରମୁଖ ଯୋଗଦେଇ ୧୪୪ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ । ସେହିପରି ଏମ୍‌କେସିଜି ମେଡିକାଲ କଲେଜ ରକ୍ତଭଣ୍ଡାରର ଡାକ୍ତର ବି. ଲୋକେଶ ରେଡ୍ଡୀ, ଟେକ୍ନିସିଆନ୍ ପ୍ରଦୀପ କୁମାର ସୁବୁଦ୍ଧି, କାଳୁ ସେଠୀ, ଆଲୋକ ମହାନ୍ତି ଓ ଦେବରାଜ ଭୋଇ ପ୍ରମୁଖ ଯୋଗଦେଇ ୨୦୦ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ । ରାୟଗଡ଼ା ରକ୍ତଭଣ୍ଡାର ପକ୍ଷରୁ ଡାକ୍ତର ସୁଦୀପ କୁମାର ରାମ, ଡାକ୍ତର ପବନ କୁମାର ସେନାପତି, ଟେକ୍ନିସିଆନ୍ ସରୋଜ କୁମାର ଆଚାର୍ଯ୍ୟ, ଉମାକାନ୍ତ ମିଶ୍ର ଓ ଜଗନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ୧୪୦ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରରେ ବିଶ୍ୱବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଉତ୍ସାହର ସହ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ରକ୍ତଦାନ କରିଥିବା ସମସ୍ତ ଦାତାଙ୍କୁ ମାନପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା । ଜାତୀୟ ସେବା ଯୋଜନା ଦିବସ ପାଳନ ଅବସରରେ ପୂର୍ବରୁ ରଚନା, ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା । ଆଜି ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଶିଲ୍ଡ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଏହାପରେ ଏମ୍‌କେସିଜି ମେଡିକାଲ କଲେଜ ରକ୍ତଭଣ୍ଡାର ପକ୍ଷରୁ ଜିଆଇଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ଏଭଳି ବୃହତ୍ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିବାରୁ ବିଶ୍ୱବିଦ୍ୟାଳୟକୁ ମାନପତ୍ର ଓ ଶିଲ୍ଡ ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଶ୍ୱବିଦ୍ୟାଳୟର ସଭାପତି ଡ. ସତ୍ୟ ପ୍ରକାଶ ପଣ୍ଡା, ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା, ଉପକୁଳପତି ଡ. ଗୌତମ ଘୋଷ ଓ ରେଜିଷ୍ଟ୍ରାର ଡ. ଏନ୍‌ଭି ଜଗନ୍ନାଥ ରାଓ ପ୍ରମୁଖ ସମସ୍ତ ରକ୍ତଦାତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏଭଳି ମହତ୍ ସେବା କାର୍ଯ୍ୟକୁ ଆଗାମୀ ଦିନରେ ମଧ୍ୟ ଜାରି ରଖିବା ପାଇଁ ସେମାନେ ପରାମର୍ଶ ଦେଇଥିଲେ ।

ଘରୋଇ ହସ୍ପିଟାଲରେ ମହିଳା କର୍ମଚାରୀଙ୍କ ମୃତଦେହ ଉଦ୍ଧାର

ଭଦ୍ରକ, ୨୪/୦୯ (ଆ.ପ୍ର) : ଭଦ୍ରକ ପୁରୁଣାବଜାର ଥାନା ଅଧୀନ ଆରଏମସି ମାର୍କେଟ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଜଣେ ମହିଳା କର୍ମଚାରୀଙ୍କ ମୃତ୍ୟୁକୁ ନେଇ ଚାଂଚଲ୍ୟ ସୃଷ୍ଟି ହୋଇଛି । ମୃତ ମହିଳା କର୍ମଚାରୀ ହେଲେ ଚାନ୍ଦବାଲି ଥାନା ଅଧୀନ କରାଣ୍ଡିମାଳ ଅଂଚଳର ବିଜୟ ସାହୁଙ୍କ ୨୧ ବର୍ଷୀୟା ଝିଅ ଶୁଭଲକ୍ଷ୍ମୀ ସାହୁ । ପ୍ରାଥମିକ ସୂଚନା ଅନୁଯାୟୀ, ଶୁଭଲକ୍ଷ୍ମୀ ଭଦ୍ରକ ପୁରୁଣାବଜାର ଥାନା ଅଧୀନ ଆରଏମସି ମାର୍କେଟ ନିକଟସ୍ଥ 'ଲାଇଫ୍ ହେଲଥ କେୟାର (ଚାନ୍ଦ ହସ୍ପିଟାଲ')ରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ । ହସ୍ପିଟାଲ ପରିସରରେ ତାଙ୍କ ମୃତ୍ୟୁ ଘଟିଥିବା ଖବର ପ୍ରଚାର ହେବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା ।

ପୂର୍ବସୂରି ବକ୍ତୃତାମାଳାରେ ଭାରତର ସମାବେଶୀ ସାମାଜିକ କଲ୍ୟାଣ ଉପରେ ଆଲୋଚନା

ନୀଳଗିରି, ୨୪/୦୯ (ଆ.ପ୍ର) : ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ପୂର୍ବସୂରି ବକ୍ତୃତାମାଳା କାର୍ଯ୍ୟକ୍ରମ ଅବସରରେ "ଭାରତରେ ସମାବେଶୀ ସାମାଜିକ କଲ୍ୟାଣ" ଶୀର୍ଷକରେ ଏକ ବିଶେଷ ବ୍ୟାଖ୍ୟାନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ବେଳେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ପ୍ରଫେସର ଷଡ଼ଙ୍ଗୀ ନିଜ ବିସ୍ତୃତ ଉପସ୍ଥାପନାରେ ଭାରତରେ ସାମାଜିକ କଲ୍ୟାଣର ଅର୍ଥ, ଗୁରୁତ୍ୱ ଓ ପରିବର୍ତ୍ତିତ ରୂପ ବିଷୟରେ ସମ୍ୟକ୍ ଆଲୋଚନା କରିଥିଲେ । ସେ ସାମାଜିକ କଲ୍ୟାଣର ପ୍ରମୁଖ କୌଶଳ ଓ ଏହାର ବିକାଶରେ ପ୍ରଭାବ ପକାଇଥିବା ଚିନ୍ତାଧାରା ଓ ନୀତିଗତ ଆଧାର ସମ୍ପର୍କରେ ବିସ୍ତୃତ ମତ ରଖିଥିଲେ । ସମୟ ସହିତ ମୌଳିକ ଆବଶ୍ୟକତାର ଧାରଣା କିପରି ବଦଳିଛି ଏବଂ ପରିବର୍ତ୍ତିତ ସାମାଜିକ ପରିସ୍ଥିତି ଅନୁଯାୟୀ କଲ୍ୟାଣର ଅଗ୍ରାଧିକାରକୁ ପୁନଃବିଚାର କରିବାର ଆବଶ୍ୟକତା ଥିବା ଉଲ୍ଲେଖ କରିଥିଲେ । ସେ ନାଗରିକଙ୍କ ଅଂଶଗ୍ରହଣ, ଜନମତ ଓ ପରିବର୍ତ୍ତିତ ସାମାଜିକ ଚିନ୍ତାଧାରା ସହିତ କଲ୍ୟାଣ ନୀତିର ବଢୁଥିବା ସମ୍ପର୍କକୁ ଆଲୋଚନା କରି ନାଗରିକକେନ୍ଦ୍ରିକ, ଦାୟିତ୍ୱଶୀଳ ଓ ସମାବେଶୀ ପ୍ରଶାସନର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ । ପ୍ରଫେସର ଷଡ଼ଙ୍ଗୀ କହିଥିଲେ ଯେ, ପରିବର୍ତ୍ତିତ ସାମାଜିକ, ଆର୍ଥିକ ଓ ବିକାଶମୂଳକ ପରିସ୍ଥିତି ପାରମ୍ପରିକ ଦୁର୍ବଳତା ତଥା ଅସୁରକ୍ଷିତତାର ଧାରଣାକୁ ନୂଆ ଆହ୍ୱାନ ଦେଉଛି । ସେ ଛାତ୍ରଛାତ୍ରୀଙ୍କୁ ସାମାଜିକ କଲ୍ୟାଣକୁ କେବଳ ସୁବିଧା ବଂଟନରେ ସୀମିତ ନରଖି ସମାବେଶ, ମର୍ଯ୍ୟାଦା, ଅଂଶଗ୍ରହଣ, ସାମାଜିକ ସୁରକ୍ଷା ଓ ନ୍ୟାୟର ବ୍ୟାପକ ପରିସରରେ ବୁଝିବାକୁ ଆହ୍ୱାନ କରିଥିଲେ । ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, ସାମାଜିକ ଅସୁରକ୍ଷିତତାକୁ ଦେଖିବାର ଦୃଷ୍ଟିକୋଣରେ ବଡ଼ ପରିବର୍ତ୍ତନ ଆସିଛି । ସମାଜର ବିଭିନ୍ନ ବର୍ଗ ସମ୍ମୁଖୀନ ହେଉଥିବା ନୂତନ ଆହ୍ୱାନକୁ ବୁଝିବା ପାଇଁ ବ୍ୟାପକ ଦୃଷ୍ଟିଭଙ୍ଗୀ ଆବଶ୍ୟକ ବୋଲି ସେ ମତ ରଖିଥିଲେ । ସମାବେଶୀ ଓ ସମାନ ବିକାଶ ପାଇଁ ସାମାଜିକ ସୁରକ୍ଷା ଓ ସାମାଜିକ ନ୍ୟାୟ ପ୍ରତି ନିରନ୍ତର ଧ୍ୟାନ ଦେବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ "ମନ କି ବାତ" କାର୍ଯ୍ୟକ୍ରମର ପ୍ରଶଂସା କରି କୁଳପତି କହିଥିଲେ ଯେ, ଏହା ସାଧାରଣ ଲୋକଙ୍କ ମତାମତ, ସମସ୍ୟା ଓ ପ୍ରଶ୍ନକୁ ସିଧାସଳଖ ଭାବେ ଶୁଣିବା ଏବଂ ତୃଣମୂଳ ସ୍ତରର ସମସ୍ୟା ବୁଝିବାର ଏକ ଉପଯୁକ୍ତ ମାଧ୍ୟମ । ନାଗରିକଙ୍କ ପ୍ରତି ଅଧିକ ଦାୟିତ୍ୱଶୀଳ ପ୍ରଶାସନ ଗଠନରେ ଯୋଗାଯୋଗର ଗୁରୁତ୍ୱ ଥିବା ସେ କହିଥିଲେ । ବ୍ୟାଖ୍ୟାନ ପରେ ଛାତ୍ରଛାତ୍ରୀଙ୍କ ସହ ପ୍ରଶ୍ନୋତ୍ତର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରଫେସର ଦେବାଶିଷ ପାତ୍ର ସଂଯୋଜନା କରିଥିବା ବେଳେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ ଧନ୍ୟବାଦ ଜ୍ଞାପନ କରିଥିଲେ ।

ଦ.ପୂ ରେଳବାଇ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର- ୭୨୧୩୦୧ ଡିଭିଜନାଲ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ) ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖିତ ତାରିଖରେ ୧୫:୦୦ ଘଂଟା ପୂର୍ବରୁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି ଏବଂ ୧୫:୩୦ ଘଂଟାରେ ଖୋଲାଯିବ । କ୍ରମାଙ୍କ ସଂଖ୍ୟା: ୧; ଟେଣ୍ଡର ସଂଖ୍ୟା:- E-KGP-WEST-୪୦-୨୦୨୬; କାର୍ଯ୍ୟର ବର୍ଣ୍ଣନା:- ଖଡ଼ଗପୁର-ଟାଟା ଏବଂ ଖଡ଼ଗପୁର-ମିଦନାପୁର । DEN/West/KGP ର ଅଧିକାରକ୍ଷେତ୍ର ଅଧୀନରେ ଶୁଭ୍ର ଏବଂ ଗମନ ଅବଧି ଭିତିରେ ବିକାଶଜନିତ ସୁବିଧା ପାଇଁ ଅନେକ ପୁନ କରିବା । (ଦ୍ୱିତୀୟ ଆହ୍ୱାନ); ଟେଣ୍ଡର ମୂଲ୍ୟ (ଟଙ୍କା):- ୩,୬୭,୩୮,୬୧୯.୨୪; ଅଗ୍ରୀମ ଟଙ୍କା (ଟଙ୍କା):- ୨,୫୪,୮୦୦.୦୦ । କ୍ରମାଙ୍କ ସଂଖ୍ୟା:- ୨; ଟେଣ୍ଡର ନମ୍ବର: E-KGP-WEST-୪୧-୨୦୨୬; କାର୍ଯ୍ୟର ବର୍ଣ୍ଣନା:- ବିଭୂଷୋନା ଭକ୍ତ ADEN/JGM ର ଅଧିକାର କ୍ଷେତ୍ର ଅନ୍ତର୍ଗତ ଉଚ୍ଚସ୍ତରୀୟ ପ୍ଲାଟଫର୍ମ, FOB ଏବଂ ଅନ୍ୟାନ୍ୟ ଯାତ୍ରୀ ସୁବିଧା ନିର୍ମାଣ । (ଦ୍ୱିତୀୟ କଲ) ଟେଣ୍ଡର ମୂଲ୍ୟ (ଟଙ୍କା):- ୬,୧୨,୭୩,୧୪୬.୧୫; ଅଗ୍ରୀମ ଟଙ୍କା (ଟଙ୍କା):- ୧୨,୨୫,୫୦୦.୦୦ । କ୍ରମ ସଂଖ୍ୟା:- ୩; ଟେଣ୍ଡର ନମ୍ବର:- E-KGP-HQ-୪୪-୨୦୨୬; କାର୍ଯ୍ୟର ବର୍ଣ୍ଣନା:- ADEN/Tamluk ର ଅଧିକାର କ୍ଷେତ୍ର ଅନ୍ତର୍ଗତ ଦେଉଳିଆ-ଆଉସୁର୍ଣ୍ଣ ଦେବା ଷ୍ଟେସନ ମଧ୍ୟରେ LC ନମ୍ବର TD-33, TD-42, TD-61, TD-78 ରେ ୪ ଟି ରେଲୱେ କୁଟିଂ ନିର୍ମାଣ କରି ୪ ଟି ରେଲୱେ କୁଟିଂର ଉନ୍ନତ କାର୍ଯ୍ୟକ୍ରମ; ଟେଣ୍ଡର ମୂଲ୍ୟ (ଟଙ୍କା):- ୩୧,୯୦,୯୨,୫୮୩.୮୮; ଅଗ୍ରୀମ ଟଙ୍କା (ଟଙ୍କା):- ୬୩,୮୧,୯୦୦.୦୦ । କ୍ରମ ସଂଖ୍ୟା:- ୪; ଟେଣ୍ଡର ସଂଖ୍ୟା:- E-KGP-HQ-୪୫-୨୦୨୬; କାର୍ଯ୍ୟର ବର୍ଣ୍ଣନା:- ADEN/TMZ ର କ୍ଷେତ୍ରାଧିକାର ଅନ୍ତର୍ଗତ ହେନରିଆ-ଦିଘା ସେକ୍ସନରେ LC ନମ୍ବର TD-44, TD-58, TD-74, TD-88, TD-97 ରେ ୫ ଟି ରେଲୱେ କୁଟିଂ ନିର୍ମାଣ କରି ୫ ଟି ରେଲୱେ କୁଟିଂର ଉନ୍ନତ କାର୍ଯ୍ୟକ୍ରମ । ଟେଣ୍ଡର ମୂଲ୍ୟ (ଟଙ୍କା):- ୩୪,୦୬,୮୦,୬୪୮.୫୫; ଅଗ୍ରୀମ ଟଙ୍କା (ଟଙ୍କା):- ୬୮,୧୩,୬୦୦.୦୦ । କ୍ରମ ସଂଖ୍ୟା :- ୫; ଟେଣ୍ଡର ନମ୍ବର:- E-KGP-HQ-୪୬-୨୦୨୬; କାର୍ଯ୍ୟର ବର୍ଣ୍ଣନା:- ADEN/Tamluk ର କ୍ଷେତ୍ରାଧିକାର ଅଧୀନରେ SMTG(PH) - BYSA ଏବଂ LSGS - NCN ଷ୍ଟେସନ ମଧ୍ୟରେ LC ନମ୍ବର PH-18, PH-47 ଏବଂ TD-17, TD-23 ଏବଂ TD-36 ରେ ୫ ଟି ରେଲୱେ କୁଟିଂ ନିର୍ମାଣ କରି ୫ ଟି ରେଲୱେ କୁଟିଂର ଉନ୍ନତ କାର୍ଯ୍ୟକ୍ରମ । ଟେଣ୍ଡର ମୂଲ୍ୟ (ଟଙ୍କା):- ୩୩,୩୦,୪୮,୩୮୪.୯୬; ଅଗ୍ରୀମ ଟଙ୍କା (ଟଙ୍କା):- ୬୬,୬୧,୦୦୦.୦୦ । କ୍ରମାଙ୍କ ସଂଖ୍ୟା:- ୬; ଟେଣ୍ଡର ସଂଖ୍ୟା:- E-KGP-HQ-୪୭-୨୦୨୬; କାର୍ଯ୍ୟର ବର୍ଣ୍ଣନା:- ADEN/ସେଟେଲାଇଟ/KGP ଅଧୀନସ୍ଥ SSE(W)/ଉତ୍ତର-ପୂର୍ବ/ଖଡ଼ଗପୁର ଷ୍ଟେସନରେ ରେଳବାଇ କ୍ୱାର୍ଟର୍ସ ଏବଂ ସେବା ବୋଠରୀଗୁଡ଼ିକର ଉନ୍ନତି ପାଇଁ ବିଭାଗୀୟ କୋଠା ରକ୍ଷଣାବେକ୍ଷଣ କାର୍ଯ୍ୟ, ଟେଣ୍ଡର ମୂଲ୍ୟ (ଟଙ୍କା):- ୪,୮୭,୪୨,୨୯୨.୬୬; ଅଗ୍ରୀମ ଟଙ୍କା (ଟଙ୍କା):- ୯,୬୪,୯୦୦.୦୦ । କ୍ରମାଙ୍କ ସଂଖ୍ୟା:- ୭; ଟେଣ୍ଡର ସଂଖ୍ୟା:- E-KGP-HQ-୪୮-୨୦୨୬; କାର୍ଯ୍ୟର ବର୍ଣ୍ଣନା:- ADEN/ହେଡ କ୍ୱାର୍ଟର/ଖଡ଼ଗପୁର କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର ବସତି, ଷ୍ଟେସନ, ମୁଖ୍ୟ କାର୍ଯ୍ୟଶାଳା, VIP ବିଶ୍ରାମ ଗୃହ, ଅଫିସ ବଙ୍ଗଳା ଏବଂ BNR ଭବନ ପାଇଁ ୦୧.୦୬.୨୦୨୬ ରୁ ୩୦.୦୬.୨୦୨୮ (୦୨ ବର୍ଷ ପାଇଁ) ପାଇଁ ଉଦ୍ୟାନ କୃଷି ବୋନାଲ କାର୍ଯ୍ୟର ସମ୍ପାଦନ; ଟେଣ୍ଡର ମୂଲ୍ୟ (ଟଙ୍କା):- ୧,୨୦,୮୦,୩୬୫.୬୬; ଅଗ୍ରୀମ ଟଙ୍କା (ଟଙ୍କା):- ୨,୨୧,୬୦୦.୦୦ । କ୍ରମ ସଂଖ୍ୟା:- ୮; ଟେଣ୍ଡର ସଂଖ୍ୟା:- E-KGP-HQ-୪୯-୨୦୨୬; କାର୍ଯ୍ୟର ବର୍ଣ୍ଣନା:- ନୂତନ କାର୍ଯ୍ୟର କାର୍ଯ୍ୟକାରୀ, ବିଦ୍ୟମାନ ଗଠନରେ ଯୋଗ ଏବଂ ପରିବର୍ତ୍ତନ, ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ନିର୍ମାଣ ସାମଗ୍ରୀ ଯୋଗାଣ, ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ୫,୦୦,୦୦୦ ଟଙ୍କାରୁ ଅଧିକ ନହେବା ଏବଂ ସାଧାରଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ୦୧.୦୬.୨୦୨୬ ରୁ ୩୦.୦୬.୨୦୨୮ (୦୨ ବର୍ଷ ପାଇଁ) ଖଡ଼ଗପୁର ଜଳ ଯୋଜନା-୧ (ଦକ୍ଷିଣ ପାର୍ଶ୍ୱ, ବିଜୟ । ବ୍ରାଇଟ ବଲୋବସ୍ତ, ମୁଖ୍ୟ କାର୍ଯ୍ୟଶାଳା, କେଶପୁର, ଗୋଲ ବଜାର ଇତ୍ୟାଦି ଉତ୍ତର ପାର୍ଶ୍ୱ, ଖଡ଼ଗପୁର ଷ୍ଟେସନ ଏବଂ ଡିଜେଲ ଲୋକୋ ସେଡ୍) ରେ; ଟେଣ୍ଡର ମୂଲ୍ୟ (ଟଙ୍କା):- ୧,୧୯,୯୬,୩୫୮.୬୨; ଅଗ୍ରୀମ ଟଙ୍କା (ଟଙ୍କା):- ୨,୩୯,୯୦୦.୦୦ । କ୍ରମ ସଂଖ୍ୟା:- ୯; ଟେଣ୍ଡର ସଂଖ୍ୟା:- E-KGP-HQ-୫୦-୨୦୨୬; କାର୍ଯ୍ୟର ବର୍ଣ୍ଣନା:- ADEN/ସେଟେଲାଇଟ/KGP ଅଧୀନସ୍ଥ ଖଡ଼ଗପୁର ସେଟେଲାଇଟରେ ୩-ଫେଜ୍ ରନ୍ ଥ୍ରୁ ଲୋଡ୍ ଟ୍ରେନିଂ ଉନ୍ନୟନରେ ଆଧୁନିକ ସୁବିଧା ସହିତ ୩୦ ଶଯ୍ୟା ବିଶିଷ୍ଟ ନୂତନ ଛାତ୍ରାବାସ କୋଠା ନିର୍ମାଣ, ଟେଣ୍ଡର ମୂଲ୍ୟ (ଟଙ୍କା):- ୧,୭୪,୬୪,୫୬୯.୮୮; ଆର୍ନେଷ୍ଟ ମନି (ଟଙ୍କା):- ୩,୪୯,୩୦୦.୦୦ । କ୍ରମ ସଂଖ୍ୟା:- ୧୦; ଟେଣ୍ଡର ସଂଖ୍ୟା:- E-KGP-HQ-୫୧-୨୦୨୬; କାର୍ଯ୍ୟର ବର୍ଣ୍ଣନା:- ନୂତନ କାର୍ଯ୍ୟର କାର୍ଯ୍ୟକାରୀ, ବିଦ୍ୟମାନ ଗଠନରେ ଯୋଗ ଏବଂ ପରିବର୍ତ୍ତନ, ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ନିର୍ମାଣ ସାମଗ୍ରୀ ଯୋଗାଣ, ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ଉପରେ ନିର୍ଭର କରି ୦୧.୦୬.୨୦୨୬ ରୁ ୩୦.୦୬.୨୦୨୮ (୦୨ ବର୍ଷ ପାଇଁ) ଖଡ଼ଗପୁର ଜଳ ଯୋଜନା-୨ (ନୂତନ ବସତି, ପୁରୁଣା ବସତି, ଜଳ ଭିଜ ନଗର, MKT, GKL, NMP, CSY ଏବଂ ହିଜଳି, ପୁଷ୍ଟାନ ଗାର୍ଡ, IDH ହସ୍ପିଟାଲ ଏବଂ N.S ଗାର୍ଡ) ରେ ୫,୦୦,୦୦୦/- ଟଙ୍କାରୁ ଅଧିକ ନୁହେଁ ଏବଂ ସାଧାରଣ ମରାମତି ରକ୍ଷଣାବେକ୍ଷଣ କାର୍ଯ୍ୟ । ଟେଣ୍ଡର ମୂଲ୍ୟ (ଟଙ୍କା):- ୧,୧୭,୬୧,୬୭୪.୯୬; ଅଗ୍ରୀମ ଟଙ୍କା (ଟଙ୍କା):- ୨,୩୫,୨୦୦.୦୦; ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ (ଟଙ୍କା):-୭୦.୦୦ ପ୍ରତ୍ୟେକ କ୍ରମାଙ୍କ ୧ ରୁ ୧୦ ପାଇଁ । ଖୋଲିବାର ତାରିଖ:- ୦୬.୧୦.୨୦୨୬ ପ୍ରତ୍ୟେକ କ୍ରମାଙ୍କ ୧ ଏବଂ ୨ ପାଇଁ; ୧୫.୧୦.୨୦୨୬ ପ୍ରତ୍ୟେକ ସଂଖ୍ୟା କ୍ରମିକ ୩ ରୁ ୬ ପାଇଁ ଏବଂ ୨୩.୧୦.୨୦୨୬ ପ୍ରତ୍ୟେକ ସଂଖ୍ୟା କ୍ରମିକ ୭ ରୁ ୯ ପାଇଁ ଏବଂ ୩୦.୧୦.୨୦୨୬ ପ୍ରତ୍ୟେକ ସଂଖ୍ୟା କ୍ରମିକ ୧୦ ପାଇଁ; କାର୍ଯ୍ୟ ସମାପ୍ତି ଅବଧି:- କ୍ରମିକ ୧ ପାଇଁ ୦୬ ମାସ; କ୍ରମିକ ୨ ରୁ ୬ ପାଇଁ ୧୨ ମାସ ଏବଂ କ୍ରମିକ ୭ ରୁ ୧୦ ପାଇଁ ୨୪ ମାସ । ପାଇଁ ବିଡ଼ିଂ ଅବଧି ତାରିଖ: କ୍ରମିକ ୧ ରୁ ୨ ତାରିଖ ୨୨.୦୯.୨୦୨୬ ରୁ ଏବଂ ୦୬.୧୦.୨୦୨୬ ରେ ୧୫:୦୦ ଘଂଟା ପର୍ଯ୍ୟନ୍ତ; ୦୧.୧୦.୨୦୨୬ ରୁ ୩ ରୁ ୬ ଏବଂ ୧୫.୧୦.୨୦୨୬ ରେ ୧୫:୦୦ ଘଂଟା ପର୍ଯ୍ୟନ୍ତ; ୦୯.୧୦.୨୦୨୬ ରୁ ୭ ରୁ ୯ ଏବଂ ୨୩.୧୦.୨୦୨୬ ରୁ ୧୫:୦୦ ଘଂଟା ପର୍ଯ୍ୟନ୍ତ ଏବଂ ୧୬.୧୦.୨୦୨୬ ରୁ ୧୦ ଏବଂ ୩୦.୧୦.୨୦୨୬ ପର୍ଯ୍ୟନ୍ତ ୧୫:୦୦ ଘଂଟା ପର୍ଯ୍ୟନ୍ତ । ଅନୁଗ୍ରହ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ । ବର୍ଣ୍ଣନା । ନିର୍ଦ୍ଦେଶନା ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବରେ "www.ireps.gov.in" ପରିଦର୍ଶନ କରିପାରିବେ ।

(PR-806)

'ବସନ୍ତ ସେବା ସମ୍ମାନ-୨୦୨୬'ରେ ସମ୍ମାନିତ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ରଭର ସ୍କାଉଟ ଲିଡର

ଭୋଗରାଇ, ୨୪/୦୯ (ଆ.ପ୍ର) : ରାଜ୍ୟ ଭାରତ ସ୍କାଉଟ ଓ ଗାଇଡ୍ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ ଅନୁଷ୍ଠାନ ତରଫରୁ ଏକ ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟରେ ଦୀର୍ଘବର୍ଷ ଧରି ଜନସେବାରେ ସମର୍ପିତ ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି ସମାରୋହରେ ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଉପସଭାପତି ପୂର୍ବତନ ଜଷ୍ଟିସ ମନୋରଞ୍ଜନ ମହାନ୍ତି, ରାଜ୍ୟ ମୁଖ୍ୟକମିଶନର ଡ଼କ୍ଟର କାଳିପ୍ରସାଦ ମିଶ୍ର, ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଅତିଥି ଭାବେ ଯୋଗଦେଇ ସମ୍ମାନିତ ବ୍ୟକ୍ତିମାନଙ୍କୁ ସମ୍ମାନିତ କରିଥିଲେ । ଏଥିରେ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ, ଭୋଗରାଇର ରାଜନୀତି ବିଜ୍ଞାନର ଅଧ୍ୟାପକ ତଥା ରଭର ସ୍କାଉଟ ଲିଡର ଡ଼କ୍ଟର ଧୀରେନ୍ଦ୍ର କୁମାର ଜେନା ଦୀର୍ଘବର୍ଷ ଧରି ସାମାଜିକ ସେବା କ୍ଷେତ୍ରରେ ଅବଦାନ ପାଇଁ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ନାମରେ ନାମିତ 'ବସନ୍ତ ସେବା ସମ୍ମାନ-୨୦୨୬' ଦ୍ୱାରା ସମ୍ମାନିତ ହୋଇଥିଲେ । ଡ଼କ୍ଟର ଜେନା ବାଲେଶ୍ୱର ଜିଲ୍ଲାର ଓ ରାଜ୍ୟର ମହାବିଦ୍ୟାଳୟ ଛାତ୍ର ଛାତ୍ରୀମାନଙ୍କୁ ସ୍କାଉଟ ଓ ଗାଇଡ ଆନ୍ଦୋଳନରେ ସାମିଲ କରିବା, ତାଲିମ ଦେବା, ସେମାନଙ୍କୁ ନେଇ ବିଭିନ୍ନ ସମାଜ ସେବା କାର୍ଯ୍ୟକ୍ରମ ଯେପରି ସ୍ୱଚ୍ଛ ଭାରତ ମିଶନ, ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ବନ୍ୟା, ବାତ୍ୟା ଓ କୋଭିଡ-୧୯ରେ ଲୋକଙ୍କୁ ଉଦ୍ଧାର ତଥା ରିଲିଫ ପ୍ରଦାନ, ଚନ୍ଦନେଶ୍ୱର ଚଡକମେଳା ଭଳି ବିରାଟ ଜନସମାଗମରେ ସାଧାରଣ ଲୋକ ଓ ପ୍ରଶାସନଙ୍କ ସାହାଯ୍ୟ ଓ ସହଯୋଗ କରିବା, ଖରାଦିନେ ଅଂଶୁଘାତରୁ ମୁକ୍ତି ପାଇବା ପାଇଁ ସଚେତନତା କାର୍ଯ୍ୟକ୍ରମ, ସାଗର ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ, ସାଧାରଣ ଲୋକଙ୍କର ଆର୍ଥିକ ସୁପରିଚାଳନା, ଛାତ୍ରଛାତ୍ରୀଙ୍କ ମଧ୍ୟରେ କଳା, ଖେଳ, ପ୍ୟାରେଡ, ସଙ୍ଗୀତ, ନୃତ୍ୟ, ଭାଷଣ ତଥା ଅନ୍ୟାନ୍ୟ ସଂସ୍କୃତିକ ଓ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀଙ୍କର ମାନସିକ, ସ୍ୱାସ୍ଥ୍ୟର ଉନ୍ନତି ପରିପ୍ରେକ୍ଷୀରେ ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଆସୁଛନ୍ତି । ଡ଼କ୍ଟର ଜେନା ମହାବିଦ୍ୟାଳୟ ତଥା ରାଜ୍ୟଟିମକୁ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରାଇଥିଲେ । ଏହି ପରିପ୍ରେକ୍ଷୀରେ ସେ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନରେ ତାଙ୍କର କାର୍ଯ୍ୟକାଳ ସମୟରେ ସମସ୍ତ ଅଧ୍ୟକ୍ଷ, କର୍ମଚାରୀ, ରଭର ଓ ରେଞ୍ଜର, ରେଞ୍ଜର ଲିଡର, ଛାତ୍ରଛାତ୍ରୀ ଓ ମୁଖ୍ୟତ ରାଜ୍ୟ ମୁଖ୍ୟ କମିଶନର ଡ଼କ୍ଟର କାଳିପ୍ରସାଦ ମିଶ୍ର, ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ତଥା ରାଜ୍ୟ ମୁଖ୍ୟାଳୟର ସମସ୍ତ କର୍ମଚାରି ଓ ପ୍ରଶିକ୍ଷକଙ୍କୁ ଧନ୍ୟବାଦ ଦେଇଛନ୍ତି ।

ଏମଏମଡି ଆର ବିଲ ପ୍ରତ୍ୟାହାର ଦାବି ନେଇ ୨୯ରେ ବିଧାନ ସଭା ଘେରାଉ

ବାଲେଶ୍ୱର, ୨୪/୦୯ (ଆ.ପ୍ର) : ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବାଲେଶ୍ୱର ଜିଲ୍ଲା ପରିଷଦ ବୈଠକ ବାଲେଶ୍ୱର ସ୍ଥିତ ଉଠାଳକ ସେଚନ କର୍ମଚାରୀ ଭବନରେ, ରାଜ୍ୟ ପରିଷଦ ସଦସ୍ୟ ମାୟାଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ମୁଖ୍ୟ ସମ୍ପଦ ଖଣି ଓ ଖଣିଜ ସମ୍ପଦ ଭରା ପ୍ରାକୃତିକ ସମ୍ପଦ ତଥା ସମୃଦ୍ଧ ଅଞ୍ଚଳରେ ବସବାସ କରୁଥିବା ଜନଜାତିମାନଙ୍କୁ କେନ୍ଦ୍ର ସରକାରଙ୍କର ଖଣି ଓ ଖଣିଜ ସମ୍ପଦ ଆଇନ ୨୦୨୬ ଦ୍ୱାରା ଉଚ୍ଛେଦ କରାଇବା ସହ, ଓଡ଼ିଶା ସରକାରଙ୍କ ସିଂହ ଭାଗ ଆୟର ମୁଖ୍ୟ ଉତ୍ସ ଖଣିଜ ସମ୍ପଦରୁ ରାଜ୍ୟ ଲକ୍ଷ୍ୟ ଲକ୍ଷ୍ୟ କୋଟି ଟଙ୍କା ରାଜସ୍ୱ ହରାଇବ ବୋଲି ବୈଠକରେ ଯୋଗଦେଇ ରାଜ୍ୟ ସମ୍ପାଦକ ଡକ୍ଟର ପ୍ରଶାନ୍ତ ମିଶ୍ର ପ୍ରକାଶ କରିଥିଲେ । କେନ୍ଦ୍ର ସରକାରଙ୍କ ବେଆଇନ ଖଣିଜ ସମ୍ପଦ ଆଇନ ପ୍ରତ୍ୟାହାର ଦାବିରେ ଆସନ୍ତା ୨୯ ତାରିଖ ମଙ୍ଗଳବାର ଦିନ ବିଧାନ ସଭା ଘେରାଉକୁ ସଫଳ କରାଇବା ପାଇଁ, ବାଲେଶ୍ୱର ଜିଲ୍ଲାରୁ ଶତାଧିକ ସାଥୀ ସମର୍ଥକ ଯୋଗଦେବା ପାଇଁ ଆହ୍ୱାନ ଦେଇଥିଲେ । ରାଜ୍ୟ ସରକାରଙ୍କ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଆଦିବାସୀ ଅଧ୍ୟୁଷିତ ପ୍ରାକୃତିକ ଖଣିଜ ସମ୍ପଦ ଭରା ଅଞ୍ଚଳକୁ ବେଦାନ୍ତ ଓ କର୍ପୋରେଟ ହାଉସ ମାନଙ୍କ ହାତରେ ସମର୍ପି ଦେବାର ଯୋଜନା ଅତ୍ୟନ୍ତ ନିନ୍ଦନୀୟ । ମହାନଦୀ ଜଳ ବିବାଦ ଡବଲ ଇଞ୍ଜିନ ସରକାର ଦୁଇବର୍ଷ ମଧ୍ୟରେ ସମାଧାନ କଲେନାହିଁ । ରାଜ୍ୟରେ ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକର ଚାଷଜମି ବନ୍ୟାରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲେହେଁ ଅଦ୍ୟାବଧି କ୍ଷତିପୂରଣ ଦିଆଗଲା ନାହିଁ । କ୍ଷତିଗ୍ରସ୍ତ ଅଞ୍ଚଳରେ ବିକଳ୍ପ ଚାଷର ବ୍ୟବସ୍ଥା ପାଇଁ ରାଜ୍ୟ ସମ୍ପାଦକ ଦାବି କରିଥିଲେ । କୁଳଡିହା ଅଭୟାରଣ୍ୟର ଇକୋ ସେନ୍‌ସିଟିଭ୍ ଜୋନ ସୀମା ନିର୍ଦ୍ଧାରଣ ବେଳେ ଶତାଧିକ ବର୍ଷର ଜନବସତି ଗ୍ରାମଗୁଡ଼ିକୁ ଇକୋ ସେନସିଟିଭ ଜୋନ ଅଂଚଳ ମଧ୍ୟରୁ ବାଦ ନଦେବା ଫଳରେ ସାଧାରଣ ଲୋକ ନାହିଁ ନଥିବା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ, ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ବାସ୍ତବତା ଦୃଷ୍ଟିରୁ ଅଭୟାରଣ୍ୟ ପାଇଁ ଧାର୍ଯ୍ୟ ସୀମା ଆଇନ ଅନୁଯାୟୀ ଜନବସତି ଠାରୁ ୧୦ କିଲୋମିଟର ଦୂରରେ ଥିବା ନୀଳଗିରି, ଔପଦା ଏବଂ ସୋର ବ୍ଲକର କେତେକ ପଞ୍ଚାୟତର ଗ୍ରାମଗୁଡ଼ିକୁ ତୁରନ୍ତ ବାଦ ଦିଆଯାଇ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ କରିବା ପାଇଁ ଜିଲ୍ଲା ସମ୍ପାଦକ ସାଥୀ ଭାଗବତ ପ୍ରତିହାରୀ ଦାବି କରିଥିଲେ । ବାଲେଶ୍ୱରରେ ପ୍ରସ୍ତାବିତ ଜୁଡ଼ିସିଆଲ ହବକୁ ପୂର୍ବ ନିର୍ଦ୍ଧାରିତ ଜଳସେଚନ ବିଭାଗ ସ୍ଥାନରେ ନିର୍ମାଣ କରାଯିବାକୁ କମ୍ୟୁନିଷ୍ଟ ପାର୍ଟି ତରଫରୁ ଦାବି କରାଯାଇଛି । ଏହି ଜିଲ୍ଲା ପରିଷଦ ବୈଠକରେ ବରିଷ୍ଠ ସଦସ୍ୟ ଗୌରାଙ୍ଗ ପାଣିଗ୍ରାହୀ, ନନ୍ଦ କିଶୋର ମଲ୍ଲିକ, ଯତୀନ ପାତ୍ର, ପ୍ରଭାବତୀ ଦାସ, ଶ୍ୟାମସୁନ୍ଦର ଜେନା, ସୁରେନ୍ଦ୍ର ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ, ଭଗବାନ ପଣ୍ଡା, ଭରତ ଚନ୍ଦ୍ର ସେଠି, ଗାୟତ୍ରୀ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପାତ୍ର, ବାସନ୍ତୀ ନାୟକ, ଶରତ ଚନ୍ଦ୍ର ମହାନ୍ତି, ମନ୍ମଥ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ । ଉତ୍କଳ ମହିଳା ସମିତି ଜିଲ୍ଲା ସମ୍ପାଦିକା ବନ୍ଦନା ପାତ୍ର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

କନିଷ୍ଠ ଯନ୍ତ୍ରୀ ନଥିବା ବେଳେ ରାତିରେ ହେଉଛି କାମ

ବାଲିଆପାଳ, ୨୪/୦୯ (ଆ.ପ୍ର) : ବାଲିଆପାଳ ବ୍ଲକ ମଧୁପୁରା ପଂଚାୟତର ସିମୁଳିଆ ଗ୍ରାମରେ ସରକାରୀ ପୋଖରୀ ଆଡ଼ି ଜାଗାରେ ସଭାଗୃହ କାର୍ଯ୍ୟ ଚାଲିଛି । ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପର ଆର୍ଥିକ ବର୍ଷ ୨୫-୨୬ରେ ଅଟକଳ ମୂଲ୍ୟ ଦଶ ଲକ୍ଷ ଟଙ୍କାର କାମ ହେଉଛି । ମାତ୍ର ଯନ୍ତ୍ରିଙ୍କ ଅଜାଣତରେ ଠିକାଦାର ରାତିରେ ଟର୍ଚ୍ଚ ଆଲୁଅରେ ଢ଼ଳେଇ ପକାଉଛନ୍ତି । ଏହା ବ୍ୟତୀତ ଦଶ ଫୁଟ୍ ବୋରିଂ ଏଷ୍ଟିମେଂଟ ରହିଥିବା ବେଳେ ୬ ଫୁଟରୁ ୮ ଫୁଟ ହେଉଛି । ବାଲି, ସିମେଂଟର ଭାଗ ମାପ ନିଜ ଇଛା ଅନୁସାରେ ଠିକାଦାର ପକାଉଛନ୍ତି । ରାତିରେ ଢଳାଇ ପଡୁଥିବା ବେଳେ ପୁଣି ସରକାରୀ ଅଧିକାରୀଙ୍କ ଅନୁପସ୍ଥିତିରେ କାମ ନିମ୍ନ ମାନର ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏନେଇ ମଧୁପୁରା ଜେଇ ପ୍ରଫୁଲ୍ଲ ମଲ୍ଲିକଙ୍କୁ ପଚାରିବାରୁ ରାତିରେ କାମ କରିବା ବିଷୟରେ ମୁଁ ଜାଣି ନାହିଁ ବୋଲି କହିଛନ୍ତି । ଏଠାରେ ସୂଚନା ଥାଉ କି ପୂର୍ବରୁ ଉକ୍ତ ପୋଖରୀ ହୁଡ଼ାରେ ସଭାଗୃହ ନକରିବା ପାଇଁ ଗ୍ରାମ ବାସି ଦାବି କରିଛନ୍ତି ।

ଜେଲ୍ ଅନ୍ତେବାସୀଙ୍କୁ ଏଣିକି ମାଗଣା ଉଚ୍ଚଶିକ୍ଷା ଦେବ ଉତ୍କଳ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୨୪/୦୯ (ଆ.ପ୍ର) : କାରାଗାରରେ ଥିବା ଅନ୍ତେବାସୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ତଥା ସେମାନଙ୍କ ବୌଦ୍ଧିକ ବିକାଶ ଲକ୍ଷ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି । ରାଜ୍ୟର ବିଭିନ୍ନ ଜେଲ୍‌ରେ ଥିବା ଯୋଗ୍ୟ ଅନ୍ତେବାସୀମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଉଚ୍ଚଶିକ୍ଷା ପ୍ରଦାନ ନିମନ୍ତେ ବିଶ୍ୱବିଦ୍ୟାଳୟ ଏବଂ ରାଜ୍ୟ କାରାଗାର ଓ ସୁଧାର ସେବା ନିର୍ଦ୍ଦେଶାଳୟ ମଧ୍ୟରେ ଏକ ଅଣ-ଆର୍ଥିକ ଏମଓୟୁ ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତିନାମା ଅନୁଯାୟୀ, ଉତ୍କଳ ବିଶ୍ୱବିଦ୍ୟାଳୟର ସେଂଟର ଫର୍ ଡିଷ୍ଟାନ୍ସ ଆଣ୍ଡ ଅନଲାଇନ୍ ଏଜୁକେସନ୍ ଜରିଆରେ ଅନ୍ତେବାସୀମାନଙ୍କୁ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ଶିକ୍ଷାଦାନ କରାଯିବ । ଏଥିସହ ସେମାନଙ୍କ ଅଧ୍ୟୟନ ନିମନ୍ତେ ଆବଶ୍ୟକୀୟ ପାଠ୍ୟ ଉପକରଣ ମଧ୍ୟ ମାଗଣାରେ ଯୋଗାଇ ଦିଆଯିବ । ଅନ୍ତେବାସୀଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ ଜାଗ୍ରତ କରିବା ଏବଂ କାରାମୁକ୍ତି ପରେ ସେମାନେ ଯେପରି ସମ୍ମାନଜନକ ଭାବେ ଜୀବିକା ନିର୍ବାହ କରିପାରିବେ, ସେଥିପାଇଁ ଏହି ବ୍ୟବସ୍ଥା କରାଯାଇଛି । ପାଠ୍ୟକ୍ରମ ଚୟନ, ନାମଲେଖା, ପରୀକ୍ଷା ପରିଚାଳନା ତଥା ସାର୍ଟିଫିକେଟ୍ ପ୍ରଦାନ ପ୍ରକ୍ରିୟା ଉପରେ ନଜର ରଖିବାକୁ ଏକ ଯୁଗ୍ମ ପରିଚାଳନା କମିଟି ଗଠନ କରାଯିବ । ଏହି ଅବସରରେ ରାଜ୍ୟ କାରାଗାର ଓ ସୁଧାର ସେବା ମହାନିର୍ଦ୍ଦେଶକ ଆଇପିଏସ୍ ସୁଶାନ୍ତ କୁମାର ନାଥ କହିଛନ୍ତି ଯେ, କାରାଗାର କେବଳ ଦଣ୍ଡବିଧାନର କେନ୍ଦ୍ର ନୁହେଁ, ବରଂ ଏହା ଏକ ସଂସ୍କାରଶାଳା । ଉତ୍କଳ ବିଶ୍ୱବିଦ୍ୟାଳୟ ସହ ହୋଇଥିବା ଏହି ଏମଓୟୁ ଅନ୍ତେବାସୀଙ୍କୁ ଏକ ନୂତନ ଦିଗ୍‌ଦର୍ଶନ ଦେବ । ସେହିପରି କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ କହିଛନ୍ତି ଯେ, ଶିକ୍ଷା ହିଁ ସମାଜ ସଂସ୍କାରର ଶ୍ରେଷ୍ଠ ମାଧ୍ୟମ । ମୁଖ୍ୟସ୍ରୋତରୁ ଦୂରେଇ ରହିଥିବା ଜେଲ୍ ଅନ୍ତେବାସୀଙ୍କ ନିକଟରେ ଉଚ୍ଚଶିକ୍ଷା ପହଂଚାଇବା ବିଶ୍ୱବିଦ୍ୟାଳୟର ସାମାଜିକ ଉତ୍ତରଦାୟିତ୍ୱ । ଏହା ସେମାନଙ୍କ ଭବିଷ୍ୟତ ପୁନର୍ନିର୍ମାଣରେ ସହାୟକ ହେବ । ସିଡିଓଇ ନିର୍ଦ୍ଦେଶକ ଡ. ସୁଜିତ କୁମାର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି ଯେ, ନାମଲେଖା ଠାରୁ ଆରମ୍ଭ କରି ପରୀକ୍ଷା ଓ ପ୍ରମାଣପତ୍ର ପ୍ରଦାନ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାକୁ ଏକ ଯୁଗ୍ମ କମିଟି ଜରିଆରେ ସୁଚାରୁରୂପେ ସମ୍ପାଦନ କରାଯିବ ।

ତୁରନ୍ତ ଜୁଡ଼ିସିଆଲ୍ ହବ୍ ନିର୍ମାଣ ଦାବିରେ ଅକ୍ଟୋବର ୭ ସିଭିଲ୍ ସୋସାଇଟିର ଗଣଧାରଣା

ବାଲେଶ୍ୱର, ୨୪/୦୯ (ଆ.ପ୍ର) : ପ୍ରସ୍ତାବିତ ଜୁଡ଼ିସିଆଲ୍ ହବ୍ ପୂର୍ବ ନିର୍ଦ୍ଧାରିତ ଜଳସେଚନ ବିଭାଗ ସ୍ଥାନରେ ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଦାବିରେ ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ବୁଧବାର ଦିନ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଜୋରାଳକଙ୍କୁ ଦାବିପତ୍ର ଦିଆଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜୁଡ଼ିସିଆଲ୍ ହବ୍ ନିର୍ମାଣ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହଙ୍କୁ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସଂପାଦକ ମନୋଜ ନାୟକ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁଙ୍କ ସମେତ ଜ୍ୟୋତ୍ସ୍ନା ସେନାପତି ଓ ରଘୁନାଥ ନାୟକ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ । ସିଭିଲ୍ ସୋସାଇଟିର ପ୍ରତିନିଧିମାନେ କହିଥିଲେ ଯେ, ମାନ୍ୟବର ଓଡ଼ିଶା ହାଇକୋର୍ଟ ଓ ରାଜ୍ୟ ସରକାର ଜୁଡ଼ିସିଆଲ୍ ହବ୍ ନିର୍ଦ୍ଧାରିତ ଜଳସେଚନ ବିଭାଗ ସ୍ଥାନରେ ନିର୍ମାଣ କରିବା ପାଇଁ ବିବାଦୀୟ ଜମିକୁ ବାଦ୍ ଦେଇ ଜମି ହସ୍ତାନ୍ତର ପ୍ରକ୍ରିୟା ସମାପ୍ତ ହୋଇଛି ଓ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ କୁହାଯାଇଛି । ତେଣୁ ଜିଲ୍ଲା ପ୍ରଶାସନ ପୂର୍ବ ନିଷ୍ପତ୍ତି ଓ ସରକାରଙ୍କ ନିର୍ଦ୍ଦେଶରେ କାର୍ଯ୍ୟ ତୁରନ୍ତ ଆରମ୍ଭ କରନ୍ତୁ ବୋଲି ପ୍ରତିନିଧିମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ଆସନ୍ତା ଅକ୍ଟୋବର ମାସ ୬ ତାରିଖ ପୂର୍ବରୁ ନିର୍ଦ୍ଧାରିତ ସ୍ଥାନରେ ନିର୍ମାଣ କାର୍ଯ୍ୟ ଆରମ୍ଭ ନହେଲେ ସିଭିଲ୍ ସୋସାଇଟି ଓ ବହୁ ସହଯୋଗୀ ସଂଗଠନ ଓ ବିଶିଷ୍ଟ ବ୍ୟକ୍ତି ବିଶେଷ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ୭ ତାରିଖ ଦିନ ଗଣଧାରଣାରେ ବସିବାକୁ ବାଧ୍ୟ ହେବେ ବୋଲି ସେମାନେ ଲିଖିତ ଭାବେ ଜଣାଇଛନ୍ତି । ଏହି ପ୍ରସ୍ତାବ ଉପରେ ଜିଲ୍ଲାପ୍ରଶାସନ ଅବଗତ ଥିବା ସଂପର୍କରେ ଶ୍ରୀ ସିଂହ ପ୍ରତିନିଧିମାନଙ୍କୁ କହିଥିବାର ଜଣାଯାଇଛି ।

ପାନୀୟଜଳର ସମସ୍ୟା ଓ ଅନ୍ୟାନ୍ୟ ଗଠନମୂଳକ କାମ ନେଇ ଉନ୍ନୟନ ଓ ସୁରକ୍ଷା ମଂଚ ସୁଗୋ ଶାଖା ତରଫରୁ ବିକ୍ଷୋଭ ଓ ସୁଗୋ ସରପଂଚଙ୍କୁ ଦାବିପତ୍ର ପ୍ରଦାନ

ବାଲିଆପାଳ, ୨୪/୦୯ (ଆ.ପ୍ର) : ଜଳେଶ୍ୱର ବ୍ଲକ ସୁଗୋ ଗ୍ରାମ ପଂଚାୟତ ଗାଁମାନଙ୍କରେ ପାନୀୟ ଜଳଯୋଗାଣରେ ଅନେକ ସମୟରେ ଅଚଳାଅବସ୍ଥାର ସମସ୍ୟା ଓ ଗଠନ ମୂଳକ କାମ ବିଷୟ ନେଇ ଆଜି ସରପଂଚଙ୍କ କାର୍ଯ୍ୟାଳୟରେ ଉନ୍ନୟନ ଓ ସୁରକ୍ଷା ମଂଚ ସୁଗୋ ଶାଖା ତରଫରୁ ନେତୃତ୍ୱମାନେ ସରପଂଚଙ୍କୁ ଜଣାଇବା ସହିତ ବିଭାଗୀୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରକୁ ଗ୍ରହଣ କରି ସରପଂଚ ଶ୍ରୀମତୀ ଜୟନ୍ତୀ ପରିଡ଼ା ପ୍ରତିକ୍ରିୟା ରଖିଛନ୍ତି କି ପଂଚାୟତକୁ ଆସୁଥିବା ମୋଟ ପାଣ୍ଠିର ୩୦% ଅର୍ଥ ପାଣିପାଇଁ, ବିଦ୍ୟୁତ୍ ବିଲ ଦେବାର ସରକାରୀ ନିର୍ଦ୍ଦେଶନାମା ରହୁଛି, ମାତ୍ର ପଂଚାୟତରେ ପାଣିପାଇଁ ବିଦ୍ୟୁତ୍ ବାବଦରେ ଦେୟ ୩୦% ରୁ ଅଧିକ ହେଉଥିବାରୁ ଅତିରିକ୍ତ ଦେୟର ବ୍ୟବସ୍ଥାଗତ ଅସୁବିଧା ସୃଷ୍ଟି ହେବାରେ ସମସ୍ୟା ହେବା ସ୍ୱଗୋପ ରାସ୍ତା, ଘାଟ, ପୋଲ, ଆଦି ଉନ୍ନୟନମୂଳକ କାମକୁ କରିବାରେ ପ୍ରଭାବିତ କରିବା ହେବ । ପଂଚାୟତକୁ ଆସିଥିବା ଅର୍ଥ ସହ ସ୍ୱତନ୍ତ୍ର ଏମ୍‌ଏଲ୍‌ଏ ଓ ଚିୟାରମ୍ୟାନ୍‌ଙ୍କ ପାଣ୍ଠିରୁ ଆଣିଥିବା ଅର୍ଥକୁ ବିଭିନ୍ନ କ୍ଷେତ୍ରରେ କରିଥିବା ଖର୍ଚ୍ଚକୁ ଉପସ୍ଥାପନା କରିଥିଲେ । ପ୍ରକାଶ ଥାଉକି, ଡବଲ ଇଞ୍ଜିନ୍ ବିଜେପି. ସରକାର ସବୁ ଲୋକଙ୍କ ଘରକୁ ମାଗଣା ପାନୀୟଜଳ ଯୋଗାଇବା, ମାଗଣା ବିଜୁଳି ଆଦି ଦେବାର ପ୍ରତିଶ୍ରୁତି ଓ ପ୍ରଚାର କରି ସାଧାରଣ ଲୋକଙ୍କୁ ଭ୍ରମିତ କରୁଛି ଯାହାର ବାସ୍ତବତାକୁ ସରପଂଚ ଦର୍ଶାଇଥିବା ସହିତ ସୁଗୋ କାମାନପଦା ଆଦିବାସୀ ସାହି ଓ କାଶୀଡ଼ିହା ଠାରେ ୨ଟି ନୂଆ ବସୁଧା ପ୍ରକଳ୍ପ ଯଥାଶୀଘ୍ର ଆରମ୍ଭ ହେବାରବୋଲି ପ୍ରକାଶ କରିଥିଲେ । ସମସ୍ତ ଘରକୁ ପାଣି ଯୋଗାଇଦେବା ସହ ବାକିଥିବା ଧାନସିମୁଳିଆ, କୁରୁକୁଣ୍ଡା, କାଶିଡିହା ଓ ବାଣିବା ସ୍କୁଲ ସାମ୍ନା ଆଦିବାସୀ ପଡ଼ାକୁ ଯଥାଶୀଘ୍ର ପାଇପ୍ ବିଛାଣି ପାଇଁ ନେତୃତ୍ୱ ମାନେ ଦାବି ରଖିବା ଉପରେ ସରପଂଚ ଏହି କାମକୁ ଗୁରୁତ୍ୱ ଦେଇ ସର୍ବୋଚ୍ଚ ଚେଷ୍ଟା କରିବା କରିବା ସ୍ୱରୋପ ଉଚ୍ଚ ପଦାଧିକାରୀଙ୍କ ଯୋଗାଯୋଗ ଓ ଆଲୋଚ୍ନାରେ ଅଛନ୍ତି ବୋଲି ଉତର ରଖିଥିଲେ । ଅନ୍ୟପକ୍ଷରେ ସରକାରଙ୍କର ୩୦୦ ୟୁନିଟ୍ ବିଜୁଳି ବିଲ୍ ଛାଡ୍, ଚାଷୀଙ୍କ ଠାରୁ ସମସ୍ତ ଧାନ କ୍ୱିଂଟାଲ ପ୍ରତି ୩୧ଶହ ଟଙ୍କାରେ କିଣିବା, ସମସ୍ତଙ୍କୁ ୩ ହଜାର ଟଙ୍କା ଭତା (ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ) ଦେବା, ନିଯୁକ୍ତି ଆଦି ପୋକା ପୋକା ପ୍ରତିଶ୍ରୁତି ର କାର୍ଯ୍ୟକାରିତା ଓ ବ୍ୟବସ୍ଥା ଗତ ସମସ୍ୟାର ସୁଧାର ହେବା ପୂର୍ବକ ସମାଧାନ ନ ହେଲେ ଜନ ଆନ୍ଦୋଳନ ହେବ ବୋଲି ନେତୃତ୍ୱମାନେ ଚେତାବନୀ ଦେଇଛନ୍ତି । ଦାବିପତ୍ର ପ୍ରଦାନରେ ମଂଚର ନେତୃତ୍ୱ ପ୍ରତିନିଧି ଭାବେ ପଲ୍ଲୁ ଦାସ, ସମାଜସେବୀ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧିର କୁମାର ଜେନା, ବିନୟ ମହାନ୍ତି, ସୁରଞ୍ଜନ ଆଚାର୍ଯ୍ୟ, ଶ୍ରୀକାନ୍ତ ଦାସ, ମଦନ ମାହାଲି, ପରମେଶ୍ୱର ପୋଲାଇ, ଅଜିତ୍ ଦାସ, କୁନା ଟୁଡୁ, ରୁହ୍ୟା ଟୁଡ୍ଡୁ, ଗଣେଶ ଜେନା, କରୁଣାକର ଦାସ, ସବିତା ଭୂୟାଁ ଆଦି ପ୍ରମୁଖ ଉପସ୍ଥିତ ଥିଲେ ।

ସେଇଠୁ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୨୫ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଧ୍ୟାନ ଦେବା

ଯେକୌଣସି ବିପର୍ଯ୍ୟୟ- ପ୍ରାକୃତିକ ହେଉ କି ମନୁଷ୍ୟକୃତ, ତାହା ଅବଶ୍ୟ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ପ୍ରଭାବିତ କରିଥାଏ; ଅଧିକ ପରିମାଣରେ ପ୍ରଭାବିତ କରିଥାଏ ଅସୁରକ୍ଷିତ ବର୍ଗଙ୍କୁ । ଠିକ୍ ସେମିତି ଅର୍ଥନୀତିକ ହେଉ କି ସ୍ୱାସ୍ଥ୍ୟଗତ ସଙ୍କଟ ମଧ୍ୟ ଅସୁରକ୍ଷିତ ବର୍ଗଙ୍କ ଉପରେ ଅସମାନୁପାତିକ ଭାବରେ ପ୍ରଭାବ ପକାଇ ଥାଏ । କୋଭିଡ୍-୧୯ ମହାମାରୀ ପୁଣିଥରେ ଏହି ଅବଧାରଣାର ପୁନରାବୃତ୍ତି କରିଥିଲା । ଏହି ମହାମାରୀର ସଂକ୍ରମଣକୁ ରୋକିବା ପାଇଁ ସାରା ଦେଶରେ ଲକ୍‌ଡାଉନ୍ ଜାରି କରାଯିବା ପରେ ଅନେକ ଲୋକ ସେମାନଙ୍କର କର୍ମନିଯୁକ୍ତି ହରାଇଲେ । ଏମାନଙ୍କ ମଧ୍ୟରେ ମହିଳାମାନେ ମଧ୍ୟ ଅନ୍ତର୍ଭୁକ୍ତ । କିନ୍ତୁ ଏହାପରେ ମହିଳାମାନଙ୍କ ଉପରେ ଘର କାମର ବୋଝ ବହୁତ ବଢ଼ିଥିଲା । ଜାତିସଂଘର ଅଧ୍ୟୟନ ଏକଥା ପୂର୍ବରୁ ଉଲ୍ଲେଖ କରି ସାରିଛି । ତେବେ ମହିଳାମାନଙ୍କ ଦୁର୍ଦ୍ଦଶାର ଅନ୍ତ ଏତିକିରେ ଘଟିଲା ନାହିଁ । ନିକଟରେ ଭାରତର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଏକ ସର୍ଭେ ଉଲ୍ଲେଖ କରିଛି ଯେ ମହିଳାମାନଙ୍କ ପାଇଁ ମହାମାରୀ ଦୁଇ ଦୁଇଟି ସଙ୍କଟ ବହନ କରି ଆଣିଛି । ଲକ୍‌ଡାଉନ୍ ସମୟରେ ମହିଳାମାନଙ୍କ କ୍ଷେତ୍ରରେ ଚାକିରି ହରାଇବାର ସମ୍ଭାବନା ଯେ କେବଳ ପୁରୁଷମାନଙ୍କ ତୁଳନାରେ ସାତଗୁଣ ଅଧିକ ଥିଲା, ତା' ନୁହେଁ, ବରଂ ଅନ୍‌ଲକ୍ ହେବା ପରେ ସେମାନଙ୍କର କର୍ମକ୍ଷେତ୍ରକୁ ନ ଫେରିବାର ସମ୍ଭାବନା ପୁରୁଷମାନଙ୍କ ତୁଳନାରେ ଏଗାର ଗୁଣ ଅଧିକ । ଏହି ସଙ୍କଟର ମାତ୍ରା ଅତ୍ୟନ୍ତ ବିପୁଳ । ମହାମାରୀର ଆଗମନ ପୂର୍ବରୁ ଯେତିକି ମହିଳା ଚାକିରି କ୍ଷେତ୍ରରେ ଥିଲେ, ସେମାନଙ୍କ ମଧ୍ୟରୁ ଅଧା ସଂଖ୍ୟକ ଲକ୍‌ଡାଉନ୍ ସମୟରେ ଚାକିରି ହରାଇ ଥିବା ବେଳେ ଲକ୍‌ଡାଉନ୍ ଶେଷ ହେବା ପରେ ଆଉ ସେମାନେ ଚାକିରି ଆରମ୍ଭ କରି ପାରିଲେ ନାହିଁ । ପରିଣତି ସ୍ୱରୂପ, ଚାକିରି କ୍ଷେତ୍ରରେ ମହିଳାମାନଙ୍କ ଭାରସାମ୍ୟ ନଷ୍ଟ ହୋଇଛି । ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ହିଁ ସ୍ପଷ୍ଟ ହେଉଛି କର୍ମ କ୍ଷେତ୍ରରେ ମହିଳାମାନଙ୍କର ଏପରି ଭାରସାମ୍ୟହୀନତାର କେତେକ କାରଣ । ଉଦାହରଣ ସ୍ୱରୂପ, ବିବାହିତ ମହିଳାମାନେ ସେମାନଙ୍କ ସ୍ୱାମୀମାନଙ୍କ ଅପେକ୍ଷା କର୍ମକ୍ଷେତ୍ରକୁ ଫେରିବାର ସମ୍ଭାବନା କମ୍ ଥିଲା, ଯେଉଁଥିରୁ ସ୍ପଷ୍ଟ ସୂଚନା ମିଳେ ଯେ ଉଭୟ ଲିଙ୍ଗ ଭିତରେ ବିଷମ ଶ୍ରମ ବିଭାଜନ ଅନୁସାରେ ଘର କାମର ଦାୟିତ୍ୱ ମଧ୍ୟ ଅସମାନ ଭାବରେ ଆବଣ୍ଟିତ ହେବାର ପରିମାଣ ଅଧିକ ବୃଦ୍ଧି ପାଇଥିଲା । ପରିତାପର ବିଷୟ ହେଉଛି, ମହିଳାମାନଙ୍କ ଶିକ୍ଷାଗତ ପୃଷ୍ଠଭୂମି ମଧ୍ୟ ସେମାନଙ୍କ ଭାଗ୍ୟ ବଦଳାଇବାରେ ସହାୟକ ହୋଇନାହିଁ । ଉଚ୍ଚ ପଦପଦବୀରେ ନିଯୁକ୍ତି ପାଇବା ନିମନ୍ତେ ଅଧିକ ଶିକ୍ଷାଗତ ଯୋଗ୍ୟତା ଆବଶ୍ୟକ ହୋଇଥାଏ । କିନ୍ତୁ ଏ କ୍ଷେତ୍ରରେ ସୁଦ୍ଧା ପୁରୁଷମାନଙ୍କ ତୁଳନାରେ ମହିଳାମାନେ ପୁନଃନିଯୁକ୍ତି ପାଇବାର ସମ୍ଭାବନା କମ୍ ଥିଲା । ଏହି ସୂଚନା ଅନେକାଂଶରେ ଚିନ୍ତା ଉଦ୍ରେକକାରୀ । ୨୦୧୧ ଜନଗଣନାର ତଥ୍ୟ ଅନୁସାରେ ୨୦୦୧ରୁ ୨୦୧୧ ମଧ୍ୟରେ ସ୍ନାତକୋତ୍ତର, ପେସାଦାର ଏବଂ ବୈଷୟିକ ଡିଗ୍ରୀ ହାସଲ କରିବା କ୍ଷେତ୍ରରେ ମହିଳାମାନଙ୍କ ସଂଖ୍ୟା ବହୁଗୁଣ ବୃଦ୍ଧି ପାଇଛି, କିନ୍ତୁ ଏକଥା ସ୍ପଷ୍ଟ ଯେ ଏହି ଡିଗ୍ରୀଗୁଡ଼ିକ ଅନୁରୂପ କର୍ମନିଯୁକ୍ତିର ସୁଯୋଗଗୁଡ଼ିକ କମ୍ ଥିଲା ଏବଂ ମହାମାରୀ ପରେ ଏହା ଆହୁରି ସଂକୁଚିତ ହୋଇ ଯାଇଛି । କର୍ମନିଯୁକ୍ତି କ୍ଷେତ୍ରରେ ମହିଳାମାନଙ୍କ ସଂଖ୍ୟାରେ ଉନ୍ନତି ନ ଘଟିବା ଦିଗରେ ଏକ ପ୍ରମୁଖ ପ୍ରତିବନ୍ଧକ ହେଉଛି ଲିଙ୍ଗ-ଭିତ୍ତିକ ପକ୍ଷପାତିତାପୂର୍ଣ୍ଣ ମନୋଭାବ । ମହାମାରୀ ସମୟରେ ଏହା ଅଧିକ ବୃଦ୍ଧି ପାଇଥିବା ମନେହୁଏ । ଏଥିରେ ସନ୍ଦେହ ନାହିଁ ଯେ ମହାମାରୀ ଅବସ୍ଥାରେ ଦେଶର ଅର୍ଥନୀତିକ ପରିସ୍ଥିତି ବିଗିଡ଼ିବାକୁ ଆରମ୍ଭ କରିଥିବା ବେଳେ ମହାମାରୀ ଏହାକୁ ଅଧିକ ନିମ୍ନଗାମୀ କରାଇ ଥିଲା ଯାହାକୁ ସୁଧାରିବାକୁ ସରକାରଙ୍କୁ ଅନେକଗୁଡ଼ିଏ ପ୍ୟାକେଜ୍ ଘୋଷଣା କରିବାକୁ ବାଧ୍ୟ ହୋଇଥିଲେ । ସେ ଯାହାହେଉ, ପରିସ୍ଥିତିରେ ଧୀରେ ଧୀରେ ସୁଧାର ଆସିବାକୁ ଆରମ୍ଭ କରିଛି; ଅର୍ଥାତ୍, ଦେଶ ଆର୍ଥିକ ମାନ୍ଦାବସ୍ଥାରୁ ମୁକୁଳିବାକୁ ଆରମ୍ଭ କରିଛି ।

ବିଚାରର ଅନିର୍ବାଣ ଶିଖା – ଦୀନଦୟାଲ ଉପାଧ୍ୟାୟ

ପ୍ରତାପ ଚନ୍ଦ୍ର ଷଡଙ୍ଗୀ
ସାଂସଦ, ବାଲେଶ୍ୱର

ରାଜନୀତି କ୍ଷେତ୍ରରେ ସେ ଜଣେ ଋଷି । ସାମାଜିକ କ୍ଷେତ୍ରରେ ଜଣେ ଦରଦୀ ସମାଜ ସେବକ । ଶିକ୍ଷା କ୍ଷେତ୍ରରେ ଜଣେ ମାର୍ଗଦର୍ଶକ । ବିଜ୍ଞାନ କ୍ଷେତ୍ରରେ ଜଣେ ସତ୍ୟାନୁସନ୍ଧାନୀ, ଅର୍ଥନୀତି କ୍ଷେତ୍ରରେ ଜଣେ ମହାନ୍ ଚିନ୍ତାନାୟକ, ଯାହାଙ୍କର ସମଗ୍ର ଚିନ୍ତନ ମାନବ କୈନ୍ଦ୍ରିକ । ସଂସ୍କୃତି କ୍ଷେତ୍ରରେ ଜଣେ ପ୍ରଚଣ୍ଡ ରାଷ୍ଟ୍ରବାଦୀ । ଆଧ୍ୟାତ୍ମିକ କ୍ଷେତ୍ରରେ ଜଣେ ମହାନ୍ ଦାର୍ଶନିକ ଓ ଅଧ୍ୟାତ୍ମ ସାଧକ । ସେ ହେଉଛନ୍ତି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ।

ଏହି ବିଲକ୍ଷଣ ମହାପୁରୁଷଙ୍କୁ କେବଳ ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠାତା ସଦସ୍ୟ ବା ସଭାପତି ଭାବେ ବିଚାର କଲେ ତାଙ୍କ ବ୍ୟକ୍ତିତ୍ୱର ପ୍ରକୃତ ମୂଲ୍ୟାଙ୍କନ ହୋଇପାରିବ ନାହିଁ । ଏହି ପ୍ରବନ୍ଧର କ୍ଷୁଦ୍ର କଳେବରରେ ତାଙ୍କର ବିରାଟ ବ୍ୟକ୍ତିତ୍ୱର ମୂଲ୍ୟାଙ୍କନ ଅସମ୍ଭବ । ଯଥାସମ୍ଭବ ଏହି ସୀମାହୀନ ବ୍ୟକ୍ତିତ୍ୱ ପ୍ରତି ନିଜର ଶ୍ରଦ୍ଧା ନିବେଦନ କରିବାର ପ୍ରୟାସ କରିବି ।

ସଂଘର୍ଷରୁ ଉତ୍କର୍ଷ – ବିପତିରୁ ବିକାଶ: ୨୫ ସେପ୍ଟେମ୍ବର ୧୯୧୬ ମସିହାରେ ଉତ୍ତର ପ୍ରଦେଶର ମଥୁରା ଜିଲ୍ଲାର ନଗଲା ଚନ୍ଦ୍ରଭାନରେ ଦୀନଦୟାଲଙ୍କର ଜନ୍ମ ହୋଇଥିଲା । ତାଙ୍କ ପିତା ଥିଲେ ଭଗବତୀ ପ୍ରସାଦ ଉପାଧ୍ୟାୟ ଓ ମାତା ରାମପ୍ୟାରୀ ଦେବୀ । ଶୈଶବରୁ ସେ ମାତା ପିତାଙ୍କୁ ହରାଇଥିଲେ ଓ ଆତ୍ମୀୟମାନଙ୍କ ସହଯୋଗରେ ତାଙ୍କ ଶିକ୍ଷା ଓ ଜୀବନ ଆଗକୁ ବଢ଼ିଲା । କ୍ରମଶଃ ଅଜା, ଆଈ, ଭାଇ, ଭଉଣୀ ଓ ଅନ୍ୟ ଆତ୍ମୀୟମାନଙ୍କୁ ଭାଇ ଯେପରି ଏକୁଟିଆ ହୋଇଗଲେ । ମାତ୍ର ଏଥିରେ ଭାଙ୍ଗି ନପଡ଼ି ଏସବୁକୁ ଏକ ଚ୍ୟାଲେଞ୍ଜ (ଆହ୍ୱାନ) ରୂପରେ ସ୍ୱୀକାର କରି ସେ କୃତୀତ୍ୱର ସହ ସନାତନ ଧର୍ମ କଲେଜରୁ ସ୍ନାତକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ଆଗ୍ରାରେ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ଶିକ୍ଷା ଆରମ୍ଭ କରିଥିଲେ, ଯଦିଓ ତାହା ସମ୍ପୂର୍ଣ୍ଣ ହୋଇ ପାରି ନଥିଲା ।

ମୂର୍ତ୍ତିମାନ ଦରିଦ୍ରତା ଓ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏହି ମେଧାବୀ ବିଦ୍ୟାର୍ଥୀ ଯେପରି ସଫଳତାର ପାହାଚ ଚଢ଼ି ଚାଲିଥିଲେ ସେଥିରୁ ଆଧୁନିକ ଯୁବ ସମାଜ ଏହି ଶିକ୍ଷା କରିପାରିବେ ଯେ, ପ୍ରତିକୂଳ ପରିସ୍ଥିତି, ଅଭାବ, ବ୍ୟକ୍ତିଗତ ଦୁଃଖ ସତ୍ତ୍ୱେ ଶିକ୍ଷା, ଅନୁଶାସନ, ଧ୍ୟେୟନିଷ୍ଠା, ନୈତିକତା ଓ ଚରିତ୍ର ବଳ ଦ୍ୱାରା ଜଣେ ସଫଳତାର ଶୀର୍ଷକୁ ଯାଇପାରେ ।

ବ୍ୟକ୍ତିଗତ ସଫଳତାରୁ ସଙ୍ଗଠନ ଜୀବନ ଓ ରାଷ୍ଟ୍ର ସେବା: ଛାତ୍ର ଜୀବନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ତାଙ୍କର ସମ୍ପର୍କ ତାଙ୍କ ଜୀବନର ଗତିପଥ ବଦଳାଇ ଦେଲା । ୧୯୪୨ ମସିହା, ଦେଶସାରା ଭାରତ ଛାଡ଼ ଆନ୍ଦୋଳନର ରଣହୁଙ୍କାର । ଏହି ନୀରବ ସାଧକ ଉଚ୍ଚଶିକ୍ଷା ଲାଭ ପରେ ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ମଧ୍ୟ ଚାକିରି ନକରି ସଂଘର ପ୍ରଚାରକ ଭାବେ ଯୋଗଦାନ କଲେ । ମାମୁଁ ବହୁତ ଦୁଃଖୀ ହେଲେ । ମାମୁଁଙ୍କ ପତ୍ରର ସେ ଯେଉଁ ମାର୍ମିକ ଉତ୍ତର ଦେଇଛନ୍ତି ତାହା ପ୍ରତ୍ୟେକ ଦେଶ ସେବକମାନଙ୍କ ପାଇଁ ଏକ ପ୍ରେରଣାର ଉତ୍ସ । ତାଙ୍କର ସାଧାରଣ ଜୀବନରେ ପ୍ରଭାବ ବଢ଼ିଥିଲେ ମଧ୍ୟ ବ୍ୟକ୍ତିଗତ ଜୀବନର ମାଧୁର୍ଯ୍ୟ ଥିଲା ଅସାମାନ୍ୟ ସରଳତା । ତାଙ୍କର ରାଜନୀତିକ ଜୀବନ ବ୍ୟସ୍ତବହୁଳ । ସେ ସଂଗଠନ, ଅଧ୍ୟୟନ, ପ୍ରବାସ, ଲେଖନ ଓ ସାର୍ବଜନୀନ କାର୍ଯ୍ୟରେ ନିଜକୁ ନିମଜ୍ଜିତ କଲେ । ତାଙ୍କ ପାଇଁ ନେତୃତ୍ୱର ଅର୍ଥ ପଦପଦବୀ ନୁହେଁ– କାର୍ଯ୍ୟକର୍ତ୍ତା ନିର୍ମାଣ, ସଂଗଠନ ଗଢ଼ିବା, ଦୀର୍ଘମିଆଦୀ ବିଚାରକୁ ସଂସ୍ଥାଗତ ରୂପ ଦେବା, ଲୋକମାନଙ୍କୁ ମହାନ ଆଦର୍ଶରେ ଅନୁପ୍ରାଣୀତ କରିବା ମଧ୍ୟ ନେତୃତ୍ୱର ଅଂଶ ଥିଲା ।

ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କର ଅକାଳ ନିଧନର କିଛିକାଳ ପରେ ଯେତେବେଳେ ସେ ଭାରତୀୟ ଜନସଂଘର ଅଧ୍ୟକ୍ଷ ଦାୟିତ୍ୱ ସମ୍ଭାଳିଲେ ସେତେବେଳେ ସଂଗଠନର ଦୃଢ଼ ଅଭିବୃଦ୍ଧି ହେଲା ଓ ଭାରତୀୟ ଜନସଂଘର ବିସ୍ତାର ହେଲା । ଏହି ଦାୟିତ୍ୱରେ ସେ ଅତିଅଳ୍ପ କାଳ ରହିବା ପରେ ତାଙ୍କର ରହସ୍ୟଜନକ ମୃତ୍ୟୁ ହୋଇଥିଲା, ଯାହାର କାରଣ ଆଜି ବି ଜଣା ପଡ଼ିନାହିଁ । ତାଙ୍କର ପରିଚୟ ଏହି ପଦରେ ସୀମିତ ହୋଇ ରହିନାହିଁ । ସେ ଭାରତୀୟ ଜନସଂଘକୁ ଏକ ଶାଶ୍ୱତ ଦାର୍ଶନିକ ପୃଷ୍ଠଭୂମି ଦେଇ ଯାଇଛନ୍ତି, ଯାହା ଏକାତ୍ମ ମାନବ ଦର୍ଶନ ଭାବେ ପରିଚିତ ।

ଏକାତ୍ମ ମାନବ ଦର୍ଶନ: ସୃଷ୍ଟି ଆରମ୍ଭରୁ ସବୁ ମନୁଷ୍ୟ କିପରି ସୁଖୀ ହେବେ ଏହା ଉପରେ ଅନୁସନ୍ଧାନ ଚାଲି ଆସିଅଛି । ରାଜତନ୍ତ୍ର, ଏକଛତ୍ରବାଦ, ଗଣତନ୍ତ୍ର, ପୁଣି ସମାଜବାଦ, ସାମ୍ୟବାଦ, ପୁଞ୍ଜିବାଦ ଆଦି ବିଭିନ୍ନ ବ୍ୟବସ୍ଥାର କୋଳାହଳରେ ବିଶ୍ୱ ଜର୍ଜରିତ । ଏହି ସମୟରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଭାରତର ସନାତନ ପରମ୍ପରା, ବେଦାନ୍ତ, ସ୍ୱାମୀ ବିବେକାନନ୍ଦ, ରାମ ମନୋହର ଲୋହିଆ ଆଦିଙ୍କର ବିଚାର ସିନ୍ଧୁ ମନ୍ଥନ କରି ଯେଉଁ ଅମୃତ ପରିବେଷଣ କଲେ ତାହା ହେଲା 'ଏକାତ୍ମ ମାନବ ଦର୍ଶନ' । ୧୯୬୫ ମସିହା ଏପ୍ରିଲ୍ ୨୨ରୁ ୨୫ ମଧ୍ୟରେ ବମ୍ବେରେ ଦିଆଯାଇଥିବା ତାଙ୍କର ଚାରିଟି ବ୍ୟାଖ୍ୟାନରେ ଦୀନଦୟାଲ ଏକାତ୍ମ ମାନବ ଦର୍ଶନର ବ୍ୟାଖ୍ୟା କରିଥିଲେ । ଏକାତ୍ମ ମାନବ ଦର୍ଶନ କଣ? ଏହାର କେନ୍ଦ୍ରରେ କିଏ? ମନୁଷ୍ୟ । ସେ ମୌଳିକ ପ୍ରଶ୍ନ ଉଠାଇଲେ–ମନୁଷ୍ୟ କଣ? ମନୁଷ୍ୟ କିଏ? ମନୁଷ୍ୟ କଣ କେବଳ ଶରୀର? ଉପଭୋକ୍ତା? କେବଳ ଏକ ଗ୍ରାହକ? କେବଳ ଉତ୍ପାଦକ? ଏହି ଅନୁସନ୍ଧାନରେ ଉତ୍ତର ସେ ପାଇଲେ ନା, ତାଙ୍କ ଦୃଷ୍ଟିରେ ମନୁଷ୍ୟର ଚାରୋଟି ପରସ୍ପର ସମ୍ପୃକ୍ତ ଦିଗ ଅଛି: ଶରୀର + ମନ + ବୁଦ୍ଧି + ଆତ୍ମା । ଶରୀରର ଭୌତିକ ଆବଶ୍ୟକତା- ଖାଦ୍ୟ, ପାନୀୟ, ବାସଗୃହ, ଆରାମ ଆଦି ଆବଶ୍ୟକ । ମନର ଭାବନାତ୍ମକ ଆବଶ୍ୟକତା ଅଛି, ବୁଦ୍ଧିକୁ ଜ୍ଞାନ ଓ ବିଚାର ଦରକାର, ଆତ୍ମା ପାଇଁ ମୂଲ୍ୟବୋଧ, ପ୍ରାର୍ଥନା ଓ ଆଧ୍ୟାତ୍ମିକତା ଆବଶ୍ୟକ । ତେଣୁ ସମଗ୍ର ମଣିଷକୁ ସୁଖୀ କରିବାକୁ ହେଲେ ଏହି ଚାରୋଟି ଦିଗନ୍ତର ସମୁଚିତ ବିକାଶ ଆବଶ୍ୟକ ।

ମୁଁ ରୁ ଆମେ – ବ୍ୟକ୍ତିରୁ ବିଶ୍ୱ: ଏକାତ୍ମ ମାନବ ଦର୍ଶନ ବ୍ୟକ୍ତି ପାଖରେ ଅଟକେ ନାହିଁ । ଦୀନଦୟାଲଜୀଙ୍କ ମତରେ ବ୍ୟକ୍ତି + ପରିବାର + ସମାଜ + ରାଷ୍ଟ୍ର + ମାନବତା + ବିଶ୍ୱ + ପ୍ରକୃତି – ଏସବୁ ପରସ୍ପର ସମ୍ପୃକ୍ତ ଏବଂ ଏହାହିଁ ପରମାତ୍ମାଙ୍କର ନାନାବିଧ ଅଭିବ୍ୟକ୍ତି । ବ୍ୟକ୍ତିର ସ୍ୱାଧୀନତା ଓ ସମାଜର ହିତ ପରସ୍ପର ବିରୋଧୀ ନୁହେଁ, ବରଂ ସେମାନଙ୍କ ଭିତରେ ସମନ୍ୱୟ ଅଛି – ଏହା ହିଁ ସେ ପ୍ରତିପାଦନ କରିଥିଲେ ।

କେବଳ ଏକାଙ୍ଗୀ ସଫଳତା ନୁହେଁ ସାମଗ୍ରିକ ବିକାଶ: କେବଳ ଭୌତିକ, ଶୈକ୍ଷିକ ବା ଆର୍ଥିକ ସଫଳତା ଦ୍ୱାରା ମନୁଷ୍ୟ ସୁଖୀ ହୋଇପାରିବ ନାହିଁ । ତାଙ୍କ ବିଚାରରେ ଧର୍ମ, ଅର୍ଥ, କାମ, ମୋକ୍ଷ- ଏହି ଚତୁର୍ବର୍ଗ ସିଦ୍ଧିରେ ହିଁ ପରିପୂର୍ଣ୍ଣ ସୁଖ ବା ଶାନ୍ତି ମିଳିପାରିବ ।

ଅନ୍ତ୍ୟୋଦୟ: ତାଙ୍କ ବିଚାରରେ ବିକାଶ କେତେ ହେଲା ତାହା ମୂଳପ୍ରଶ୍ନ ନୁହେଁ । ମୂଳ ପ୍ରଶ୍ନ ହେଉଛି ବିକାଶ କେତେ ଲୋକଙ୍କୁ ଉପକୃତ କଲା । ଦୁଧ କେତେ ଉତ୍ପାଦନ ହେଲା ତାହାଠାରୁ କେତେ ପିଲା ଶୁଦ୍ଧ ଦୁଧ ପିଇଲେ ତାହା ମହତ୍ୱପୂର୍ଣ୍ଣ । ସମାଜର ଶେଷ ଧାଡ଼ିରେ ଥିବା ଲୋକର ଉ□ାନ ହେଲା କି? ଏହି ସମସ୍ୟାର ସମାଧାନ ପାଇଁ ସେ ଆବିଷ୍କାର କଲେ 'ଅନ୍ତ୍ୟୋଦୟ' ତତ୍ତ୍ୱ । ଅନ୍ତ୍ୟ ଅର୍ଥ ଶେଷ ଓ ଉଦୟ ଅର୍ଥ ଉ□ାନ । ଏଠାରେ କେତେକ ମୂଳପ୍ରଶ୍ନ ଉଠାଯାଇପାରେ । ରାଷ୍ଟ୍ରର ସାମଗ୍ରିକ ଆୟ ବଢ଼ିପାରେ, ଶିଳ୍ପ ବଢ଼ିପାରେ, ସ୍କୁଲ, କଲେଜ ବଢ଼ିପାରେ, ହୋଟେଲ୍, ଢାବା ବଢ଼ିପାରେ, ଗାଡ଼ି, ମଟର ବଢ଼ିପାରେ, ମାତ୍ର ସମାଜର ଦୁର୍ବଳତମ ଲୋକ, ଗରିବ, କୃଷକ, ମୂଲିଆ, ରିକ୍ସାବାଲା, ଶ୍ରମିକ, ବଂଚିତ ଲୋକ ପାଖରେ ଏହା ପହଂଚିଥିଲା କି? ଯଦି ନା ତେବେ ଏହି ବିକାଶ ନିରର୍ଥକ । ଅନ୍ତ୍ୟୋଦୟ ବିକାଶ ଆଲୋଚନାକୁ କେତେ ବଢ଼ିଲାରେ ସୀମିତ ନରଖି କାହା ପର୍ଯ୍ୟନ୍ତ ପହଂଚିଲା ତାହା ଉପରେ ଗୁରୁତ୍ୱ ଦିଏ ।

ଅର୍ଥନୀତିର କେନ୍ଦ୍ରରେ ମଣିଷ: ଦୀନଦୟାଲଜୀ ପୁଞ୍ଜିବାଦ ଓ ଅତ୍ୟଧିକ କେନ୍ଦ୍ରୀକୃତ ସମାଜବାଦ–ଉଭୟର କିଛି ସୀମାବଦ୍ଧତା ଉପରେ ପ୍ରଶ୍ନ ଉଠାଇଥିଲେ । ତାଙ୍କ ମତରେ ଆର୍ଥିକ ବ୍ୟବସ୍ଥାର କେନ୍ଦ୍ରରେ ମଣିଷ ରହିବା ଆବଶ୍ୟକ । ତାଙ୍କ ବିଚାରରେ ନ୍ୟୁନତମ ଜୀବନମାନ, ଉତ୍ପାଦନଶୀଳ ରୋଜଗାର, ବିକେନ୍ଦ୍ରୀକରଣ, ସ୍ଥାନୀୟ କ୍ଷମତା, ପ୍ରାକୃତିକ ସମ୍ବଳର ଦାୟିତ୍ୱପୂର୍ଣ୍ଣ ଉପଯୋଗ ଓ ଭାରତୀୟ ପରମ୍ପରା ଓ ପରିସ୍ଥିତି ସହ ଉପଯୁକ୍ତ ପ୍ରଯୁକ୍ତିକୁ ଗୁରୁତ୍ୱ ମିଳିବା ଆବଶ୍ୟକ । ଅର୍ଥାତ୍ ଅର୍ଥନୀତି ମଣିଷର ସେବା କରିବ, ମଣିଷ ଅର୍ଥନୀତିର ଦାସ ହେବନାହିଁ ।

ଧର୍ମ କେବଳ ପୂଜା ପଦ୍ଧତି ନୁହେଁ: ତାଙ୍କ ମତରେ ଧର୍ମ କେବଳ ପୂଜାପଦ୍ଧତି ବା କ୍ରିୟାକାଣ୍ଡ ନୁହେଁ । ତାଙ୍କ ମତରେ ଧର୍ମ ସହ କର୍ତ୍ତବ୍ୟ, ନୈତିକତା, ପବିତ୍ରତା, ଦାୟିତ୍ୱ, ମର୍ଯ୍ୟାଦା, ଉପଯୁକ୍ତ ଆଚରଣ, ନିଃସ୍ୱାର୍ଥପରତା ଓ ସାମାଜିକ ସମନ୍ୱୟ ଜଡ଼ିତ । ଅଧିକାର ସହ କର୍ତ୍ତବ୍ୟ, ଶକ୍ତି ସହ ସଂଯମ ଓ ସ୍ୱାଧୀନତା ସହ ଦାୟିତ୍ୱ ଓ ମର୍ଯ୍ୟାଦା ସମନ୍ୱିତ ହେବା ଆବଶ୍ୟକ ।

ଚିନ୍ତନ, ଲେଖନ ଓ ସାମ୍ବାଦିକତା: ତାଙ୍କ ବ୍ୟକ୍ତିତ୍ୱର ଆଉ ଏକ ପ୍ରଧାନ ଦିଗ ହେଲା ତାଙ୍କର ଲେଖନ । ସେ ରାଷ୍ଟ୍ରଧର୍ମ, ପାଂଚଜନ୍ୟ ଓ ସ୍ୱଦେଶ ଭଳି ସମ୍ବାଦପତ୍ର ପ୍ରକାଶନର ଦାୟିତ୍ୱରେ ଥିଲେ ଓ ରାଜନୀତି, ଅର୍ଥନୀତି, ଇତିହାସ, ସଂସ୍କୃତି, ସମାଜ ଓ ରାଷ୍ଟ୍ରର ଭବିଷ୍ୟତ ଉପରେ ପ୍ରଭାବୀ ଲେଖାମାନ ଲେଖିଥିଲେ । ସମ୍ରାଟ୍ ଚନ୍ଦ୍ରଗୁପ୍ତ, ଭାରତୀୟ ଅର୍ଥନୀତି– ବିକାଶ କି ଦିଶା, Political Diary, ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ଏକାତ୍ମ ମାନବ ଦର୍ଶନ, The Two Plans, Devaluation: A Great Fall ଆଦି ବିଶିଷ୍ଟ ପୁସ୍ତକର ସେ ଲେଖକ ।

ଅନ୍ତିମ ଯାତ୍ରା: 19Customsରେ ଦୀନଦୟାଲଜୀ ଭାରତୀୟ ଜନସଙ୍ଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ହୋଇଥିଲେ । ମାତ୍ର ତାଙ୍କର ଅଧ୍ୟକ୍ଷତା ଅତି ସଂକ୍ଷିପ୍ତ ଥିଲା । ୧୧ ଫେବୃଆରୀ ୧୯୬୮ରେ ତାଙ୍କର ମୃତଦେହ ମୋଗଲ ସରାଇ ରେଳ ଷ୍ଟେସନରେ ମିଳିଥିଲା । ସେତେବେଳେ ତାଙ୍କର ବୟସ ମାତ୍ର ୫୧ ବର୍ଷ । ସେ ଆଜି ଆମ ଗହଣରେ ନାହାନ୍ତି । ମାତ୍ର ତାଙ୍କର ବ୍ୟକ୍ତିତ୍ୱ, ବିଚାର, ତ୍ୟାଗର ସୌରଭ ଆମ ସମସ୍ତଙ୍କୁ ବହୁକାଳ ପର୍ଯ୍ୟନ୍ତ ପ୍ରେରଣା ଦେଉଥିବ ।

ତାଙ୍କର ଜୀବନରୁ ଏହି ଶିକ୍ଷା ମିଳିଥାଏ:

୧. ଜୀବନର ଦୀର୍ଘତା ଜୀବନର ସଫଳତାର ପରିଚାୟକ ନୁହେଁ । ଜୀବନର ଅର୍ଥପୂର୍ଣ୍ଣତା, ଜୀବନର ସମାଜ ଉପଯୋଗିତା ହିଁ ଜୀବନର ପ୍ରକୃତ ମହତ୍ୱ । ଗୋପବନ୍ଧୁ ଦାସଙ୍କର ନିମ୍ନୋକ୍ତିର–
   'ମାନବ ଜୀବନ ନୁହଁଇ କେବଳ ବର୍ଷ, ମାସ, ଦିନ, ଦଣ୍ଡ,
   କର୍ମେ ଜିଏଁ ନର କର୍ମ ଏକ ତାର ଜୀବନର ମାନଦଣ୍ଡ ।'
   ସଫଳତାର ସେ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ।
୨. ମନୁଷ୍ୟ ପରିସ୍ଥିତିର ଦାସ ହେବା ପାଇଁ ଜନ୍ମ ହୋଇନାହିଁ । ପରିସ୍ଥିତି ଉପରେ ବିଜୟ ପ୍ରାପ୍ତ କରି ଇତିହାସ ନିର୍ମାଣ ପାଇଁ ମନୁଷ୍ୟର ଜନ୍ମ ।
୩. ମନୁଷ୍ୟର ବ୍ୟକ୍ତିଗତ ଉତ୍କର୍ଷ ସମାଜ ହିତରେ ଉପଯୋଗ ହିଁ ତାହାର ମହତ୍ୱ ବୃଦ୍ଧି କରେ ।
୪. ଭୋଗ ନୁହେଁ, ତ୍ୟାଗ ଦ୍ୱାରା ହିଁ ମାନବ ଜୀବନର ଗୌରବ ବୃଦ୍ଧି ହୁଏ ।
୫. ପାଶ୍ଚାତ୍ୟ ବିଚାରର ଅନ୍ଧାନୁକରଣ ପରିବର୍ତ୍ତେ ପାଶ୍ଚାତ୍ୟରୁ ଜ୍ଞାନ ଆହରଣ କରି ଭାରତୀୟ ବିଚାର ପରମ୍ପରା ସହିତ ସମନ୍ୱିତ କଲେ ଦେଶର ମଙ୍ଗଳ ହେବ ।
୬. ଅନ୍ତିମ ପଂକ୍ତିରେ ଥିବା ଲୋକର ବିକାଶ ନକରି ଦେଶର ସାମଗ୍ରିକ ବିକାଶ ଅସମ୍ଭବ ।
୭. 'ରାଷ୍ଟ୍ର ସର୍ବୋପରି' ଓ 'ସବୁରି କେନ୍ଦ୍ରରେ ମନୁଷ୍ୟ' ଏହି ଦୁଇଟି ବୈପ୍ଳବିକ ବିଚାରକୁ ସମସ୍ତ ଚିନ୍ତନର କେନ୍ଦ୍ରରେ ରଖିବାକୁ ହେବ ।

ଏଗୁଡ଼ିକୁ ଆମ ଜୀବନରେ ରୂପାୟିତ କରିପାରିଲେ ତାହା ହିଁ ହେବ ଏହି ମହାପୁରୁଷଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ।

ଇଥାନଲ : ମିଶନ ଇ-୨୦ ଓ ଭାରତର ଅର୍ଥନୀତି

॥ ମନସିଜ୍ ଦାସ ॥

ଭାରତୀୟ ବଜାରକୁ ଆସିଛି ଇ୨୦ ବା ଇଥାନଲ ମିଶ୍ରିତ ପେଟ୍ରୋଲ । ବିଭିନ୍ନ କୃଷି ଉତ୍ପାଦରୁ ଇଥାନଲ ତିଆରି ହେଉଛି । ଏହାକୁ ଇଥାଇଲ ଆଲକହଲ କୁହାଯାଏ । ବର୍ତ୍ତମାନ ପେଟ୍ରୋଲ, ଡିଜେଲ ଆଦି ପାରମ୍ପରିକ ଜୀବାଶ୍ମ ଇନ୍ଧନର ବିକଳ୍ପ ରୂପେ ଇଥାନଲ ବେଶ ଗୁରୁତ୍ୱପୂର୍ଣ୍ଣ । ଏହା ପାରଦର୍ଶୀ, ରଙ୍ଗହୀନ ଓ ଜ୍ୱଳନଶୀଳ ଇନ୍ଧନ । ଇଥାନଲ ଇନ୍ଧନ କେବଳ ପରିବେଶ ପାଇଁ ଉପଯୋଗୀ ନୁହେଁ, ବରଂ ଦେଶର ଶକ୍ତି ଆତ୍ମନିର୍ଭରତାକୁ ମଧ୍ୟ ବୃଦ୍ଧି କରିବ । ଇଥାନଲକୁ ପେଟ୍ରୋଲ ସହିତ ମିଶାଇ ଯାନବାହନରେ ଇନ୍ଧନ ରୂପେ ବ୍ୟବହାର କରାଯାଉଛି । ଭାରତରେ ଏହାକୁ ଇଥାନଲ ବ୍ଲେଣ୍ଡେଡ ପେଟ୍ରୋଲ କୁହାଯାଉଛି । ତେବେ ଗାଡ଼ିମୋଟରରେ ଇ୨୦ ପେଟ୍ରୋଲ ବ୍ୟବହାରକୁ ନେଇ ଅନେକ ଅଭିଯୋଗ ମଧ୍ୟ ଆସିଛି । ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଫଳରେ ଗାଡ଼ି ଗୁଡ଼ିକ କମ ମାଇଲେଜ ଦେବା, ଇଞ୍ଜିନ ଖରାପ ହୋଇଯିବା ଆଦି ଅଭିଯୋଗକୁ ନେଇ ଚର୍ଚ୍ଚା ଜୋର ଧରିଛି । ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାରକୁ ନେଇ ସରଗରମ ଆଲୋଚନା ହେଉଛି । ଇଥାନଲ ହେଉଛି ଏକ ଜୈବ ଇନ୍ଧନ । ବିଶେଷ କରି ଆଖୁ, ମକା, ଗହମ ଆଦି କୃଷି ଉତ୍ପାଦନରୁ ଏହା ତିଆରି ହୋଇଥାଏ । ବର୍ତ୍ତମାନ ଭାରତରେ ଇଥନଲ ପେଟ୍ରୋଲ ବ୍ୟବହାରକୁ ନେଇ ଦେଖାଦେଇଛି ସଂଶୟ । କାରଣ ଇ-୨୦ ହେଉଛି ୨୦ ପ୍ରତିଶତ ଇଥାନଲ ଓ ୮୦ ପ୍ରତିଶତ ସାଧାରଣ ପେଟ୍ରୋଲର ମିଶ୍ରିତ ପେଟ୍ରୋଲ । ଇ୨୦ ବ୍ୟବହାର କଲେ ଗାଡ଼ି କମ ମାଇଲେଜ ଦେବା, ଇଞ୍ଜିନ ଖରାପ ହେଉଥିବା ଅଭିଯୋଗ ହେଉଛି । ସେପଟେ ବିଦେଶରୁ କଂଚା ତୈଳ ଆମଦାନି ହ୍ରାସ, ବୈଦେଶିକ ମୁଦ୍ରା ସଂଚୟ ପରିବେଶ ପ୍ରଦୂଷଣ ହ୍ରାସ, ଦେଶର ଶକ୍ତି ଆତ୍ମନିର୍ଭରଶୀଳତା ବୃଦ୍ଧି ପାଇଁ ଯାନବାହନରେ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ପାଇଁ ସରକାର ନିଷ୍ପତି ନେଇଛନ୍ତି । ଇ-୨୦ ପ୍ରଚଳନର ଉଦ୍ଦେଶ୍ୟ ହେଉଛି, ଇଥାନଲ ଏକ ନବୀକରଣୀୟ ଶକ୍ତିର ଉତ୍ସ । ପେଟ୍ରୋଲ ତୁଳନାରେ ଏଥିରୁ କମ କାର୍ବନ ଡାଇଅକ୍ସାଇଡ୍ ନିର୍ଗତ ହୋଇଥାଏ । ବିଶ୍ୱର ସବୁଠାରୁ ଅଧିକ କଂଚା ତୈଳ ଓ ପେଟ୍ରୋଲିୟମ ଉତ୍ପାଦ ବ୍ୟବହାରକାରୀ ଦେଶ ମଧ୍ୟରେ ଭାରତର ସ୍ଥାନ ତୃତୀୟ । ଦେଶର ତୈଳ ଆମଦାନୀ ହ୍ରାସ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି । ଏହା ସହିତ କାର୍ବନ ଡାଇଅକ୍ସାଇଡ୍ ନିର୍ଗତ ହ୍ରାସ ଓ କୃଷକମାନଙ୍କ ଅତିରିକ୍ତ ଆୟର ପନ୍ଥା ସୃଷ୍ଟି ନିମନ୍ତେ ଇ୨୦ ପେଟ୍ରୋଲ ବ୍ୟବହାର ଉପରେ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି । ୨୦୩୦ ମସିହା ସୁଦ୍ଧା ୨୦ ପ୍ରତିଶତ ଇଥାନଲ ମିଶ୍ରିତ ପେଟ୍ରୋଲ ଦେଶରେ ବିକ୍ରି କରିବା ପାଇଁ ୨୦୧୮ ମସିହାରେ ଭାରତ ସରକାର ନିଷ୍ପତି ନେଇଥିଲେ । ପରେ ଏହି ସମୟ ସୀମାକୁ ପାଂଚ ବର୍ଷ ହ୍ରାସ କରି ୨୦୨୫ ମସିହା କରାଯାଇଥିଲା । ୨୦୨୫ ମସିହା ୪ ଫେବୃଆରୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇ୨୦ ପେଟ୍ରୋଲର ଲଂଚ କରିଥିଲେ । ତେବେ ଏହା ପୂର୍ବରୁ ୨୦୨୨ ମସିହାରେ ଦେଶରେ ପେଟ୍ରୋଲରେ ୧୦ ପ୍ରତିଶତ ଇଥାନଲ ମିଶାଇବାକୁ ଯୋଜନା ପୂରା କରାଯାଇଥିଲା । ଇ୨୦ ନୀତିର ସବୁଠାରୁ ବଡ଼ ଲାଭ କୃଷକଙ୍କୁ ମିଳିବାର ଆଶା କରାଯାଉଛି । ଆଖୁ, ମକା ଓ ଅନ୍ୟାନ୍ୟ ଫସଲର ଚାହିଦା ବଢ଼ିବାରୁ କୃଷକମାନେ ଅଧିକ ବଜାର ସୁଯୋଗ ପାଇବେ । ଚିନି ଶିଳ୍ପ ପାଇଁ ମଧ୍ୟ ଇଥାନଲ ଏକ ବିକଳ୍ପ ଆୟର ଉତ୍ସ ସୃଷ୍ଟି କରିବ । ତେବେ ଲାଭ ଭିତରେ କ୍ଷତି ମଧ୍ୟ ରହିଲା ପରି ଏହାର ସମସ୍ୟା କିଛି ରହିଛି । ଇ୨୦ ନୀତି ସମ୍ପୂର୍ଣ୍ଣ ସମସ୍ୟା ମୁକ୍ତ ନୁହେଁ । ଭାରତରେ ଇଥାନଲ ଉତ୍ପାଦନ ପାଇଁ ବହୁ ପରିମାଣରେ ଆଖୁ ଓ ମକା ଉପରେ ନିର୍ଭର କରିବାକୁ ପଡୁଛି । ଆଖୁ ଏକ ଅଧିକ ଜଳ ଆବଶ୍ୟକ କରୁଥିବା ଫସଲ । ଜଳ ସଙ୍କଟ ଥିବା ଅଂଚଳରେ ଏହାର ବ୍ୟାପକ ଚାଷ ପରିବେଶ ଓ ଜଳ ସମ୍ପଦ ଉପରେ ଚାପ ପଡ଼ାଇପାରେ । ଅନ୍ୟପକ୍ଷରେ ଖାଦ୍ୟଶସ୍ୟକୁ ଇନ୍ଧନ ଉତ୍ପାଦନରେ ବ୍ୟବହାର କରିବା ଫଳରେ ଭବିଷ୍ୟତରେ ଖାଦ୍ୟ ସୁରକ୍ଷା ଓ ଦାମ ଉପରେ ପ୍ରଭାବ ପଡ଼ିବ କି ନାହିଁ, ସେ ନେଇ ମଧ୍ୟ ଚିନ୍ତା ରହିଛି । ଭାରତରେ ବାର୍ଷିକ ୯୩ ନିୟୁତ ଟନ୍ ଡିଜେଲ ଓ ୪୦ ନିୟୁତ ଟନ ପେଟ୍ରୋଲ ବ୍ୟବହାର ହୋଇଥାଏ । ପେଟ୍ରୋଲ ଉତ୍ପାଦନ ପାଇଁ ଆମ ଦେଶର ବାର୍ଷିକ ୨୪୦-୨୫୦ ନିୟୁତ ଟନ ଅଶୋଧିତ ତୈଳ ଋଷିଆ, ଇରାନ, ଦକ୍ଷିଣ ଆରବ ଓ ୟୁ.ଏ.ଇ ଦେଶରୁ ଆମଦାନୀ କରେ । ଏଥିପାଇଁ ୧୩୫-୧୬୦ ବିଲିୟନ ଡଲାର ବୈଦେଶିକ ମୁଦ୍ରା ବିନିଯୋଗ ହୁଏ । ଏହା ଦେଶର ବାଣିଜ୍ୟିକ କ୍ଷତି ଏବଂ ବୈଦେଶିକ ମୁଦ୍ରା ଉପରେ ବଡ଼ ଚାପ ସୃଷ୍ଟି କରେ । ବିଶ୍ୱର ତୃତୀୟ ବୃହତ୍ ତୈଳ ଉପଭୋକ୍ତା ଭାବରେ ଭାରତ ନିଜର ପ୍ରାୟ ୮୫ ପ୍ରତିଶୋଧ ଅଶୋଧିତ ତୈଳ ବିଦେଶରୁ ଆମଦାନି କରିଥାଏ । ଏହି ବିପୁଳ ଆମଦାନୀ ତୈଳ ବିଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପ ସୃଷ୍ଟି କରିବା ସହ ବିଶ୍ୱ ବଜାରରେ ତୈଳ ଉପରେ ଚାପ ସୃଷ୍ଟି କରିଦେଇଛି । ଭାରତୀୟ ଅର୍ଥନୀତିକୁ ସମ୍ବେଦନଶୀଳ କରିଦେଇଛି । ଏହି ପରିପ୍ରେକ୍ଷୀରେ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ ବା ଇ୨୦ ଇନ୍ଧନ ନୀତି କେବଳ ଏକ ଇନ୍ଧନ ପରିବର୍ତ୍ତନ ନୁହେଁ ବରଂ ଏହା ଶକ୍ତି ନିରାପତା, କୃଷି, ଶିଳ୍ପ, ପରିବେଶ ଏବଂ ଗ୍ରାମୀଣ ଅର୍ଥନୀତିକୁ ଏକ ସୂତ୍ରରେ ବାନ୍ଧିବାର ଏକ ଦୂରଦର୍ଶୀ ପ୍ରୟାସ । ଭବିଷ୍ୟତରେ ଯାନ ଇ୨୦ କିମ୍ବା ଇ୩୦ ଉପଯୁକ୍ତ ହେବ ଏଥିରେ ସନ୍ଦେହ ନାହିଁ । ତେବେ ଏସବୁ ଭିତରେ ଯଦି ସରକାର, କୃଷକ, ଶିଳ୍ପ ଓ ଉପଭୋକ୍ତାଙ୍କ ମଧ୍ୟରେ ସମନ୍ୱୟ ସୁଦୃଢ଼ ରହେ ତେବେ ଇ୨୦ କେବଳ ଏକ ବିକଳ୍ପ ଇନ୍ଧନ ନୁହେଁ ବରଂ ଆତ୍ମ ନିର୍ଭର ଭାରତ, ସବୁଜ ବିକାଶ ଏବଂ ସ୍ଥାୟୀ ଅର୍ଥନୈତିକ ପ୍ରଗତିର ଏକ ଶକ୍ତିଶାଳୀ ଆଧାର ହୋଇପାରିବ ।

ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା

ସ୍ୱପ୍ନର ସୌଦାଗର

॥ ପ୍ରଫେସର ଡାକ୍ତର ସମ୍ରାଟ କର ॥

ପିଲାବେଳର ସାଙ୍ଗ ବିଭୁତି କଥା ମନେ ପଡ଼ିଗଲେ ଭାରି ହସ ଲାଗେ । ସଂଯୋଗକୁ ଏକ ଫାର୍ମା କମ୍ପାନୀରେ ବିଶାଖାପାଟଣାରେ କାମ କରୁଥିବା ପିଲାଦିନର ସାଙ୍ଗ ବିଭୁତି ଭେଟ ବି ହୋଇଗଲା । ମୋତେ କହିଲା 'ତୁମେ ସବୁ ଡାକ୍ତର ଲୋକ, ଜାଣିଛ ମୁଁ ଦିନେ ଦିନେ ରାତିରେ ବଢ଼ିଆ ବଢ଼ିଆ ସ୍ୱପ୍ନ ସବୁ ଦେଖେ । ଏଇ ଯେମିତି ଶ୍ରୀକାନ୍ତ ରାଇ ତିଆରି କରିଥିବା ଗଣେଶ କମ୍ପାନୀରେ ମୁଁ ଦିନାକାତି ବଡ଼ ମାଲିକ ହୋଇଯାଇଛି । କାନାଡ଼ାରେ ମୌଜ ମସ୍ତି କରୁଛି, ବହୁତ ପଇସା କମାଇଛି, ସକାଳୁ ନିଦ ଭାଙ୍ଗିଗଲା ବେଳକୁ ବାପା ରାଜମିସ୍ତ୍ରୀ କାମକୁ ଗଲାବେଳକୁ ପାଟି କଲାବେଳକୁ ମୁଁ ପ୍ରକୃତିସ୍ଥ ହୋଇଯାଉଛି । ତୁମେ କହିଲ ମୋ ଭାଗ୍ୟରେ ତ କାନାଡ଼ା ବୁଲିବାର ନାହିଁ, ଏ ଅଜବ ସ୍ୱପ୍ନଗୁଡ଼ା ସତରେ କ'ଣ ସବୁ? ମୁଁ ତାକୁ କହିଲି ତୋ ପାଠସାଠ, ଯୋଗ୍ୟତା, ସବୁକୁ ଦେଖି ନିଜ ଜୀବନରେ ଛିଡ଼ା ହୋଇପାରିବୁ । ସ୍ୱପ୍ନ ସବୁ କିଛି କ୍ଷଣର ମାଦକତା । ସ୍ୱପ୍ନର ସୃଷ୍ଟି ମଧ୍ୟ ମସ୍ତିଷ୍କରୁ । ସ୍ୱପ୍ନରେ ନିଜ ଭାବନା, ଚିନ୍ତା, ସ୍ମରଣଶକ୍ତି ଓ ଜ୍ଞାନ ଇତ୍ୟାଦି ଆପଣାଛାଏଁ ମସ୍ତିଷ୍କରେ ଚାଲିଥାଏ । ବାସ୍ତବ କଥା ହେଉଛି ଜୀବନରେ ସମସ୍ତ ଆଶା ଓ ଇଚ୍ଛା କରୁଥିବା ବା ଅଭିଳାଷ ଅନେକ ସମୟରେ ଆମ ମାନସ ପଟରେ ଆସେ ଓ ଏହା ମନରେ ଭାବ ବିହ୍ୱଳତା ସୃଷ୍ଟି କରେ । ଜଣେ ଗୋଟିଏ କାମ କରୁଥିବାବେଳେ ବା ଗୋଟିଏ କଥା ଶୁଣୁଥିବାବେଳେ ମଧ୍ୟ ଅନ୍ତର ଭାବନା ଓ ଚିନ୍ତା ଏକା ଓ ବହୁପ୍ରକାରର ହୋଇପାରେ । ଏହି ଭାବନା ଗୁଡ଼ିକ ପରିପୂରଣ ହେବା ସଙ୍ଗେ ସଙ୍ଗେ ସମ୍ଭବ ନହେଲେ ଏଗୁଡ଼ିକ ସ୍ୱପ୍ନ ରୂପରେ ନିଦ୍ରିତ ଅବସ୍ଥାରେ ଉପଭୋଗ କଲାପରି ଲାଗେ । ଯେଉଁ ଇଚ୍ଛା ମନରେ ଥାଏ ତାହା ଇପ୍ସିତ ଭାବନା ହୋଇରହେ । ସକରାତ୍ମକ ଭାବନାଗୁଡ଼ିକ ହେଲା, ସ୍ନେହ, ପ୍ରେମ, ଭଲପାଇବା, ନିଜ ପ୍ରତି, ପରିବାର ପ୍ରତି, ପାଠପଢ଼ାରେ, ସମାଜ ପ୍ରତି ଓ ନିଜ ଚାକିରି ବୃତି ବା ବ୍ୟବସାୟ ବୃଦ୍ଧିରେ କିଛି ଉନ୍ନତିର ଭାବନା । ଯଥା ଘର କରିବା, ବଡ଼ଲୋକ ହେବା, ମୌଜ ମଜଲିସ୍ କରିବା, କାନାଡ଼ା ବୁଲିବା, ହୋଇପାରେ ଭଲ ଚିନ୍ତନରେ ଦେଶ ସେବା କରିବା ବା ସମାଜ ସେବାରେ ନିଜକୁ ଅତିବାହିତ କରିବା । ଠିକ୍ ସେହିପରି ନକରାତ୍ମକ ଭାବନା ହେଲା ଘୃଣା, ଇର୍ଷା, ବିଦ୍ୱେଷର ଭାବନା । ନିଜ କୁକର୍ମର ଅନ୍ତରାୟର ଭାବନା, ଅନ୍ୟ ମାନଙ୍କ ପ୍ରତି ଦମନ, ଅନ୍ୟକୁ ସହି ନପାରିବାର ଭାବନା, ୪୨୦ କଥା କହି ନିଜ ଲୋକଙ୍କୁ ଠକିବା, ଫୋନ ଧରି ଛାତ ଉପରକୁ ଦୌଡ଼ି ନିଜ ପେଟପାଟଣା କଥାକୁ ଭୁଲି ଗାଲୁ ମାରିବା, ଫୁଟିମାରି ଦୁନିଆ ଝିଅଙ୍କ ସହ ଲଟରପଟର ହେବା, ବନ୍ଧୁଘରେ ରହି ସାହିର ଲଫଙ୍ଗା ଟୋକାଙ୍କ ସହ ମିଶି ଗଞ୍ଜେଇ ଟାଣିବା ବା ନିଶାରେ ଚୁର୍ ହେବା, ଦାନାପାଣି ଦେଉଥିବା ବନ୍ଧୁଘର ବଡ଼ଭାଇଟିକୁ ଭୁଡେଇ ତାଙ୍କ ଘରଲୋକଙ୍କୁ ଧୂମ୍ ଗାଲୁ ପେଲିବା, ମିଛରେ ବମ୍ବେରେ ଚାକିରି ହୋଇଛି, କାନାଡାରେ ହୋଇଛି ଏପରି ବିଭ୍ରାନ୍ତିଆ କଥା ସବୁ କହି ନିଜର କ୍ଷତିକରିବା । ସବୁଠୁ ବଡ଼ କଥା ହେଉଛି ନିଜ ଅୟର ଔକାତ୍‌କୁ ଭୁଲି ଘର ଲୋକଙ୍କୁ ବଡ଼ ଆର୍ଥିକ ସାହାଯ୍ୟର ଆଶା ମରିଚିକା ଦେଖାଇବା, ଦୁଃଖର ଭାବନା, ଆତ୍ମହତ୍ୟା ବା ଅନ୍ୟକୁ ମାରିଦେବାର ଭାବନା ବା ରୋଗର ଭାବନା, ଦୁର୍ଘଟଣାର ଭାବନା ଇତ୍ୟାଦି ।

ନିଦ୍ରା ବିଭିନ୍ନ ପ୍ରକାରର ଅଛି । ଗାଢ଼ ନିଦ୍ରା ହେଉଛି ଯାହାକି ନିଦ୍ରିତ ଅବସ୍ଥାରେ ପ୍ରତି ୨୦-୨୫ ମିନିଟରେ ୨୦-୨୫ ମିନିଟ ପର୍ଯ୍ୟନ୍ତ ହୁଏ । ଉକ୍ଷରମୀଙ୍କକୁରଭମରକୁଷବକ୍ଷକୁଶଙ୍କବଙ୍କ ରେ ହ୍ୱରମନ୍ତ୍ୱକ୍ୟ କରାଯାଇ ଦେଖାଯାଇଛି । ଏହା ପ୍ରକୃତ ନିଦ । ଯେଉଁଥିରେ ବଡ଼ ବଡ଼ ଧୀର ତରଙ୍ଗ ଆସେ ଓ ମଝିରେ ମଝିରେ ଲାଗି ଲାଗି ବା ସ୍ଲିପ ବଣ୍ଡଲ ନିଦ୍ରାଗୁଚ୍ଛ ରେକର୍ଡ଼ ହୁଏ । ଏଥିରେ ସ୍ୱପ୍ନ ହୁଏନା । ଏହି ସମୟରେ ଡୋଳା ଧୀରେ ଧୀରେ ଏପଟ ସେପଟ ହୁଏ । ସେହିପରି ଆଉ ଗୋଟିଏ ହେଉଛି ଯାହାକୁ କହନ୍ତି ପତଳା ନିଦ ବା ଛାଇ ନିଦ । ଏହାକୁ ମାନସିକ ରୋଗ ବିଜ୍ଞାନରେ କୁହାଯାଏ ପାରାଡକ୍ସିକାଲ ସ୍ଲିପ୍ । ଯାହାକି ନିଦ୍ରିତ ଅବସ୍ଥାରେ ବେଶି ସମୟ ଧରି ୬୦-୮୦ ମିନିଟ ବ୍ୟବଧାନରେ ୨୦-୨୫ ମିନିଟ ପର୍ଯ୍ୟନ୍ତ ହୋଇଥାଏ । ଏହି ସମୟରେ ନିଦ୍ରିତ ଲୋକର ଆଖି ଡୋଳା ଥର ଥର ହୋଇ ପେଣ୍ଡୁଲମ୍ ପରି ଖୁବ୍ ଜୋରରେ ଏପଟ ସେପଟ ହେଉଥାଏ । ଯାହାକି ପତା ଉପରୁ ମଧ୍ୟ ଲକ୍ଷ୍ୟ କରାଯାଇ ପାରିବ । ଏହାକୁ ଜରଗ (ଜବକ୍ତ୍ୱସୟ ରଜର ଗଢ୍ଭଙ୍ଗର- ଷ୍ଟରଭଶ ଝକ୍ଷରରକ୍ସ) କହନ୍ତି । ଏହା ହିଁ ସ୍ୱପ୍ନର ସମୟ । ବାସ୍ତବ କଥା ହେଉଛି ସ୍ୱପ୍ନ ଆମ ଶରୀର ପାଇଁ ହିତକାରୀ - ଏହା ଭାବନା ପରିପ୍ରକାଶର ଉପାୟ ଓ ଏହାଦ୍ୱାରା ସମସ୍ତ ବିହ୍ୱଳତା ରୋଗ ଦୂର ହୁଏ । ଏହା ଶରୀରର ଏକ ସ୍ୱେଚ୍ଛାକୃତ ପ୍ରତିରକ୍ଷା । ଏହା ସମସ୍ତ ଆବାଳ ବୃଦ୍ଧବନିତା, ଶିଶୁ ଠାରୁ ବୁଢ଼ା ହେବା ପର୍ଯ୍ୟନ୍ତ ସମସ୍ତେ ଦେଖିଥାନ୍ତି । ଯେଉଁମାନେ କହନ୍ତି ଯେ ସେ ସ୍ୱପ୍ନ ଦେଖିନାହାଁନ୍ତି, ପ୍ରକୃତରେ ସେମାନେ ଭୁଲିଯାଇଥାନ୍ତି ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

ଜିଲ୍ଲା ସ୍ୱାସ୍ଥ୍ୟ ସମିତିର କାର୍ଯ୍ୟନିର୍ବାହୀ କମିଟି ବୈଠକ

ଜଗତସିଂହପୁର, ୨୪/୦୯ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତିର କାର୍ଯ୍ୟନିର୍ବାହୀ କମିଟି ବୈଠକ ଆଜି ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ସମସ୍ତ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ, ଉଚ୍ଚପଦସ୍ଥ ଅଧିକାରୀଙ୍କ ସମେତ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଯୋଗଦେଇ ଜିଲ୍ଲାର ସ୍ୱାସ୍ଥ୍ୟ ସେବାର ପ୍ରଗତି, ଆର୍ଥିକ ସ୍ଥିତି ଓ ବିଭିନ୍ନ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ସମୀକ୍ଷା କରିଥିଲେ । ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷର ଘସିଗ ଅଧୀନରେ ମୋଟ ଅନୁମୋଦିତ ବଜେଟ୍‌ର ୧୨୪ ପ୍ରତିଶତ ବ୍ୟୟ ହୋଇଥିବା ସୂଚନା ଦିଆଯାଇଥିଲା । ଆରସିଏଚ୍, ଶିଶୁ ସ୍ୱାସ୍ଥ୍ୟ, ପରିବାର ନିୟୋଜନ, ଟିକାକରଣ, ପୋଷଣ, ଏନସିଡି ଏବଂ ହେଲ୍‌ଥ ସିଷ୍ଟମ ଷ୍ଟ୍ରେଙ୍ଗ୍‌ନିଂ ଭଳି ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରାଯାଇଥିଲା । ୨୦୨୬-୨୭ ପାଇଁ ଘସିଗ ଅଧୀନରେ ମୋଟ ଟ.୪୯.୯୭ କୋଟିର ବଜେଟ୍ ବ୍ୟବସ୍ଥା ହୋଇଥିବା ବେଳେ, ଏପ୍ରିଲ୍‌ରୁ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ପ୍ରାୟ ୫୪ ପ୍ରତିଶତ ବ୍ୟୟ ହୋଇଥିବା ଉପସ୍ଥାପିତ ହୋଇଥିଲା । ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ଓ ଗୁଣାତ୍ମକ ସେବା ଉପରେ ବୈଠକରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । AAM Hospitalର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ପ୍ରଗତିରେ ଥିବା ବେଳେ ବିଭିନ୍ନ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଚାଲୁଥିବା ସିଭିଲ୍ କାର୍ଯ୍ୟର ନିୟମିତ ତଦାରଖ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିସହ ଜିଲ୍ଲାର ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକର ଅଗ୍ନି ନିରାପତା ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା । ଅଗ୍ନି ନିରାପତା ପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ମିଳିଥିବା ଅର୍ଥର ସଠିକ୍ ବ୍ୟବହାର ଓ ଚାଲୁଥିବା କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମାପ୍ତ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା । ବୈଠକରେ ସ୍ୱାସ୍ଥ୍ୟ ସେବାର ଡିଜିଟାଲ୍ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ସମସ୍ତ ହିତାଧିକାରୀଙ୍କୁ ABHA ID ମାଧ୍ୟମରେ Health Portal ସହ ମ୍ୟାପିଂ, ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ଏଚଇ ଓ ଏଚଜ ଓଇ ସହ ମ୍ୟାପିଂ ଏବଂ PM-JAY ଅଧୀନରେ Hospital Engagement Module (HEM 2.0) କାର୍ଯ୍ୟକାରୀ ହୋଇଥିବା ବିଷୟରେ ସୂଚନା ଦିଆଯାଇଥିଲା । ୨୦୨୬-୨୭ ବର୍ଷ ପାଇଁ Concurrent Auditor ନିଯୁକ୍ତିକୁ ମଧ୍ୟ ବୈଠକରେ ଅନୁମୋଦନ କରାଯାଇଥିଲା । ବୈଠକରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ସହ ଅନ୍ୟାନ୍ୟ ଲାଇନ୍ ଡିପାର୍ଟମେଂଟଗୁଡ଼ିକର ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଥିଲା । ବିଶେଷକରି ମହିଳା ଓ ଶିଶୁ ବିକାଶ ବିଭାଗ, ଶିକ୍ଷା ବିଭାଗ, ପଂଚାୟତିରାଜ ବିଭାଗ, ମିଶନ ଶକ୍ତି, ଜିଲ୍ଲା ସମାଜ କଲ୍ୟାଣ ବିଭାଗ, ଜଳ ଓ ପରିମଳ, ନଗର ଉନ୍ନୟନ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରଖି ଜନସାଧାରଣଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଂଚାଇବା ଉପରେ ଆଲୋଚନା ହୋଇଥିଲା ।

ସବୁଜ ସୁନା ଜଣେ ଗ୍ରାମୀଣ ଯୁବକର ଅର୍ଥନୀତିକୁ ପରିବର୍ତ୍ତନ କରୁଛି

ପୁରୀ, ୨୪/୦୯ (ଆ.ପ୍ର) : ସାଧାରଣତଃ 'ପାନ' ଭାବରେ ଜଣାଶୁଣା ସବୁଜ ସୁନା ହେଉଛି ଏକ ବହୁବର୍ଷୀୟ, ଚିରହରିତ, ଛାଇ ପ୍ରେମୀ ଲତା ଯାହା ଭାରତରେ ସାଂସ୍କୃତିକ, ଆର୍ଥିକ ଏବଂ ଔଷଧୀୟ ଗୁରୁତ୍ୱ ବହନ କରିଥାଏ । ବିଶେଷକରି ପୁରୀ ଜିଲ୍ଲା ସମେତ ଓଡ଼ିଶାର ଉପକୂଳବର୍ତ୍ତୀ ଅଂଚଳରେ ଏହା ଚାଷ କରାଯାଏ ଏବଂ ଏହା ଭାରତୀୟ ପରମ୍ପରା ଏବଂ ଆୟୁର୍ବେଦିକ ପ୍ରଥା ସହିତ ଏକ ଉଚ୍ଚ-ମୂଲ୍ୟ ଉଦ୍ୟାନ କୃଷି ଫସଲ । ପୁରୀ ଜିଲ୍ଲା ସଦର ବ୍ଲକ ବୀରବଳଭଦ୍ରପୁର ପଂଚାୟତର ଅରେଇପଡ଼ା ଗ୍ରାମ । ଏହି ଗ୍ରାମର ୪୦ ବର୍ଷୀୟ ଯୁବକ ରମାକାନ୍ତ ପ୍ରଧାନ । ତାଙ୍କର ପାଠପଢ଼ା ସମାପ୍ତ କରିବା ପରେ ଅନ୍ୟ ଯୁବକମାନଙ୍କ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଶୈଳୀରେ ସେ ଆରମ୍ଭ କରିଥିଲେ ନିଜ ଜୀବନଚର୍ଯ୍ୟା । ରମାକାନ୍ତ ଉଦ୍ୟାନ ଫସଲ ଆଡକୁ ମୁହାଁଇଲେ । ତାଙ୍କ ପରିବାରର ଅନ୍ୟ ସଦସ୍ୟମାନଙ୍କ ଜୀବିକା ନିର୍ବାହ ଏବଂ ସ୍ଥାୟୀତ୍ୱ ପାଇଁ କୃଷି ଏବଂ ଉଦ୍ୟାନ କୃଷି କରିବାର ଦେଖି ସେ କୃଷି ପ୍ରତି ଆକର୍ଷିତ ହୋଇଥିଲେ । ତା'ପରେ ସେମାନଙ୍କ ସହ ଉଦ୍ୟାନ କୃଷି ରେ ସାମିଲ ହେବାକୁ ନିଷ୍ପତି ନେଇଥିଲେ । ଧୀରେ ଧୀରେ ତାଙ୍କର ଆଗ୍ରହ ବଢ଼ିଲା ଏବଂ ସେ ଅଧିକରୁ ଅଧିକ ପାନ ବରଜ ସହ ଯୋଡି ହେବାକୁ ଲାଗିଲେ । ରମାକାନ୍ତ କୁହନ୍ତି ସେ ପିଲା ବେଳୁ କୃଷି ପ୍ରତି ଆକର୍ଷିତ ଥିଲେ । ତାଙ୍କ ପରିବାର ଧାନ, ଅନ୍ୟାନ୍ୟ ପନିପରିବା ସହ ପାନ ଚାଷ କରୁଥିଲେ । କିଶୋର ଅବସ୍ଥାରୁ ସେ ଏହାକୁ ଦେଖି ସେଥିରେ ମନୋନିବେଶ ପାଇଁ ଇଚ୍ଛା ରଖିଥିଲେ । ସେ ଚାଷରେ ସାମିଲ ହେବା ପରେ ଉଦ୍ୟାନ ବିଭାଗ ସହ ଯୋଗାଯୋଗ ରଖି କମ ପରିଶ୍ରମ ଓ ଖର୍ଚ୍ଚ ରେ ଆଧୁନିକ ଶୈଳୀ ରେ ଉଦ୍ୟାନ କୃଷି କୁ ଆପଣେଇଲେ । ବର୍ତ୍ତମାନ ସେ ୮୦ ଡିସିମିଲ ଜମିରେ ପାନ ଚାଷ କରୁଛନ୍ତି ଏବଂ ପ୍ରତି ମାସରେ ୨୦ହଜାର ରୁ ୩୦ ହଜାର ଟଙ୍କା ଲାଭ ପାଉଛନ୍ତି । ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଉଦ୍ୟାନ କୃଷି ଯୋଜନା ଅଧୀନରେ ସେ ନୂତନ ପାନ ବରଜ ପ୍ରତିଷ୍ଠା ପାଇଁ ୪୦ ହଜାର ଟଙ୍କାର ସହାୟତା ପାଇଥିବା ବେଳେ ରକ୍ଷଣାବେକ୍ଷଣ ବା ମେଂଟେନାନ୍ସ ପାଇଁ ପ୍ରତିବର୍ଷ ଦୁଇ ହଜାର ପାଂଚ ଶହ ଟଙ୍କା ପାଉଛନ୍ତି ।ତାଙ୍କ ମତରେ ସରକାରଙ୍କ ସହାୟତା ସହ ନିଷ୍ଠା ମତେ ଆଗକୁ ନେଇଛି । ସେ ବର୍ତ୍ତମାନ ସମସ୍ତ ଗ୍ରାମୀଣ ଯୁବକ ଏବଂ ସ୍ଥାନୀୟ ଅଂଚଳର ଅନ୍ୟ ଚାଷୀଙ୍କ ପାଇଁ ପ୍ରେରଣାର ଉତ୍ସ । ପାନ ଚାଷରେ ସେମାନଙ୍କର ଜୀବିକା ନିର୍ବାହରେ ଉନ୍ନତି ଆଣିବା ପାଇଁ ବୈଜ୍ଞାନିକ ପଦ୍ଧତି ଶିଖୁଛନ୍ତି । ଯାହା ତାଙ୍କୁ ଅଧିକ ଦକ୍ଷ, ସଶକ୍ତ ଓ ବୈଷୟିକ ଦୃଷ୍ଟିରୁ ସମୃଦ୍ଧ କରୁଛି ବୋଲି ରମାକାନ୍ତ କୁହନ୍ତି ।

ଛାତଘର ହିତାଧିକାରୀଙ୍କ ସହାୟତା ଦୁଇଗୁଣ କରାଯାଉ

ଟାଙ୍ଗୀ ଚୌଦ୍ୱାର, ୨୪/୦୯ (ଆ.ପ୍ର) : ବିଜେପି ସରକାରଙ୍କ ପକ୍ଷରୁ ଗ୍ରାମାଂଚଳରେ ଛାତଘର ବା ପକ୍କାଘର ନଥିବା ଯୋଗ୍ୟ ହିତାଧିକାରୀ ମାନଙ୍କୁ ଘର ଯୋଗାଇ ଦେଉଥିଲା ବେଳେ ଏହି ପକ୍କାଘର ଯୋଜନା କାହା ପାଇଁ ଖୁସି ଆଣୁଥିବା ବେଳେ କାହାକୁ ରସାତଳକୁ ଟାଣିନେଉଛି । ଏକ ଲକ୍ଷ କୋଡିଏ ହଜାର ବା ୪୦ହଜାର ମଧ୍ୟରେ ୨୦୨୬ମସିହାରେ ଗୋଟେ ଛାତ ଘର କରିବା ସମ୍ଭବ ହେଉନି । ବାଧ୍ୟ ହୋଇ କିଛି ହିତାଧିକାରୀ ସୁନା ରୁପା ବନ୍ଧକ ଲୋନ କରି ପକା ଇ ଫୋଟୋ ପଠାଇ ପକାଇବା ପାଇଁ ହେଉଥିଲା ।

ରଖି ବା ଗ୍ରୁପ ଟିମଟାଲ ସରକାରଙ୍କୁ ଛାତ ପ୍ରସ୍ତୁତ ବେଳେ ଆଉ କିଛି ହିତାଧିକାରୀ ପ୍ରଥମ କିସ୍ତିରେ ପାଉଥିବା ଟଙ୍କାରେ ଘର ଭାଙ୍ଗି କାମ ଆରମ୍ଭ କଲାବେଳକୁ ଟଙ୍କା ପାଉନାହିଁ । କାରଣ ସରକାର ପ୍ରଥମ କିସ୍ତିରେ ଦେଉଥିବା ଟଙ୍କା ଯେଉଁମାନେ ଖୋଲା ଆକାଶ ତଳେ ରହୁଥିବେ ସେମାନେ ଟଙ୍କା ପାଇଲେ ସଂଗେ ସଂଗେ ତୁରନ୍ତବାଲି । ସିମେଂଟ ପକାଇ ନିଅଁ ଖୋଳି କାମ ଆରମ୍ଭ କରିବେ । କିନ୍ତୁ ଜଣେ ଏକାକୀ ମାଉସୀ ପ୍ରକୃତ ହିତାଧିକାରୀ ଭଙ୍ଗା ମାଟିଘରେ ରହୁଥିଲା ପ୍ରଥମ କିସ୍ତି ଆସିଲା ପରେ ମାଟିଘର ଭାଙ୍ଗି ନିଅଁ ଖୋଳିଲା ପରେ ପଥର ଉଠାଇବାକୁ ପଇସା ନାହିଁ, ମାଉସୀ ଫୋଟୋ ଉଠାଇବ କଣ ଦ୍ୱିତୀୟ କିସ୍ତି ପାଇବ କେମିତି, ସରକାରଙ୍କୁ ହିତାଧିକାରୀଙ୍କ ପକ୍ଷରୁ ଅନୁରୋଧ କରାଯାଉଛି ୨୦୨୬ମସିହାରେ ଗୃହ ନଥିବା ହିତାଧିକାରୀଙ୍କ ଦେଉଥିବା ସହାୟତା ରାଶି ଦୁଇଗୁଣ କରାଯାଉ ନଚେତ ସରକାରଙ୍କ ପକ୍ଷରୁ ଗୃହ ମିଳିଲେ ମଧ୍ୟ ସମସ୍ତ ହିତାଧିକାରୀ ଛାତ ଘର ସମ୍ପୂର୍ଣ୍ଣ ନିର୍ମାଣ କରିପାରୁନାହାନ୍ତି ।

ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ସାକ୍ଷାତ କଲେ ରାଜ୍ୟସ୍ତରୀୟ ବରିଷ୍ଠ ନାଗରିକ ମହାସଙ୍ଘର ସଦସ୍ୟ

ଖୋର୍ଦ୍ଧା, ୨୪/୦୯ (ଆ.ପ୍ର) : ଓଡିଶା ବରିଷ୍ଠ ନାଗରିକ ସଙ୍ଘ ର ମହାସଚିବ ଡ଼ଃ ଯୁଗଳ କିଶୋର ସାହୁ ଏବଂ ଖୋର୍ଦ୍ଧା ଜିଲ୍ଲା ବରିଷ୍ଠ ନାଗରିକ ସଙ୍ଘର ସଭାପତି ଡ଼ଃ ଚିନ୍ତାମଣି ମିଶ୍ର ଓ ସଂଘର ସଦସ୍ୟ ମାନେ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କୁ ସାକ୍ଷାତ କରି ସଙ୍ଘର ସମସ୍ତ ସଦସ୍ୟ ମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଏବଂ ଏହାର ସମାଧାନ ଦିଗରେ ଆଲୋଚନା କରିବା ସହ ୨୨ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ ବରିଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ ସେବା, ଯାତାୟତ ନିମନ୍ତେ ସରକାରୀ ରିହାତି, ଭତା ଆଦି ୨୨ ଗୋଟି ଦାବୀ ଏହି ପତ୍ର ରେ ଉଲ୍ଲେଖ କରିଛନ୍ତି । ଭୁବନେଶ୍ୱର ରମାଦେବୀ ମହିଳା ମହାବିଦ୍ୟାଳୟ ସଭାଗୃହ ଠାରେ ହୋଇଥିବା ମହା ଅଧିବେଶନ ରେ ଆଲୋଚନା କରାଯାଇଥିବା ସମସ୍ତ କଥା ମଧ୍ୟ ଜିଲ୍ଲାପାଳଙ୍କୁ ଅବଗତ କରାଇବାସହ ସଂଘୀୟ ପତ୍ରିକା, 'ଅନୁଭବ'କୁ ମଧ୍ୟ ପ୍ରଦାନ କରିଛନ୍ତି । ଏହି ଦାବିପତ୍ରକୁ ପାଇବାପରେ ଜିଲ୍ଲାପାଳ ଏହାର ବିଚାରକରୀ ତୁରନ୍ତ ସମାଧାନ ଦିଗରେ ପଦକ୍ଷେପ ନେବାକୁ ସାମାଜିକ ରାଜ୍ୟ ସଶକ୍ତି କରଣ ବିଭାଗକୁ ଉକ୍ତ ଦାବିପତ୍ର ପଠାଉଛନ୍ତି । ଆଜିର ପାଗ ଅନୁକୂଳ ସତ୍ୱେ ଜିଲ୍ଲାପାଳ ବରିଷ୍ଠ ନାଗରିକ ମାନଙ୍କ ସହିତ ଆଲୋଚନାକରି ଥିବାରୁ ଜିଲ୍ଲା ସଭାପତି ଡ଼ଃ. ଚିନ୍ତାମଣି ମିଶ୍ରଙ୍କ ସମେତ ସମସ୍ତ କର୍ମକର୍ତା ଜିଲ୍ଲାପାଳଙ୍କୁ ଧନ୍ୟବାଦ ପ୍ରଦାନ କରି ଖୁସିବ୍ୟକ୍ତ କରିଛନ୍ତି ।

ରେଙ୍ଗଣାସିଲ ଗ୍ରାମ ଠାରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ

ରାୟଗଡ଼ା / କାଶୀପୁର, ୨୪/୦୯ (ଆ.ପ୍ର) : ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଡଙ୍ଗାସିଲ ଗ୍ରାମ ପଂଚାୟତର ରେଙ୍ଗଣାସିଲ ଗ୍ରାମ ଠାରେ ୟୁଏଏନଏଟି ଫାର୍ମର୍ସ ପ୍ରଡ୍ୟୁସର୍ କମ୍ପାନୀ ଲିମିଟେଡ୍‌ର ବାର୍ଷିକ ସାଧାରଣ ସଭା ୨୦୨୫-୨୬ ସଫଳତାର ସହ ଅନୁଷ୍ଠିତ ହୋଇଛି । ଏହି ସଭାରେ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ ଏବଂ ଓଡ଼ିଶା ଜୀବିକା ମିଶନ (ଓଲଭମ)ର ପ୍ରତିନିଧିମାନେ ଯୋଗଦେଇ କୃଷକଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନା, ବିଭାଗୀୟ ସମନ୍ୱୟ, କୃଷି ଓ ଉଦ୍ୟାନ କୃଷି କାର୍ଯ୍ୟକଳାପ ଏବଂ ଜୀବିକା ସୁଯୋଗ ବିଷୟରେ ମୂଲ୍ୟବାନ ତଥ୍ୟ ଓ ପରାମର୍ଶ ପ୍ରଦାନ କରିଥିଲେ । ଏଥିସହ ଡଙ୍ଗାସିଲ ସରପଂଚ, ୱାର୍ଡ ସଦସ୍ୟ, କୃଷି ମିତ୍ର ଏବଂ ଅନ୍ୟାନ୍ୟ ସ୍ଥାନୀୟ ଅଂଶୀଦାରମାନେ ଯୋଗଦେଇ ସଭାକୁ ଅଧିକ ଅର୍ଥପୂର୍ଣ୍ଣ ଓ ଅଂଶଗ୍ରହଣମୂଳକ କରିଥିଲେ । ସଭାରେ ମୁଖ୍ୟତଃ ଉଚତର ବର୍ତ୍ତମାନର କାର୍ଯ୍ୟକଳାପ, ଅଗ୍ରଗତି ଓ ସଫଳତାର ସମୀକ୍ଷା । ଅଂଶୀଦାର ଓ କୃଷକ ସଦସ୍ୟଙ୍କ ସକ୍ରିୟ ଅଂଶଗ୍ରହଣ ବୃଦ୍ଧି । କୃଷି ଓ ଉଦ୍ୟାନ କୃଷିର ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି । କୃଷକଙ୍କ ଉତ୍ପାଦର ସାମୂହିକ ସଂଗ୍ରହ, ଗ୍ରେଡିଂ, ପ୍ୟାକେଜିଂ ଓ ବଜାରକରଣ । ସରକାରୀ ଯୋଜନା ସହିତ ସଂଯୋଗ ଓ ବିଭାଗୀୟ ସମନ୍ୱୟ । PG ଓ Producer Companyକୁ ଅଧିକ ସୁଦୃଢ଼ କରିବା । ଉଚତର ବ୍ୟବସାୟିକ ବିକାଶ ଓ ନୂତନ ବଜାର ସୁଯୋଗ । ଆଗାମୀ ଦିନର କାର୍ଯ୍ୟଯୋଜନା ଓ ସ୍ଥାୟୀ ବିକାଶ । କୃଷକଙ୍କ ଆୟ ଓ ଜୀବିକାରେ ଉନ୍ନତି ପାଇଁ ସାମୂହିକ ପ୍ରୟାସ ଆଲୋଚନା ବିଷୟ ହୋଇଥିଲା । ସମସ୍ତ ଅଂଶୀଦାର, କୃଷକ, ବିଭାଗୀୟ ପ୍ରତିନିଧି ଓ ସ୍ଥାନୀୟ ଅଂଶୀଦାରଙ୍କ ସକ୍ରିୟ ଅଂଶଗ୍ରହଣ, ମତାମତ ଓ ଫଳପ୍ରଦ ଆଲୋଚନା ଯୋଗୁଁ ଇଏଗ ଟି ଅତ୍ୟନ୍ତ ସଫଳ ଓ ଅର୍ଥପୂର୍ଣ୍ଣ ହୋଇଥିଲା । ସମସ୍ତେ ଏକତ୍ରିତ ହୋଇ ଟଇଘଇଞ୍ଚ ଉଚତକୁ ଏକ ଶକ୍ତିଶାଳୀ, ସ୍ଥାୟୀ ଓ କୃଷକମାନଙ୍କ ମାଲିକାନାର ସଂସ୍ଥା ଭାବେ ଆଗକୁ ନେବା ସହିତ କୃଷକମାନଙ୍କ ପାଇଁ ଉତ୍ପାଦନ, ବଜାର ଓ ଜୀବିକାର ଅଧିକ ସୁଯୋଗ ସୃଷ୍ଟି କରିବା ପାଇଁ ସାମୂହିକ ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ଏହି ସଭାରେ ୧୦୦ରୁ ଅଧିକ ଅଂଶୀଦାର ଓ କୃଷକ ସଦସ୍ୟଙ୍କ ସହିତ ବୋର୍ଡ ଅଫ୍ ଡାଇରେକ୍ଟର୍ସ ଏବଂ ବିଭିନ୍ନ ସମୁଦାୟ ପ୍ରତିନିଧି ସକ୍ରିୟ ଭାବେ ଯୋଗଦେଇଥିଲେ ।

ଅଖିଳ ଭାରତୀୟ ତେରାପନ୍ଥ ଯୁବକ ପରିଷଦ ପକ୍ଷରୁ ଉକ୍ଲୋ ଠାରେ ମେଗା ରକ୍ତଦାନ ଶିବିର, ୩୦ ୟୁନିଟ୍ ରକ୍ତ ସଂଗ୍ରହ

କଳାହାଣ୍ଡି, ୨୪/୦୯ (ଆ.ପ୍ର) : ଅଖିଳ ଭାରତୀୟ ତେରାପନ୍ଥ ଯୁବକ ପରିଷଦର ଆହ୍ୱାନ କ୍ରମେ 'ରକ୍ତଦାନ କର୍ତବ୍ୟମ୍' ଅଭିଯାନ ଅନ୍ତର୍ଗତ ତେରାପନ୍ଥ ଯୁବକ ପରିଷଦ, ଉକ୍ଲୋ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ସ୍ଥାନୀୟ ତେରାପନ୍ଥ ଭବନଠାରେ ଆୟୋଜିତ ହୋଇଥିଲା । ଏହି ଶିବିରରେ ମୋଟ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଅଖିଳ ଭାରତୀୟ ତେରାପନ୍ଥ ଯୁବକ ପରିଷଦ ପକ୍ଷରୁ ସେପ୍ଟେମ୍ବର ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ରକ୍ତଦାନ ଶିବିର ଆୟୋଜନ କରାଯାଇଥିବା ବେଳେ ଉକ୍ଲୋରେ ସେପ୍ଟେମ୍ବର ୨୦ ତାରିଖ ରବିବାର ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଏହି ମହତ୍ କାର୍ଯ୍ୟରେ ତେରାପନ୍ଥ ଯୁବକ ପରିଷଦର ସମସ୍ତ ସଦସ୍ୟଙ୍କ ସହ ଜୈନ ଶ୍ୱେତାମ୍ବର ତେରାପନ୍ଥ ସଭା ଓ ଜୈନ ଶ୍ୱେତାମ୍ବର ତେରାପନ୍ଥ ମହିଳା ମଣ୍ଡଳର ସଦସ୍ୟମାନେ ସହଯୋଗ କରିଥିଲେ । ରକ୍ତଦାନ ମାଧ୍ୟମରେ ମାନବ ସେବା ଓ ଜୀବନ ରକ୍ଷାର ବାର୍ତ୍ତା ପ୍ରଚାର କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ । ଶିବିରରେ ମାଧବ ମାଝୀ, ନବରତ୍ନ ସ୍ୱାମୀ, ପ୍ରଭୁ ସ୍ୱାମୀ, ଭୁବନେ ସ୍ୱର୍ଣ୍ଣାଗ, ସୁମନ୍ତ ପ୍ରଧାନ, ବିଶ୍ୱ ପ୍ରଧାନ, ବିକାଶ ଚନ୍ଦ୍ର ଭୋଇ, ମୋନାଜ କୁମାର ପ୍ରଧାନ, ଚିରାଗ ଜୈନ, ରାହୁଲ ଜୈନ, ଇତିଶ୍ରୀ ପ୍ରଧାନ, ପ୍ରବୀଣ ଜୈନ, କିସନ ବେମାଇ, ବର୍ଦ୍ଧମାନ ଜୈନ, ସତୀଶ ଜୈନ, କ୍ଷୀରୋଦ ମାଝୀ, ଅରିହନ୍ତ ଜୈନ, ପ୍ୟାରିଲାଲ ମେହେର, ତନ୍ମୟ ପ୍ରଧାନ, ପ୍ରିତିଶ ପଟ୍ଟନାୟକ, ଶ୍ରୀକାନ୍ତ ମହାନ୍ତି, ପବିତ୍ର ପ୍ରଧାନ, ଯୁଗଳ ମୁଦୁଲି, ଯୁଗେଶ ଜୈନ, ବିଦ୍ୟାଧର ଗୌଡ଼, ଗିଣବ ଜୈନ, କୁଳଦୀପ ଜୈନ, କୁନୁ ସା, କମଳ ମେହେର ଓ ମନୁଷ ଭାଇଙ୍କ ସମେତ ମୋଟ ୩୦ ଜଣ ରକ୍ତଦାନ କରିଥିଲେ ।

ଲଗାଣ ବର୍ଷାରେ ଉଛୁଳିଲା ନଦୀ, ଜଳମଗ୍ନ ଗାଁ; ପ୍ରଶାସନର ସତର୍କତା

ନଦୀ-ନାଳରେ ବଢୁଛି ଜଳସ୍ତର, ଘର ଓ ଚାଷଜମି କ୍ଷତିଗ୍ରସ୍ତ; ଶୁକ୍ରବାର ସମସ୍ତ ସ୍କୁଲ ଛୁଟି

କୋରାପୁଟ, ୨୪/୦୯ (ଆ.ପ୍ର) : କେନ୍ଦ୍ରାୟ ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତର ପ୍ରଭାବରେ କୋରାପୁଟ ଜିଲ୍ଲାର ବିଭିନ୍ନ ଅଂଚଳରେ ଗତ ଦୁଇରୁ ତିନିଦିନ ଧରି ଲଗାଣ ବର୍ଷା ଲାଗିରହିଛି । ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହେବା ସହ ନଦୀ, ନାଳ ଓ ଜଳପଥରେ ଜଳସ୍ତର ବୃଦ୍ଧି ପାଉଛି । ବିଭିନ୍ନ ସ୍ଥାନରେ ରାସ୍ତା ଓ ପୋଲ ଉପରେ ପାଣି ପ୍ରବାହିତ ହେବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ଅଂଚଳରେ ମଧ୍ୟ ପ୍ରବଳ ବର୍ଷା ହୋଇଥିଲା । ବନଦୁର୍ଗା ମନ୍ଦିର ନିକଟ ଏବଂ ଡିଡି ଘାଟିରେ ପାହାଡ଼ରୁ ମାଟି ଧସି ରାସ୍ତା ଉପରକୁ ଆସିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା । ଉପର କୁଟିଙ୍ଗା ନିକଟରେ ରାସ୍ତା ଉପରେ ଗଛ ପଡ଼ିଥିବା ଖବର ପାଇ ଅଗ୍ନିଶମ ବାହିନୀ ପହଂଚି ଗଛ କାଟି ରାସ୍ତା ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା । ଲକ୍ଷ୍ମୀପୁର ଦୁଇ ନମ୍ବର ଟନେଲରେ ପାଣି ପଶିଯିବାରୁ ଟ୍ରେନ୍ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଥିବା ସୂଚନା ମିଳିଛି । ଉପର କୁଟିଙ୍ଗାରେ ଗୋଟିଏ ଏବଂ ପିପଳପଦରରେ ୩ଟି ଘର ଭାଙ୍ଗିଥିବା ବେଳେ ପ୍ରାୟ ୨ ଏକର ଚାଷଜମିରେ ବାଲି ଚରିଯାଇଛି । କ୍ଷତିଗ୍ରସ୍ତ ପରିବାରଙ୍କୁ ନିୟମାନୁଯାୟୀ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଲକ୍ଷ୍ମୀପୁର ତହସିଲଦାର କହିଛନ୍ତି । କାକିରିଗୁମା ଅଂଚଳରେ ବର୍ଷାଜଳ ଜମି ଜଳମଗ୍ନ ପରିସ୍ଥିତି ସୃଷ୍ଟି ହୋଇଛି । ଅନେକ ଯାନବାହନ ପାଣିରେ ବୁଡ଼ି ରହିଥିବା ଦେଖାଯାଇଛି । ଏଥିସହ ବିଭିନ୍ନ ଚାଷଜମିରେ ପାଣି ପଶିବାରୁ ଫସଲ କ୍ଷତିଗ୍ରସ୍ତ ହୋଇଛି । ନାରାୟଣପାଟଣାରେ ଚମ୍ପାବତୀର ଜଳସ୍ତର ବୃଦ୍ଧି । ଲଗାଣ ବର୍ଷା ଯୋଗୁଁ ନାରାୟଣପାଟଣା ବ୍ଲକ ପାଲାପୁଟ ନିକଟ ଦେଇ ପ୍ରବାହିତ ଚମ୍ପାବତୀ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି । ନଦୀରେ ପ୍ରଖର ସ୍ରୋତ ଯୋଗୁଁ ନଦୀକୂଳିଆ ଲୋକେ ଭୟଭୀତ ହୋଇପଡ଼ିଛନ୍ତି । ବର୍ଷା ଆହୁରି ବଢ଼ିଲେ ପରିସ୍ଥିତି ଜଟିଳ ହେବାର ଆଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ ନଦୀକୂଳିଆ ଲୋକଙ୍କୁ ସତର୍କ କରାଯାଇଛି । ନନ୍ଦପୁରରେ ୫ରୁ ଊର୍ଦ୍ଧ୍ୱ ଗାଁ ଯାତାୟାତରୁ ବିଚ୍ଛିନ୍ନ ନନ୍ଦପୁର ଅଂଚଳରେ ଗତ ତିନିଦିନ ଧରି ଜାରି ରହିଥିବା ବର୍ଷା ଯୋଗୁଁ ବିଭିନ୍ନ ନଦୀ, ନାଳ ଓ ଜଳପଥରେ ଜଳସ୍ତର ବଢ଼ିଛି । ପ୍ରାଥମିକ ସୂଚନା ଅନୁସାରେ ୫ରୁ ଊର୍ଦ୍ଧ୍ୱ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି । ଚାଟୁଆ ପଂଚାୟତର ଚାଟୁଆ, କଣ୍ଡାପାଲି ଓ ଦୁରୁବା, ନନ୍ଦକା ପଂଚାୟତର ରାଙ୍ଗିନୀଗୁଡ଼ା, ଥୁବା ପଂଚାୟତର କୁକୁଡ଼ାପୁଟ ଏବଂ ମାଳିବେଲଗାଁ ପଂଚାୟତର ଖଡଗୌଡ଼ପୁଟ ଅଂଚଳରେ ବର୍ଷାଜଳ ପ୍ରବାହ ବଢ଼ିଛି । କେତେକ ସ୍ଥାନରେ ରାସ୍ତା ଓ ବ୍ରିଜ୍ ଉପରେ ପାଣି ପ୍ରବାହିତ ହେବାରୁ ଯାତାୟାତ ବନ୍ଦ ରହିଛି । ତଳ ଓ ଉପର କଣ୍ଡାପାଲି, ନୂଆଗାଁ, ଏକଟାଗୁଡ଼ା, ଦମନୀଖୋଲା, ପୋଡ଼ାଗୁଡ଼ା, ବେତବାରି, କୁକୁଡ଼ାପୁଟ, ଘଗଡ଼ାପଣ୍ଡି, ଜନ୍ତାପୁଟ, ସିଲପଣ୍ଡି, ସଗର, ରାଙ୍ଗିନୀଗୁଡ଼ା, ଗୁଲପଣ୍ଡି, ବଡକିପଣ୍ଡି ଓ ସିତାପୁଟ ଆଦି ଅଂଚଳ ମଧ୍ୟ ବର୍ଷାରେ ପ୍ରଭାବିତ ହୋଇଛି । ଯାତାୟାତ ବାଧାପ୍ରାପ୍ତ ହେବାରୁ ଜରୁରୀକାଳୀନ ସେବା ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି । ନନ୍ଦପୁରରେ ୪୭ ଘର କ୍ଷତିଗ୍ରସ୍ତ । ଲଗାଣ ବର୍ଷାରେ ନନ୍ଦପୁର ତହସିଲ ଅଂଚଳରେ ଘରବାଡ଼ି କ୍ଷତିଗ୍ରସ୍ତ ହୋଇଛି । ଗତ ତିନିଦିନରେ ମୋଟ ୪୭ଟି ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ କେବଳ ଗୁରୁବାର ୩୮ଟି ଘର ଭାଙ୍ଗିଥିବା ପ୍ରାଥମିକ ସୂଚନା ମିଳିଛି । ସ୍ଥିତି ଅନୁଧ୍ୟାନ ପାଇଁ ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣା ଓ ସୁପରଭାଇଜର ସୋମନାଥ ମୁଦୁଲିଙ୍କ ସମେତ ଏକ ଟିମ୍ ବିଭିନ୍ନ ପ୍ରଭାବିତ ଅଂଚଳ ପରିଦର୍ଶନ କରିଛି । ବର୍ଷାଜଳ ପ୍ରବାହ ସାମାନ୍ୟ ହ୍ରାସ ପାଇଥିଲେ ମଧ୍ୟ ଲୋକଙ୍କୁ ଅଯଥା ଘରୁ ନବାହାରିବାକୁ ତହସିଲଦାର ପରାମର୍ଶ ଦେଇଛନ୍ତି । ଗୁରୁବାର କ୍ଷତିଗ୍ରସ୍ତ ୩୮ ପରିବାରଙ୍କୁ ପଲିଥିନ ଯୋଗାଇ ଦିଆଯାଇଥିବା ବେଳେ ନିୟମାନୁଯାୟୀ ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । କଣ୍ଡାପାଲି, ରାଙ୍ଗିନୀଗୁଡ଼ା ଓ କୁକୁଡ଼ାପୁଟ ବ୍ରିଜ୍? ଉପରେ ବର୍ଷାଜଳ ବିପଦସଙ୍କେତ ଭାବେ ପ୍ରବାହିତ ହେଉଥିବାରୁ ଅଘଟଣ ଏଡ଼ାଇବା ପାଇଁ ସେଠାରେ ପୁଲିସ କର୍ମଚାରୀ ନିୟୋଜିତ କରାଯାଇଛି । ଛଟାଗୁଡ଼ା ବ୍ରିଜ୍‌ରେ ପାଣି, ଅଟକିଲା ଗାଡ଼ି । ଲଗାଣ ବର୍ଷା ଯୋଗୁଁ ରାୟଗଡ଼ା-କୋରାପୁଟ ସଂଯୋଗ କରୁଥିବା ଛଟାଗୁଡ଼ା ବ୍ରିଜ୍ ଉପରେ ପାଣି ପ୍ରବାହିତ ହେଉଛି । ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇ ଉଭୟ ପାର୍ଶ୍ୱରେ ଅନେକ ଯାନବାହନ ଅଟକି ରହିଛି । ଏଥିଯୋଗୁଁ ଯାତ୍ରୀମାନେ ଅସୁବିଧାରେ ପଡ଼ିଛନ୍ତି । ଶୁକ୍ରବାର ଜିଲ୍ଲାର ସମସ୍ତ ସ୍କୁଲ ଛୁଟି । ବର୍ଷାଜନିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ୨୫ ତାରିଖ ଶୁକ୍ରବାର କୋରାପୁଟ ଜିଲ୍ଲାର ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି । ଜିଲ୍ଲାରେ ମୋଟ ୧୩୮୫.୩ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ସୂଚନା ମିଳିଛି । ପରିସ୍ଥିତି ଉପରେ ପ୍ରଶାସନ ନଜର ରଖିଥିବା ବେଳେ ନଦୀ, ନାଳ ଓ ଜଳମଗ୍ନ ଅଂଚଳକୁ ନଯିବା ପାଇଁ ସାଧାରଣ ଲୋକଙ୍କୁ ସତର୍କ କରାଯାଇଛି ।

ବେଟି ବଚାଓ ବେଟି ପଢ଼ାଓ ଅଧୀନରେ ଅନ୍ତର୍ବିଭାଗୀୟ ସମନ୍ୱୟ ବୈଠକ



ନବରଙ୍ଗପୁର, ୨୪/୦୯ (ଆ.ପ୍ର) : ବାଳିକା ଶିଶୁଙ୍କ ଶିକ୍ଷା, ସୁରକ୍ଷା ଓ ସଶକ୍ତିକରଣ ସହିତ ସେମାନଙ୍କର ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରିବା ଏବଂ ବେଟି ବଚାଓ ବେଟି ପଢାଓ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଅଶୋକ ମେହତା କନଫରେନ୍ସ ହଲ୍‌ରେ ଏକ ଅନ୍ତର୍ବିଭାଗୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକର ଆୟୋଜନ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ କରାଯାଇଥିଲା । ବୈଠକରେ ଜିଲ୍ଲାର ବିଭିନ୍ନ ସମ୍ପୃକ୍ତ ବିଭାଗର ଅଧିକାରୀ ଓ ପ୍ରତିନିଧିମାନେ ଯୋଗଦେଇ ଉକ୍ତ ଯୋଜନା ଅଧୀନରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମର ସ୍ଥିତି, ଅଗ୍ରଗତି ଏବଂ ଆଗାମୀ କାର୍ଯ୍ୟଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ନବରଙ୍ଗପୁର ଜିଲ୍ଲାରେ ବାଳିକା ଶିଶୁଙ୍କ ଲିଙ୍ଗ ଅନୁପାତ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ବାଳିକା ଶିଶୁଙ୍କ ପ୍ରତି ସକାରାତ୍ମକ ସାମାଜିକ ଦୃଷ୍ଟିଭଙ୍ଗୀ, ସମାନ ସୁଯୋଗ ଏବଂ ସେମାନଙ୍କ ଅଧିକାର ପ୍ରତି ସଚେତନତା ବୃଦ୍ଧି କରିବା ଦିଗରେ ନିରନ୍ତର ପ୍ରୟାସ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ବିଶେଷକରି ବାଳିକାଙ୍କ ବିଦ୍ୟାଳୟ ଛାଡ଼ିବା ହାର ହ୍ରାସ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ବାଳିକାମାନେ ଯେପରି ଶିକ୍ଷାରୁ ବଂଚିତ ନହୁଅନ୍ତି ଏବଂ ନିୟମିତ ଭାବେ ଶିକ୍ଷା ଜାରି ରଖିପାରନ୍ତି, ସେଥିପାଇଁ ଶିକ୍ଷା, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ, ମିଶନ ଶକ୍ତି, ଜୀବିକା, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ଦକ୍ଷତା ବିକାଶ ସମେତ ସମ୍ପୃକ୍ତ ବିଭାଗଗୁଡ଼ିକର ସମନ୍ୱିତ ପ୍ରୟାସ ଉପରେ ଆଲୋଚନା ହୋଇଥିଲା । ଏଥିସହ ବାଳିକାଙ୍କ ଶିକ୍ଷା ଜାରି ରଖିବା, ସୁରକ୍ଷା ସୁନିଶ୍ଚିତ କରିବା, ଶିଶୁ ବିବାହ ନିରୋଧ, ଦକ୍ଷତା ବିକାଶ ଏବଂ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଦିଗରେ ବିଭିନ୍ନ ବିଭାଗ ନିଜ ନିଜ ଯୋଜନା ଓ କାର୍ଯ୍ୟକ୍ରମକୁ ପରସ୍ପର ସହ ସମନ୍ୱୟ କରି ଅଧିକ ପ୍ରଭାବଶାଳୀ ଭାବେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ଯୋଗଦେଇଥିବା ବିଭିନ୍ନ ବିଭାଗର ଅଧିକାରୀ ଓ ପ୍ରତିନିଧିମାନେ ଉକ୍ତ ଯୋଜନାର ଲକ୍ଷ୍ୟ ହାସଲ ପାଇଁ ନିଜ ନିଜ ବିଭାଗ ମାଧ୍ୟମରେ ସକ୍ରିୟ ସହଯୋଗ ପ୍ରଦାନ କରିବା ସହିତ ବାଳିକା ଶିଶୁଙ୍କ ଅଧିକାର ସୁରକ୍ଷା, ଶିକ୍ଷା, ସୁରକ୍ଷା, ସ୍ୱାସ୍ଥ୍ୟ ଓ ସଶକ୍ତିକରଣ ନିମନ୍ତେ ସମନ୍ୱିତ ପଦକ୍ଷେପ ଗ୍ରହଣ କରିବା ଉପରେ ମତ ପ୍ରକାଶ କରିଥିଲେ । ବୈଠକରେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପଗୁଡ଼ିକର ନିୟମିତ ସମୀକ୍ଷା ଓ ତଦାରଖ ମାଧ୍ୟମରେ ଲକ୍ଷ୍ୟଭିତ୍ତିକ ପରିଣାମ ହାସଲ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁଶ୍ରୀ ମିଶ୍ର ବୈଠକର ସମନ୍ୱୟ ଓ ପରିଚାଳନା କରିଥିଲେ ।

ଜିଲ୍ଲାସ୍ତରୀୟ ସେବା ସଂକଳ୍ପ ଅଭିଯାନ-୨୦୨୬ ଅବସରରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ

ଭଦ୍ରକ, ୨୪/୦୯ (ଆ.ପ୍ର) : ସେବା ସଂକଳ୍ପ ଅଭିଯାନ-୨୦୨୬ ଅବସରରେ ଭଦ୍ରକ ଜିଲ୍ଲା ସ୍ତରୀୟ 'ସ୍ୱପ୍ନର ଭାରତ' କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ ଅଭିମନ୍ୟୁ ସେଠୀ ଏବଂ ବରେଣ୍ୟ ଅତିଥି ଭାବେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ଯୋଗଦାନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ୨୦୪୭ମସିହା ଭାରତ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଏକ ବିକଶିତ ଭାରତ ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଯୁବ ଅବସ୍ଥାରୁ ଏକ ବିକଶିତ ଭାରତର ସ୍ୱପ୍ନ ଦେଖିଲେ ତାହା ଭବିଷ୍ୟତରେ ବାସ୍ତବ ରୂପ ନିଏ । ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତେ ଅଙ୍ଗୀକାରବଦ୍ଧ ହେବା ଉଚିତ୍ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ଜଗବନ୍ଧୁ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାଲ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ପ୍ରଫୁଲ୍ଲ କୁମାର ସାହୁ ଓ ତୃପ୍ତିମୟୀ ପାତ୍ର ଓ ଭଦ୍ରକ ବ୍ଲକ ଶିକ୍ଷା ଅଧିକାରୀ ଚକ୍ରଧର ମଲ୍ଲିକ,ବନ୍ତ ବ୍ଲକ ଶିକ୍ଷା ଅଧିକାରୀ ଚିତରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ସଭାର ସଭାପତିତ୍ୱ କରିଥିଲେ । ଶିକ୍ଷକ ମନୋଜ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସେବା ସଂକଳ୍ପ ଅଭିଯାନ-୨୦୨୬ ଅବସରରେ 'ସ୍ୱପ୍ନର ଭାରତ' କାର୍ଯ୍ୟକ୍ରମ ଅଧୀନରେ ଭଦ୍ରକ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ବ୍ଲକ ସ୍ତରରେ 'ବିକଶିତ ଭାରତ' ଓ '୨୫ ବର୍ଷର ସେବା' ପ୍ରସଙ୍ଗକୁ ନେଇ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଆଜି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେପ୍ଟେମ୍ବର ୧୮ ରୁ ୨୪ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ନିଜ ସୃଜନଶୀଳତା ଓ ବକ୍ତୃତା ମାଧ୍ୟମରେ 'ବିକଶିତ ଭାରତ'ର ସ୍ୱପ୍ନକୁ ପ୍ରକାଶ କରିଛନ୍ତି । କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇ ସେମାନଙ୍କ ପ୍ରତିଭାକୁ ଉତ୍ସାହିତ କରାଯାଇଥିଲା । ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତିନୋଟି ବର୍ଗରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ଲଗାଣ ବର୍ଷାରେ ଭୁଶୁଡ଼ିଲା ଘର ଆଶ୍ରୟ ପାଇଁ ବୃଦ୍ଧା ମା'ଙ୍କ ଦୁର୍ଦ୍ଦଶା ବଢ଼ିଲା

ଟିକାବାଲି, ୨୪/୦୯ (ଆ.ପ୍ର) : ଲଗାଣ ବର୍ଷା ଯୋଗୁଁ ଟିକାବାଲି ବ୍ଲକ ଅନ୍ତର୍ଗତ କଟିମାହା ଗ୍ରାମପଂଚାୟତ ନିକଟସ୍ଥ ସଲପଗାଁ ଗ୍ରାମର ରଜବତୀ ପ୍ରଧାନଙ୍କ ଚାଳଛପର ଘର ଭୁଶୁଡ଼ି ପଡ଼ିଛି । ଘରଟି ଭାଙ୍ଗିଯିବା ପରେ ଏହି ଝଡ଼ବର୍ଷା ମଧ୍ୟରେ ବୃଦ୍ଧା ମା'ଙ୍କ ପାଇଁ ରାତି କାଟିବା ଓ ରହିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି ।

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଘଟଣାଟି ସକାଳ ୮ ସମୟରେ ଘଟିଥିଲା । ରଜବତୀ ପ୍ରଧାନ ଘର ବାହାରେ ବାସନକୁସନ ସଫା କରୁଥିବା ସମୟରେ ହଠାତ୍ ଘରର କାନ୍ଥ ଭୁଶୁଡ଼ି ପଡ଼ିଥିଲା । ଲଗାଣ ବର୍ଷା ଯୋଗୁଁ ଘରର କାନ୍ଥଗୁଡ଼ିକ ଦୁର୍ବଳ ହୋଇପଡ଼ିଥିବାରୁ ଏଭଳି ଅଘଟଣ ଘଟିଥିବା ଜଣାପଡ଼ିଛି । ଘର ଭାଙ୍ଗିଯିବା ପରେ ବୃଦ୍ଧା ରଜବତୀ ପ୍ରଧାନ ନିଜର ଅସୁବିଧା ସମ୍ପର୍କରେ ବ୍ଲକ୍ ପ୍ରଶାସନ, ସ୍ଥାନୀୟ ସରପଂଚ ଓ ରାଜସ୍ୱ ନିରୀକ୍ଷକ (ଆରଆଇ)ଙ୍କୁ ଅବଗତ କରାଇଛନ୍ତି । ଏହି ଘଟଣାରେ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳ ପରିଦର୍ଶନ କରି ବୃଦ୍ଧାଙ୍କ ସ୍ଥିତି ଅନୁଧ୍ୟାନ କରିବା ସହ ତାଙ୍କୁ ଶୀଘ୍ର ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ବର୍ଷା ଦିନରେ ମୁଣ୍ଡ ଗୁଞ୍ଜିବାକୁ ଘର ନଥିବାରୁ ରଜବତୀଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଯାଇଛି । ତେଣୁ ମାନବିକତାର ଦୃଷ୍ଟିରୁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ତାଙ୍କ ପାଇଁ ଏକ ନୂତନ ଆବାସ ଯୋଗାଇଦେବା ସହ ଆବଶ୍ୟକ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି ।

ବ୍ରହ୍ମପୁର ଏସପି ଭାବେ ଦାଇତ୍ୱ ଗ୍ରହଣ କଲେ ଅଭିନବ ସୋନକର

ବ୍ରହ୍ମପୁର, ୨୪/୦୯ (ଆ.ପ୍ର) : ଗୁରୁବାର ସନ୍ଧ୍ୟାରେ ବ୍ରହ୍ମପୁର ଏସପି ଭାବେ ଦାଇତ୍ୱ ଗ୍ରହଣ କରିଛନ୍ତି ୨୦୧୯ ବ୍ୟାଚର ଆଇପିଏସ ଅଫିସର ଅଭିନବ ସୋନକର । ଦାଇତ୍ୱ ଗ୍ରହଣ ପରେ ସେ ଅପରାଧୀଙ୍କୁ ଦମନ କରିବା ସହ ଆଇନଶୃଙ୍ଖଳା ନିୟନ୍ତ୍ରଣ, ଭିଆଇପି ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବେ ବୋଲି ଗଣମାଧ୍ୟମଙ୍କୁ ସୂଚନା ଦେଇଛନ୍ତି । ଏପରି କି ପୁଲିସ୍ ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ସହ ଅଧିକ ଫୋକସ୍ ଦେବେ । ପୁଲିସ ପିପୁଲ୍ସ ଫ୍ରେଣ୍ଡଲି ଭାବେ କାମ କରି ସହରବାସୀଙ୍କୁ ସେବା ଯୋଗାଇବେ । ଆଗକୁ ପାର୍ବଣ ଋତୁ ଆସୁଥିବା ବେଳେ ଅପରାଧୀ ମାନଙ୍କ ଗତିବିଧି ଉପରେ କଡ଼ା ନଜର ରଖି ସହରରେ ଲୁଟ୍‌ପାଟ୍ ଛିନ୍‌ତାଇ, ଦାଦାବଟି ମାଗିବା ସହ ବିଭିନ୍ନ ଅପରାଧିକ ମୂଳକ କାର୍ଯ୍ୟ ଚଳାଉଥିବା ଅଭିଯୁକ୍ତମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସହରରୁ ଅପରାଧୀକ ମୂଳପୋଛ କରିବାକୁ ଏସପି ଅଭିନବ ସୋନକରଙ୍କ ପ୍ରୟାସ ଜାରି ରହିବ । ପାର୍ବଣରେ ଏହି ଅପରାଧୀମାନେ କିପରି କୌଣସି ଅଘଟଣ ନ ଘଟାଇବେ ସେ ଉପରେ ବ୍ରହ୍ମପୁର ପୁଲିସ ପକ୍ଷରୁ ପ୍ରସ୍ତୁତ ହେବ ବ୍ଲୁ ପ୍ରିଂଟ ବ୍ରହ୍ମପୁର ସହରରେ ଟ୍ରାଫିକ ସମସ୍ୟା ଦୂର କରିବା ଠାରୁ ଆରମ୍ଭ କରି ଲୁଟ୍ ଘଟଣାରେ ପୁଲିସ କିପରି ସଫଳତା ହାସଲ କରିବ ସେ ନେଇ ଏସପିଙ୍କର ଫୋକସ ରହିବ ବୋଲି କହିଛନ୍ତି । ଏସପି ଅଭିନବ ସୋନକର ପ୍ରଥମେ ଏସଡିପିଓ ଭାବେ କନ୍ଧମାଳ ଜିଲ୍ଲାରେ ଯୋଗ ଦେଇଥିଲେ । ପରବର୍ତ୍ତୀ ସମୟରେ କୋରାପୁଟ ଓ ଢେଙ୍କାନାଳରେ ଏସପି ଭାବେ ନିଯୁକ୍ତ ହୋଇଥିଲେ । ବର୍ତ୍ତମାନ ସେ ବ୍ରହ୍ମପୁର ଏସପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

୬୫ତମ ସାହାଣୀ ଫୁଟବଲ୍ ଟୁର୍ଣ୍ଣାମେଂଟରେ ଦୁଇ ମ୍ୟାଚ୍

କୋରାପୁଟ-କନ୍ଧମାଳ ମ୍ୟାଚ୍ ଡ୍ର, ନୂଆପଡ଼ା-ମାଲକାନଗିରି ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ

ନୂଆପଡ଼ା, ୨୪/୦୯ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ଖଡ଼ିଆଳସ୍ଥିତ ରାଜା ଆର୍ତତ୍ରାଣ ହାଇସ୍କୁଲ୍ ଖେଳ ପଡ଼ିଆରେ ଚାଲିଥିବା ୬୫ତମ ସାହାଣୀ ଫୁଟବଲ୍ ଟୁର୍ଣ୍ଣାମେଂଟରେ ଗୁରୁବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାର ଦଳ ଅଂଶଗ୍ରହଣ କରୁଥିବାରୁ ମ୍ୟାଚ୍ ଦେଖିବା ପାଇଁ ଖେଳପ୍ରେମୀଙ୍କ ଭିଡ଼ ଜମିଥିଲା । ଦୁଇ ମ୍ୟାଚ୍‌ରେ ଖେଳାଳିମାନଙ୍କ ମଧ୍ୟରେ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା । ପ୍ରଥମ ମ୍ୟାଚ୍ କୋରାପୁଟ ଓ କନ୍ଧମାଳ ଦଳ ମଧ୍ୟରେ ଖେଳାଯାଇଥିଲା । ମ୍ୟାଚ୍ ଆରମ୍ଭରୁ ଉଭୟ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ପ୍ରତିପକ୍ଷ ରକ୍ଷଣଭାଗ ଉପରେ ଚାପ ସୃଷ୍ଟି କରିଥିଲେ । ଗୋଲ୍ ପାଇଁ ଉଭୟ ଦଳ ପକ୍ଷରୁ ବାରମ୍ବାର ସୁଯୋଗ ସୃଷ୍ଟି ହୋଇଥିଲେ ମଧ୍ୟ ଦୃଢ଼ ରକ୍ଷଣଭାଗ ଯୋଗୁଁ କୌଣସି ଦଳ ଗୋଲ୍ କରିବାରେ ସଫଳ ହୋଇପାରିନଥିଲା । ଶେଷରେ ମ୍ୟାଚ୍‌ଟି ଗୋଲଶୂନ୍ୟ ଡ୍ର ରହିଥିଲା । ଫଳରେ ଉଭୟ ଦଳ ଗୋଟିଏ ଲେଖାଏଁ ପଏଂଟ ପାଇଥିଲେ । ଏହି ମ୍ୟାଚ୍‌ରେ ଖଡ଼ିଆଳ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କ ସହ ପରିଚିତ ହୋଇ ସେମାନଙ୍କୁ ଉତ୍ସାହିତ କରିଥିଲେ । ଅଂଚଳରେ ଫୁଟବଲର ବିକାଶ ସହ ଯୁବପିଢ଼ିଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବାରେ ଏଭଳି ପ୍ରତିଯୋଗିତାର ଗୁରୁତ୍ୱ ରହିଥିବା ମତ ପ୍ରକାଶ ପାଇଥିଲା । ପରେ ଦ୍ୱିତୀୟ ମ୍ୟାଚ ନୂଆପଡ଼ା ଓ ମାଲକାନଗିରି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍‌ରେ ମଧ୍ୟ ଦୁଇ ଦଳ ମଧ୍ୟରେ ରୋମାଂଚକର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ନୂଆପଡ଼ା ଦଳ ଆକ୍ରମଣ କରି ଗୋଲ୍ ଦେବାକୁ ଉଦ୍ୟମ କରୁଥିବା ବେଳେ ମାଲକାନଗିରି ଦଳ ମଧ୍ୟ ପ୍ରତିଆକ୍ରମଣ କରିଆରେ ଗୋଲ୍ ପାଇଁ ସୁଯୋଗ ସୃଷ୍ଟି କରିଥିଲା । ଉଭୟ ଦଳ ପକ୍ଷରୁ କିଛି ସୁଯୋଗ ସୃଷ୍ଟି ହୋଇଥିଲେ ମଧ୍ୟ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଗୋଲ୍ ହୋଇପାରିନଥିଲା । ଫଳରେ ପ୍ରଥମାର୍ଦ୍ଧ ଖେଳ ୦-୦ରେ ଶେଷ ହୋଇଥିଲା । ଦ୍ୱିତୀୟ ମ୍ୟାଚ୍‌ରେ ଖଡ଼ିଆଳ ବ୍ଲକ୍ ଉପାଧ୍ୟକ୍ଷ ଗୌତମ ଡାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଯୁବପିଢ଼ି ଖେଳକୁ ଜୀବନର ଏକ ଅଂଶ ଭାବେ ଗ୍ରହଣ କରି କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ । ଟୁର୍ଣ୍ଣାମେଂଟରେ ଖଡ଼ିଆଳ ଫୁଟବଲ୍ ମହାକୁମ୍ଭର ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ଉପସ୍ଥିତ ଥିବା ବେଳେ ସାହାଣୀ ଫୁଟବଲ୍ ଟୁର୍ଣ୍ଣାମେଂଟର ମ୍ୟାନେଜର ଭାବେ ମନୋଜ କୁମାର ନାଏକ ଦାୟିତ୍ୱ ତୁଲାଇଥିଲେ । ଆୟୋଜକଙ୍କ ପକ୍ଷରୁ ଖେଳ ପରିଚାଳନା ସହ ଖେଳାଳି ଓ ଦର୍ଶକଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଥିଲା । ଦୀର୍ଘଦର୍ଷ ଧରି ଖଡ଼ିଆଳ ଅଂଚଳରେ ସାହାଣୀ ଫୁଟବଲ୍ ଟୁର୍ଣ୍ଣାମେଂଟ ଫୁଟବଲ୍ ପ୍ରତିଭାଙ୍କ ପାଇଁ ଏକ ପ୍ରମୁଖ ମଂଚ ଭାବେ ପରିଚିତ । ଏହି ଟୁର୍ଣ୍ଣାମେଂଟ ଜରିଆରେ ବିଭିନ୍ନ ଅଂଚଳର ଖେଳାଳିମାନେ ନିଜ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଉଛନ୍ତି । ଚଳିତ ବର୍ଷ ମଧ୍ୟ ବିଭିନ୍ନ ଜିଲ୍ଲାର ଦଳ ଭାଗ ନେଇଥିବାରୁ ଆଗାମୀ ମ୍ୟାଚ୍ ?ଗୁଡ଼ିକୁ ନେଇ ଖେଳପ୍ରେମୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି ।

ଦିଘା ସମୁଦ୍ରରେ ଉତାଳ ଢେଉ, ପର୍ଯ୍ୟଟକଙ୍କ ପାଇଁ କଡ଼ା ନଜରଦାରୀ

ବାଲିଆପାଳ, ୨୪/୦୯ (ଆ.ପ୍ର) : ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଦିଘାରେ ଏବେ ଅଶାନ୍ତ ସମୁଦ୍ର । ସମୁଦ୍ରରେ ବଡ଼ ବଡ଼ ଢେଉ ଉଠି ସୁରକ୍ଷା ପ୍ରାଚୀର ଟପି ସମୁଦ୍ରତଟରେ ଆସି ଆଘାତ କରୁଛି । ଏହା ସହିତ ମଝିରେ ମଝିରେ ବର୍ଷା ଓ ଜୋର୍‌ଦାର ପବନ ଯୋଗୁଁ ସମୁଦ୍ର ଅଧିକ ଅଶାନ୍ତ ହୋଇପଡ଼ିଛି । ପରିସ୍ଥିତିକୁ ଦେଖି ଦିଘା ସମୁଦ୍ରତଟରେ ପ୍ରଶାସନ ପକ୍ଷରୁ ବଢ଼ାଇ ଦିଆଯାଇଛି ସୁରକ୍ଷା ଓ ନଜରଦାରୀ ।ଦିଘା ସମୁଦ୍ରରେ ଦେଖିବାକୁ ମିଳୁଛି ଉତାଳ ରୂପ । ସମୁଦ୍ର ଭିତରୁ ଉଠୁଥିବା ବଡ଼ ବଡ଼ ଢେଉ ଜୋରରେ କୂଳ ଆଡ଼କୁ ମାଡ଼ି ଆସୁଛି । ଢେଉର ତୀବ୍ରତା ଏତେ ଅଧିକ ରହିଛି ଯେ, ଅନେକ ସ୍ଥାନରେ ସମୁଦ୍ରର ପାଣି ସୁରକ୍ଷା ପ୍ରାଚୀର ଟପି ସମୁଦ୍ରତଟରେ ପହଂଚୁଛି । ଏହା ସହିତ ଆକାଶ ମେଘାଚ୍ଛନ୍ନ ରହିବା ସହ ମଝିରେ ମଝିରେ ବର୍ଷା ହେଉଛି । ଜୋର୍‌ଦାର ପବନ ବହୁଥିବାରୁ ସମୁଦ୍ରର ଢେଉ ଆହୁରି ଉତାଳ ହେଉଛି ।

ଅରଡା ଗ୍ରାମରୁ ୨ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କଲା ଅବକାରୀ ବିଭାଗ, ଅଭିଯୁକ୍ତ ଯୁବକ ଗିରଫ

ଜଗତସିଂହପୁର, ୨୪/୦୯ (ଆ.ପ୍ର) : ଆଜି ପ୍ରାୟ ସକାଳ ୯ଟା ସମୟରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଅରଡା ଗ୍ରାମରେ ଚଢଉ କରି ୨କେଜି ୧୦୦ ଗ୍ରାମର ଗଞ୍ଜେଇ ଜବତ କରିଛି ତିର୍ତ୍ତୋଲ ଅବକାରୀ ଥାନା ଯାହାର ଆନୁମାନିକ ମୂଲ୍ୟ ୨୧,୦୦୦/- ଟଙ୍କା ହେବ । ଏକ ଗୁଇନ୍ଦା ଖବରକୁ ଭିତି କରି ତିର୍ତ୍ତୋଲ ଅବକାରୀ ଥାନାର ସବ୍‌ଇନ୍‌ସପେକ୍ଟର ରବି ବେହେରାଙ୍କ ନେତୃତ୍ୱରେ ଏକ ଟିମ ବୁଧବାର ସକାଳେ ଅରଡା ଗ୍ରାମରେ ଚଢଉ କରିଥିଲା । ସନ୍ଦିଗ୍ଧ ଜଣକ କୌଣସି ସୂତ୍ରରୁ ଖବର ପାଇ ଗଞ୍ଜେଇ ବ୍ୟାଗକୁ ନେଇ ଖସିପଳାଇବାକୁ ଚେଷ୍ଟା କରୁଥିବାବେଳେ ଅବକାରୀ ବିଭାଗର କର୍ମଚାରୀମାନେ ତାଙ୍କୁ ପିଛା କରିବା ପରେ ଅରଡା ଠାରେ କାବୁ କରିନେଇଥିଲେ । ଯାଂଚ ପରେ ତାଙ୍କ ନିକଟରୁ ୨କେଜି ୧୦୦ ଗ୍ରାମର ଗଞ୍ଜେଇ ଜବତ କରାଯାଇଥିଲା । ଅଭିଯୁକ୍ତ ଜଣକ ହେଲେ ବାଲିସାହି ଗ୍ରାମର ଚନ୍ଦନ ନାଥଙ୍କ ପୁଅ ଅକ୍ଷୟ କୁମାର ନାଥ । ତାଙ୍କ ବିରୁଦ୍ଧରେ ଏନ୍ ଡିପିଏସ୍ ଆକ୍ଟ ୧୯୮୫ ଅନୁସାରେ ତିର୍ତ୍ତୋଲ ଅବକାରୀ ଥାନା କେସ୍ ନଂ ୭୨୨୦୨୬-୨୭ରେ ମାମଲା ରୁଜୁ କରାଯାଇ ଜଗତସିଂହପୁର ଜିଲ୍ଲା ଦୌରାଜଜଙ୍କ କୋର୍ଟକୁ ଚାଲାଣ କରାଯାଇଥିବାବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗିୟ ହାଜତକୁ ପଠାଯାଇଛି । ଏହି ଅଭିଯାନରେ ତିର୍ତ୍ତୋଲ ଅବକାରୀ ଥାନାର କନଷ୍ଟେବଳ ଦିନବନ୍ଧୁ ସେଠୀ, ବର୍ଷାରାଣୀ ଖୁଂଟିଆ ପ୍ରମୁଖ ସାମିଲ ଥିଲେ ।ଜିଲ୍ଲା ଅବକାରୀ ବିଭାଗ ନର୍କୋଟିକ୍ସ ବ୍ୟବସାୟ ବିରୋଧରେ ଆହୁରି କଠୋର ଅଭିଯାନ ଚାଲାଇବାକୁ ସଂକଳ୍ପବଦ୍ଧ ଥିବାର ପ୍ରକାଶ କରିଛନ୍ତି ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ ।

ବାଲୁଗାଁ ମହାବିଦ୍ୟାଳୟରେ ଏନଏସଏସ ଦିବସ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଚିଲିକା/ବାଣପୁର, ୨୪/୦୯ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ମହାବିଦ୍ୟାଳୟ ଛାତ୍ର ଛାତ୍ରୀମାନଙ୍କ ହୃଦୟରେ ସେଚ୍ଛାସେବା ମାଧ୍ୟମରେ ସମାଜସେବା ଓ ରାଷ୍ଟ୍ରନିର୍ମାଣର ଆଗ୍ରହ ସୃଷ୍ଟିକରିବା ସହ ବ୍ୟକ୍ତିତ୍ୱ ବିକାଶ ନିମନ୍ତେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀରେ ଆରମ୍ଭ ହୋଇଥିବା ଜାତୀୟ ସେବା ଯୋଜନା ସମ୍ପ୍ରତି ସମଗ୍ର ଦେଶରେ ଖୁବ ଉଲ୍ଲେଖନୀୟ କାର୍ଯ୍ୟକ୍ରମ କରି ପ୍ରଶଂସିତ ହୋଇପାରିଛି । ୧୯୬୯ ସେପ୍ଟେମ୍ବର ୨୪ ରେ ଆରମ୍ଭ ହୋଇଥିବା ଏନଏସଏସର ୫୫ ତମ ଜନ୍ମଦିବସ ଆଜି ବାଲୁଗାଁ ମହାବିଦ୍ୟାଳୟର ପ୍ରଜ୍ଞାଭବନରେ ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଏନଏସଏସ ଦିବସ କାର୍ଯ୍ୟକ୍ରମ ଉଦଘାଟନ ହେବାପରେ ସମସ୍ତେ ରାଷ୍ଟ୍ରୀୟ ଗୀତିକା ଓ ଜାତୀୟ ସଂଗୀତ ଗାନ କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ରୀନା ରାଉତ ସ୍ୱାଗତ ଭାଷଣ ଦେବାପରେ ଯୁକ୍ତ ଦୁଇ କାର୍ଯ୍ୟକ୍ରମ ଅଧିକାରୀ ସ୍ୱାତୀ ସ୍ୱାଗତିକା ରାଉତ, ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଓ ମୁଖ୍ୟ କିରାଣୀ କ୍ଷୀରୋଦ ନାଥ ନାୟକ ଜାତୀୟ ସେବା ଯୋଜନା ମାଧ୍ୟମରେ କିପରି ବ୍ୟକ୍ତିତ୍ୱ ବିକାଶ ହୁଏ ତାହା ଆଲୋଚନା କରିଥିଲେ । ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧି ଏନଏସଏସ ମାଧ୍ୟମରେ ଉନ୍ନତ କ୍ୟାରିଅର ଓ ବୃତିଗତ ନିଯୁକ୍ତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ କ୍ଷ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଏନଏସଏସରେ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀ ଭାବେ ତାଙ୍କର ଚାଳିଶି ବର୍ଷର ଅଭିଜ୍ଞତା ବର୍ଣ୍ଣନା କରି କହିଲେ ଯେ ଜାତୀୟ ସେବା ଯୋଜନା ଛାତ୍ରଛାତ୍ରୀ ମାନଙ୍କୁ ନେତୃତ୍ୱ ବିକାଶ ଓ ବ୍ୟକ୍ତିତ୍ୱ ବିକାଶର ଯେଉଁ ବହୁମୁଖୀ ସୁଯୋଗ ପ୍ରଦାନ କରେ ତାହା ଅନ୍ୟ କୌଣସି ସମ୍ପ୍ରସାରଣ ସେବା କରିପାରେନାହିଁ । ପ୍ରାକ୍ତନ ସ୍ୱେଚ୍ଛାସେବୀ ଯଶ୍ମିନ ବେଗମ ନିଜର ଅଭିଜ୍ଞତା ଉପସ୍ଥାପନ କରିବା ବେଳେ ସ୍ୱେଚ୍ଛାସେବୀ ପ୍ରୋନିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେକ୍ଷ ମଂଚ ସଂଚାଳନ କରିଥିଲେ ସ୍ୱେଚ୍ଛାସେବୀ ବିଜୟ ଲକ୍ଷ୍ମୀ ପଣ୍ଡା । ଏନଏସଏସ ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଏକ ପେଡ଼ ମାକି ନାମ ଶୀର୍ଷକ କାର୍ଯ୍ୟକ୍ରମ ଅଧୀନରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଅଧ୍ୟାପକ ସୁବ୍ରତ କୁମାର ତ୍ରିପାଠୀ, ଅଧ୍ୟାପକ ମୃଡାଣି ଶଙ୍କର ପ୍ରସାଦ ମିଶ୍ର, ଅଧ୍ୟାପକ ପ୍ରବୀଣ କୁମାର ଜେନା, ହିମାଂଶୁ କୁମାର ଦାଶ, ଲେଫ୍ଟନାଂଟ ଚନ୍ଦନ ନାୟକ, ଡକ୍ଟର ମନସ୍ୱିନୀ ପଟ୍ଟନାୟକ, ଧୋବୀ ଚରଣ ପରିଡା ସ୍ନିଗ୍ଧାରାଣୀ ମୁଦୁଲିଙ୍କ ସମେତ ସ୍ୱେଚ୍ଛାସେବୀମାନେ ଚାଳିଶରୁ ଉର୍ଦ୍ଧ୍ୱ ନଡ଼ିଆ ଗଛ ଚାରା ରୋପଣ କରିଥିଲେ ।

ବ୍ଲଡ ବ୍ୟାଙ୍କ ପରିଚାଳନା କମିଟି ପ୍ରଥମ ବୈଠକ ଅନୁଷ୍ଠିତ

ଜଗତସିଂହପୁର, ୨୪/୦୯ (ଆ.ପ୍ର) : ଜିଲ୍ଲାପାଳ ତଥା ବ୍ଲଡ ବ୍ୟାଙ୍କ ପରିଚାଳନା କମିଟିର ଅଧ୍ୟକ୍ଷ ଜେ.ସୋନାଲଙ୍କ ଅଧ୍ୟକ୍ଷତାରେ ଗୁରୁବାର ସଦଭାବନା ସଭାଗୃହ ଠାରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲଡ ବ୍ୟାଙ୍କକୁ ମୋବାଇଲ ରକ୍ତ ସଂଗ୍ରହ ଯାନ ପ୍ରଦାନ, ରକ୍ତ ପୃଥକୀକରଣ ୟୁନିଟ ସ୍ଥାପନ, ଘରୋଇ ମେଡିକାଲକୁ ଅନ୍ତତଃ ବର୍ଷକୁ ଗୋଟିଏ ଥର ରକ୍ତଦାନ ଶିବିର କରିବା ପାଇଁ ପରାମର୍ଶ, ବିରଳ ରକ୍ତ ଗ୍ରୁପର ରକ୍ତଦାତାଙ୍କ ତାଲିକା ପ୍ରସ୍ତୁତ, ଶିବିର ସଂଖ୍ୟା ବୃଦ୍ଧି, କଲେଜରେ ସଚେତନତା ସୃଷ୍ଟି ସହ ଶିବିର ଆଦି ପ୍ରସ୍ତାବ ଆସିଥିଲା । ମୋବାଇଲ ରକ୍ତ ସଂଗ୍ରହ ଯାନ ଓ ରକ୍ତ ପୃଥକୀକରଣ ୟୁନିଟ୍ ସ୍ଥାପନ ପାଇଁ ଚିଠି ଲେଖା ଯାଇଥିବା ଜିଲ୍ଲାପାଳ ଶ୍ରୀ ସୋନାଲ କହିଥିଲେ । ସେହିପରି କଲେଜମାନଙ୍କର ଛାତ୍ରଛାତ୍ରୀଙ୍କ ଭିତରେ ରକ୍ତଦାନ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପରିଚାଳନା କମିଟିରେ ସଦସ୍ୟ ଥିବା ଅଧ୍ୟକ୍ଷ ଓ ଅଧ୍ୟକ୍ଷାମାନଙ୍କୁ ପରାମର୍ଶ ଦେଇଥିଲେ । ବିରଳ ରକ୍ତଦାତାମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଂଶାସପତ୍ର ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ରକ୍ତଦାନ ଶିବିର ସଂଖ୍ୟା ବୃଦ୍ଧି କରିବା ପାଇଁ ବ୍ଲଡ ବ୍ୟାଙ୍କ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ସିଡିଏମଓ ଡାକ୍ତର ସ୍ନିଗ୍ଧାମୟୀ ମହାନ୍ତି, ମେଡିକାଲ ଅଧୀକ୍ଷକ ଡାକ୍ତର ସରୋଜ କୁମାର ଜେନା, ବ୍ଲଡ ବ୍ୟାଙ୍କ ଅଧିକାରୀ ଡାକ୍ତର ପ୍ରିୟନ୍ତ ମେହେର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡିପିଏମ୍ ସୋନାଲି ପ୍ରିୟଦର୍ଶିନୀ, ଏସଭିଏମ୍ କଲେଜ ଅଧ୍ୟକ୍ଷା ସୁଜାତା ଓଡା, ନାଉଗାଁ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଭୂତି ଭୂଷଣ ସ୍ୱାଇଁ, ପ୍ରଭାତ କୁମାର ଶତପଥୀ, ଏସଭିଏମ୍ ସ୍ୱୟଂଶାସିତ କଲେଜ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ପ୍ରମୋଦ ରଞ୍ଜନ ଦାଶ, ତିର୍ତ୍ତୋଲ ଆଦିକବି ସାରଳା ଦାସ କଲେଜ ଅଧ୍ୟକ୍ଷ ଅନନ୍ତ ଚରଣ ଆଚାର୍ଯ୍ୟ, ବାଲିକୁଦା କଲେଜ ଯୁବ ରେଡକ୍ରସ ସଂଯୋଜକ ଗୟାଧର ଦାସ, ସନ୍ଧ୍ୟାରାଣୀ ପଣ୍ଡା, ସୋନାଲି ମହାନ୍ତି, ବ୍ଲଡ ବ୍ୟାଙ୍କ ଟେକ୍ନିସିଆନ ବିଶ୍ୱରଞ୍ଜନ ମଲ୍ଲିକ, ନିରଞ୍ଜନ ରାଉତ, ସଦସ୍ୟ ଆଲୋକ କୁମାର ଦାସ, ଶୁଭକାନ୍ତ ପଢ଼ିହାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସେବକ ଅଫିସର ବିନୋଦ କୁମାର ରଥ, ମାନସ କୁମାର ପ୍ରଧାନ, ସହାୟକ, ସୁଜିତ କୁମାର ମିଶ୍ର ଏବଂ ବିଭୂଦତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସିଡିଏମ୍‌ଓ ଶ୍ରୀମତୀ ମହାନ୍ତି କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ବ୍ଲଡ ବ୍ୟାଙ୍କ ଅଧିକାରୀ ଶ୍ରୀ ମେହେର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ମେଡିକାଲ ସୁପରିଂଟେଣ୍ଡେଂଟ ଡାକ୍ତର ଶ୍ରୀ ଜେନା ଧନ୍ୟବାଦ ଦେଇଥିଲେ ।

ସାହାଣୀ କପ୍ ଫୁଟବଲ୍ ପ୍ରତିଯୋଗିତା ରେ ଭାଗ ନେବା ନିମନ୍ତେ ନବରଙ୍ଗପୁର ଜିଲ୍ଲା ଦଳର ନୂଆପଡ଼ା ଗସ୍ତ

ନବରଙ୍ଗପୁର, ୨୪/୦୯ (ଆ.ପ୍ର) : ଆନ୍ତଃ ଜିଲ୍ଲା ୬୫ ତମ ସାହାଣୀ କପ୍ ଫୁଟବଲ୍ ପ୍ରତିଯୋଗିତା ନୂଆପଡ଼ା ର ମିନି ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ହେଉଛି । ଏଥିରେ ଭାଗ ନେବା ନିମନ୍ତେ ରାଜା ହରିଜନଙ୍କ ନେତୃତ୍ୱରେ ଏକ ୨୦ ଜଣିଆ ନବରଙ୍ଗପୁର ଜିଲ୍ଲା ଦଳ ନୂଆପଡ଼ା ଗସ୍ତ କରିଛନ୍ତି । ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ମଂଟୁ ନାଗ, ଶମ୍ଭୁନାଥ ମାଝୀ, ମନୋଜ ସାନ୍ତା, ମିଥୁନ ସାନ୍ତା, ଲାଲୁ ହରିଜନ, ଦେବ ହରିଜନ, ଆଦିତ୍ୟ ହରିଜନ, ଜାସନ୍ ଆନି ବେନ୍ୟା, ହାର୍ଦ୍ଦିକ କଟିମ୍, ଇଶାନ୍ତ ହରିଜନ, ଉମେଶ ହେମ୍ବ୍ରମ, ଟୁନା ହରିଜନ, ବିଷ୍ଣୁ ସାହୁ, ରବୀନ୍ଦ୍ର ବିଷୋୟୀ, ବଳେନ୍ଦ୍ର ମହୁକା, ପଙ୍କଜ ଅମନାତ୍ୟ, ବାବୁଲା ବାଘ, ତାଜ୍ ବାଘ, ନାଥାନ ମଡାଙ୍ଗି ପ୍ରମୁଖ ସ୍ଥାନ ପାଇଛନ୍ତି । ଉକ୍ତ ଦଳ ସହ ମ୍ୟାନେଜର ଭାବରେ ଦୁର୍ଯୋ ହରିଜନ, କୋଚ୍ ଭାବେ ଫିରୋଜ ହିଆଲ, ସହ କୋଚ୍ ଭାବେ ବି. ଯୋଗେଶ କୁମାର ଏବଂ ମେଂଟର ଭାବେ ଶଶାଙ୍କ ଶେଖର ବେହେରା ଦଳ ସହ ଗସ୍ତ କରିଛନ୍ତି । ଦଳର ସଫଳତା ହାସଲ ନିମନ୍ତେ ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଉପ ସଭାପତି ଏମ ବାଲା କ୍ରିଷ୍ଣା ରାଓ, କ୍ରିକେଟ୍ ସମ୍ପାଦକ ଅଶୋକ ନାୟକ, ହକି ସମ୍ପାଦକ ଦୁର୍ଗା ପ୍ରସାଦ ମଲିକ୍ ସମେତ କ୍ରୀଡ଼ା ସଂଘର ଅନ୍ୟ ସମସ୍ତ ସଦସ୍ୟ କାମନା କରିଛନ୍ତି । ସୂଚନା ଯୋଗ୍ୟ ଯେ ନିଜର ପ୍ରଥମ ମ୍ୟାଚରେ ନବରଙ୍ଗପୁର ଦଳ ସମ୍ବଲପୁର ଦଳ ମଧ୍ୟରେ ଏକ ସଂଘର୍ଷ ପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା ଏଥିରେ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ । ଖେଳ ଅମୀମାଂସିତ ଭାବରେ ଶେଷ ହୋଇଥିଲା । ନିଜ ଗ୍ରୁପ୍ ର ପରବର୍ତ୍ତୀ ମ୍ୟାଚ୍ ରାୟଗଡ଼ା ଏବଂ କଳାହାଣ୍ଡି ଦଳ ସହ ଅନୁଷ୍ଠିତ ହେବ ।

ନୂଆପଡ଼ାରେ ଡୁଡା ସମୀକ୍ଷା ବୈଠକ:

ପ୍ରତ୍ୟେକ ଏନ୍‌ଏସିରେ ବରିଷ୍ଠ ନାଗରିକଙ୍କ ପାଇଁ ହେବ 'ଗପସପ' କୋଣ

ନୂଆପଡ଼ା, ୨୪/୦୯ (ଆ.ପ୍ର) : ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା (ଡୁଡା)ର ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପିଡି, ଡୁଡା ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ସ୍ୱାଗତ ଜଣାଇବା ସହ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ । ବୈଠକରେ ନୂଆପଡ଼ା, ଖଡ଼ିଆଳ ଓ ଖରିଆର ରୋଡ୍ ଏନ୍‌ଏସିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ଆର୍ଥିକ ସ୍ଥିତି, ରାଜସ୍ୱ ଆଦାୟ, ସହରାଂଚଳ ଭିତିଭୂମି ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମେତ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା । ଜିଲ୍ଲାର ସମସ୍ତ ତିନିଟି ବିଜ୍ଞାପିତ ଅଂଚଳ ପରିଷଦ (ଏନ୍‌ଏସି)ରେ ବରିଷ୍ଠ ନାଗରିକଙ୍କ ଅବସର ବିନୋଦ ଓ ସାମାଜିକ ମିଳନ ପାଇଁ 'ଗପସପ' ନାମରେ ସ୍ୱତନ୍ତ୍ର କୋଣ ବିକଶିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପ୍ରତ୍ୟେକ ଏନ୍‌ଏସି ଉପଯୁକ୍ତ ସ୍ଥାନ ଚିହ୍ନଟ କରି ଏହାକୁ ବିକଶିତ କରିବାକୁ ସେ କହିଥିଲେ । ନୂଆପଡ଼ା ସହରର ଗାନ୍ଧୀ ଉଦ୍ୟାନର ନବୀକରଣ ଏବଂ ନୂତନ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପାଦନ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ସହରାଂଚଳରେ ଥିବା ବେଆଇନ ନିର୍ମାଣଗୁଡ଼ିକୁ ନିୟମାନୁଯାୟୀ ଉଚ୍ଛେଦ କରିବା ସହ ଅନୁମୋଦନବିହୀନ ନିର୍ମାଣକୁ ବିଦ୍ୟୁତ୍ ସଂଯୋଗ ନଦେବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ଏନ୍‌ଏସିଗୁଡ଼ିକରେ ଭଡ଼ା ବାବଦରେ ଆଦାୟ ହେଉଥିବା ରାଜସ୍ୱକୁ କମ୍ୟୁନିଟି ହଲ୍ ?ର ବିକାଶ ଓ ରକ୍ଷଣାବେକ୍ଷଣରେ ବିନିଯୋଗ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ତିନି ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିକାଶମୂଳକ ଭିଜନ୍ ଓ କାର୍ଯ୍ୟଯୋଜନା ସମ୍ପର୍କରେ ମଧ୍ୟ ସେ ଆଲୋଚନା କରିଥିଲେ । ଏକକ-ବ୍ୟବହାର ପ୍ଲାଷ୍ଟିକମୁକ୍ତ ସହର ଗଠନ ଦିଗରେ ଠୋସ ପଦକ୍ଷେପ ନେବାକୁ ସେ ଗୁରୁତ୍ୱାରୋପ କରିଥିଲେ । 'ୱାର୍ଡରେ ପୌର ପ୍ରଶାସନ' ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ସପ୍ତାହରେ ଅନ୍ତତଃ ଗୋଟିଏ ଦିନ ଅଧିକାରୀ ଓ କର୍ମଚାରୀମାନେ ସାଇକେଲରେ ୱାର୍ଡ ପରିଦର୍ଶନ କରି ନାଗରିକଙ୍କ ସମସ୍ୟା ଓ ଆବଶ୍ୟକତା ଅନୁଧ୍ୟାନ କରିବାକୁ ଜିଲ୍ଲାପାଳ କହିଥିଲେ । ସହରାଂଚଳର ଖାଲି ସ୍ଥାନଗୁଡ଼ିକୁ ଚିହ୍ନଟ କରି ଲ୍ୟାଣ୍ଡସ୍କେପିଂ ମାଧ୍ୟମରେ ସୌନ୍ଦର୍ଯ୍ୟୀକରଣ କରିବା ସହ ସହରର ପରିବେଶ ଓ ସୌନ୍ଦର୍ଯ୍ୟ ବୃଦ୍ଧି ଦିଗରେ ଯୋଜନାବଦ୍ଧ ପଦକ୍ଷେପ ନେବାକୁ ମଧ୍ୟ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଉତ୍ତମ ଟିକସ ଆଦାୟ ପାଇଁ ଟିକସ ସଂଗ୍ରାହକ ତୁକାରାମ ସାହୁ, ପ୍ରତାପ ବାଗ ଓ ବୃଷପର୍ବ ସିଂହ ବାବୁଙ୍କୁ ସମ୍ମାନିତ କରାଯାଇଥିଲା । ବୈଠକରେ ନୂଆପଡ଼ା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର, ଖଡ଼ିଆଳ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ ମହାରଣା, ଖରିଆର ରୋଡ୍ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାଏକଙ୍କ ସମେତ ଡୁଡାର ଅଧିକାରୀ ଓ କର୍ମଚାରୀ, ମ୍ୟୁନିସିପାଲ ଇଞ୍ଜିନିୟର ଓ ଏମ୍‌ଆଇଏସ୍ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ସେଇଠୁ ଆରମ୍ଭ
SEITHO ARAMBHA
ଶୁକ୍ରବାର, ୨୫ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ବାସୁଦେବପୁର ପୌରପାଳିକା ତରଫରୁ ସ୍ୱଚ୍ଛତା ହିଁ ସେବା, ସଚେତନତାର ନୂଆ ସଂକଳ୍ପ

ବାସୁଦେବପୁର,୨୪/୦୯ (ଆ.ପ୍ର) : ସ୍ୱଚ୍ଛ ସହର ସୁସ୍ଥ ସମାଜ ଆଉ ସ୍ୱଚ୍ଛତାକୁ ନେଇ ଜନଜନଙ୍କ ମଧ୍ୟରେ ସଚେତନତା । ଏହି ଲକ୍ଷ୍ୟରେ ବାସୁଦେବପୁର ପୌରପାଳିକା ପକ୍ଷରୁ ଆରମ୍ଭ ହୋଇଛି 'ସ୍ୱଚ୍ଛତା ହିଁ ସେବା' ଅଭିଯାନ । ମାସେ ଧରି ଚାଲିବାକୁ ଥିବା ଏହି ଅଭିଯାନରେ ବିଦ୍ୟାଳୟରୁ ଆରମ୍ଭ କରି ସମାଜର ବିଭିନ୍ନ ବର୍ଗଙ୍କୁ ସାମିଲ କରାଯାଉଛି । ସ୍ୱଚ୍ଛତା ପାଇଁ ଜୋରଦାର ଅଭିଯାନ ସଚେତନତା ପାଇଁ ନୂଆ ପ୍ରୟାସ । ଆଉ ସ୍ୱଚ୍ଛ ବାସୁଦେବପୁର ଗଠନ ପାଇଁ ଏକାଠି ହେଉଛନ୍ତି ସମସ୍ତେ ।ବାସୁଦେବପୁର ପୌରପାଳିକା ପକ୍ଷରୁ ଆରମ୍ଭ ହୋଇଛି 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ । ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଦୀର୍ଘ ଗୋଟିଏ ମାସ ଧରି ଚାଲିବ ଏହି ଅଭିଯାନ । କେବଳ ସଫେଇ ନୁହେଁ ସ୍ୱଚ୍ଛତାକୁ ନେଇ ଲୋକଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା ହେଉଛି ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ । ବିଶେଷକରି ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ବିଦ୍ୟାଳୟରେ ଆୟୋଜନ କରାଯାଉଛି ବିଭିନ୍ନ ପ୍ରତିଯୋଗିତା । ସ୍ୱଚ୍ଛତା, ପରିବେଶ ଓ ସଚେତନତାର ବାର୍ତ୍ତାକୁ ନେଇ ପିଲାମାନଙ୍କ ମଧ୍ୟରେ ଦେଖିବାକୁ ମିଳୁଛି ଉତ୍ସାହ ପ୍ରତିଯୋଗିତାରେ ଭାଗନେଇ ପିଲାମାନେ ନିଜର ପ୍ରତିଭା ପ୍ରଦର୍ଶନ କରିବା ସହ ସମାଜକୁ ଦେଉଛନ୍ତି ଏକ ବଡ଼ ବାର୍ତ୍ତା, ସ୍ୱଚ୍ଛତା ରହିଲେ ସ୍ୱାସ୍ଥ୍ୟ ରହିବ, ସ୍ୱାସ୍ଥ୍ୟ ରହିଲେ ସମାଜ ଆଗକୁ ବଢ଼ିବ । 'ଏହି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପୌରପାଳିକା ପକ୍ଷରୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯିବ । ଅଭିଯାନର ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସ୍ୱଚ୍ଛତାର ଦୂତ ଭାବେ ପ୍ରସ୍ତୁତ କରିବା ସହ ଘର, ବିଦ୍ୟାଳୟ ଓ ସମାଜରେ ସ୍ୱଚ୍ଛତାର ଅଭ୍ୟାସକୁ ଆହୁରି ମଜବୁତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ଏହି କାର୍ଯ୍ୟକ୍ରମରେ ବାସୁଦେବପୁର ପୌରପାଳିକା ଅଧ୍ୟକ୍ଷା ନିବେଦିତା ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ସାନିଟେସନ୍ ଏକ୍ସପର୍ଟ ବିଶ୍ୱରଞ୍ଜନ ଜେନା, ଜୀବନ ମଲ୍ଲିକଙ୍କ ସମେତ ସ୍ୱଚ୍ଛସାଥୀମାନେ ଉପସ୍ଥିତ ରହିଛନ୍ତି । ସ୍ୱଚ୍ଛତା କେବଳ ପୌରପାଳିକାର ଦାୟିତ୍ୱ ନୁହେଁ । ଏହା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ । ଘରୁ ଆରମ୍ଭ ହେଉ ସ୍ୱଚ୍ଛତାର ସଂକଳ୍ପ ବିଦ୍ୟାଳୟରୁ ବ୍ୟାପୁ ସଚେତନତା ଆଉ ସମସ୍ତଙ୍କ ସହଯୋଗରେ ଗଢ଼ିଉଠୁ ସ୍ୱଚ୍ଛ, ସୁନ୍ଦର ଓ ସୁସ୍ଥ ବାସୁଦେବପୁର । ସ୍ୱଚ୍ଛତା ହିଁ ସେବା', ଏହି ସ୍ଲୋଗାନ୍ ନୁହେଁ, ଏହା ହେଉ ଆମ ସମସ୍ତଙ୍କ ସଂକଳ୍ପ ।

୮ନଂ କେନାଲ ବନ୍ଧ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ

ନିଶ୍ଚିନ୍ତକୋଇଲି,୨୪/୦୯ (ଆ.ପ୍ର) : ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ନିଶ୍ଚିନ୍ତକୋଇଲି-ଦ୍ୱିହିଗୋପ ୮ନଂ କେନାଲ ବନ୍ଧ ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି । ବୁହାଳୋ ଉଳେଇ ପୋଲ ଠାରୁ ନିଶ୍ଚିନ୍ତକୋଇଲି ବଜାର ପର୍ଯ୍ୟନ୍ତ ଏହି କେନାଲ ବନ୍ଧ ରାସ୍ତାସାରା ବଡ଼ ବଡ଼ ଖାଲଖମାମାନ ସୃଷ୍ଟି ହୋଇଥିବାରୁ ଏହି ରାସ୍ତା ସମ୍ପୂର୍ଣ୍ଣ ଗମନାଗମନ ଅନୁପଯୋଗୀ ହୋଇପଡ଼ିଛି । ଏହି କେନାଲ ବନ୍ଧ ରାସ୍ତାରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ, କଟକ ସଦର ନିର୍ବାଚନ ମଣ୍ଡଳୀ ଓ ସାଲେପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବହୁ ପଂଚାୟତର ଲୋକେ ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟକୁ ଯିବା ଆସିବା କରିଥାନ୍ତି । ଏହାଛଡ଼ା ଏହି ରାସ୍ତାରେ ଦୈନନ୍ଦିନ ମହାବିଦ୍ୟାଳୟ ଓ ବିଦ୍ୟାଳୟକୁ ବହୁ ଛାତ୍ର ଛାତ୍ରୀମାନେ ମଧ୍ୟ ଯାଆସ କରିଥାନ୍ତି । ସବୁଠାରୁ ବଡ଼କଥା ହେଲା ଜରୁରୀକାଳୀନ ପରିସ୍ଥିତିରେ ଆପାତକାଳୀନ ଯାନ ଓ ଅଗ୍ନିଶମ ବାହିନୀର ଯାନ ମଧ୍ୟ ସଠିକ୍ ସମୟରେ ଦୁର୍ଘଟଣା ସ୍ଥଳରେ ପହଂଚିବାରେ ବ୍ୟାଘାତ ହୋଇଥାଏ । ରାସ୍ତା ସାରା ଖାଲଖମା ପରିପୂର୍ଣ୍ଣ ହୋଇଥିବାରୁ ଦୈନନ୍ଦିନ ଏହି ରାସ୍ତାରେ ଛୋଟବଡ଼ ଦୁର୍ଘଟଣାମାନ ଘଟୁଥିବାର ଦେଖିବାକୁ ମିଳୁଛି । ଠିକାଦାର ଦୀର୍ଘ ଦିନ ହେବ ଏହି ରାସ୍ତାକୁ ପିଚୁ ରାସ୍ତାରେ ପରିଣତ କରିବା ପାଇଁ ପୁରୁଣା ପିଚୁ ରାସ୍ତାକୁ ଖୋଳି ତାଡ଼ି ଦେଇ ଅଳ୍ପ କିଛି କ୍ରସର ଗୁଣ୍ଡ ପକାଇ କାର୍ଯ୍ୟ ବନ୍ଦ କରି ଚୁପଚାପ୍ ବସିରହିଛି। ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ୍ୟ ନୀରବଦ୍ରଷ୍ଟା ସାଜିଛି । ବର୍ଷାଦିନର ଆଳ ଦେଖାଇ ପିଚୁ କାମ ହୋଇପାରୁନାହିଁ ବୋଲି ଠିକାସଂସ୍ଥା ପକ୍ଷରୁ କୁହାଯାଉଥିବା ଶୁଣିବାକୁ ମିଳୁଛି । ଉକ୍ତ ରାସ୍ତାକୁ ପିଚୁ ରାସ୍ତାରେ ପରିଣତ କରିବା ପର୍ଯ୍ୟନ୍ତ ବର୍ତ୍ତମାନ ହୋଇଥିବା ଖାଲଖମାକୁ କ୍ରସର ଗୁଣ୍ଡ ପକାଇ ସମତୁଲ କରି ଗମନାଗମନ ଉପଯୋଗୀ କରିବାକୁ ସାଧାରଣରେ ଦାବି ହେଉଛି ।

ମାହାଙ୍ଗା ବିଧାୟକଙ୍କ ଜନ୍ମଦିନ ପାଳିତ

ନିଶ୍ଚିନ୍ତକୋଇଲି,୨୪/୦୯ (ଆ.ପ୍ର) : ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ଶାରଦାପ୍ରସାଦ ପ୍ରଧାନଙ୍କ ୪୮ତମ ଜନ୍ମ ଦିବସ ପବିତ୍ର ସୁନିଆ ତିଥିରେ ତାଙ୍କ ପୋଦ୍ଦାମରାଇ ସ୍ଥିତ ପୈତୃକ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଗତ ବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ପ୍ରଧାନ ନିଜ ଜନ୍ମଦିନକୁ ସାମାଜିକ ସେବା ସହ ଯୋଡ଼ି ରଖିବାର ଭିନ୍ନ ପ୍ରୟାସ ଜାରି ରଖିଛନ୍ତି । ଜନ୍ମଦିନରେ ଉପସ୍ଥିତ ଶତାଧିକ ମାଆମାନଙ୍କୁ ବିଧାୟକ ଶ୍ରୀଯୁକ୍ତ ପ୍ରଧାନ ନିଜ ହାତରେ ବସ୍ତ୍ର ପ୍ରଦାନ କରିବା ସହ ମାଆମାନଙ୍କ ଠାରୁ ଆଶିର୍ବାଦ ଭିକ୍ଷା କରିଥିଲେ । ପରେ ତାଙ୍କ ଜନ୍ମଦିନରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଂଚାୟତରୁ ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧି, ବିଧାୟକଙ୍କ ସମର୍ଥକ, ସରକାରୀ ଅଧିକାରୀ ଓ କର୍ମଚାରୀ, ଅବସରପ୍ରାପ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବହୁ ନିର୍ବାଚିତ ଜନପ୍ରତିନିଧି ଓ ସାଧାରଣ ଜନତା ବିଧାୟକ ଶ୍ରୀଯୁକ୍ତ ପ୍ରଧାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ଫୁଲତୋଡ଼ା, ଉତରୀୟ ଓ ବିଭିନ୍ନ ପ୍ରକାର ଉପହାର ପ୍ରଦାନ କରିଥିଲେ । ବିଧାୟକ ଶ୍ରୀଯୁକ୍ତ ପ୍ରଧାନ ସାଧାରଣ ଜନତାଙ୍କ ସହ ମିଶି ନିଜ ଜନ୍ମଦିନକୁ ପାଳନ କରିଥିଲେ ।

ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ନୂତନକୋର୍ଟ ଗୃହର ଭିତି ପ୍ରସ୍ତର ସ୍ଥାପନ

ନିମାପଡା,୨୪/୦୯ (ଆ.ପ୍ର) : ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ନିମାପଡା କୋର୍ଟର ନୂତନ ଗୃହର ଭିତି ପ୍ରସ୍ତର ସ୍ଥାପନ ହୋଇଯାଇଛି । ଆଜି ପୁରୀ ଜିଲ୍ଲା ନିମାପଡା ବ୍ଲକ ସାଇଲୋ ନଡଣା ଠାରେ ୨୦ କୋଟି ଟଙ୍କା ବ୍ୟୟରେ ୬ ଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ ହୋଇଯାଇଛି । ଏଗୁଡିକ ମଧ୍ୟରେ କନଷ୍ଟ୍ରକସନ ଟ୍ରାଜି ଟ ହାଉସ, ବାର ଆସୋସିଏସନ, ହଲ ଓ କ୍ୟାଂଟିନ ବିଲଡିଂ, ୧ ନମ୍ବର ଅଫ ବି ଟାଇପ କ୍ୱାଟର ଫର ଅଡିସ ନାଲ ଡିଷ୍ଟ୍ରିଟ ଜଜ, ୧୪ ନମ୍ବର ଅଫ ଇ ଟାଇପ ଷ୍ଟାପ କ୍ୱାଟର, ୨ ବ୍ଲକ ଫର କୋର୍ଟ ବିଲଡିଂ, ୬ ନମ୍ବର ଅଫ ଟାଇପ ଷ୍ଟାପ କ୍ୱାଟର, ଫର କୋର୍ଟ ବିଲଡିଂ, ୪ ନମ୍ବର ଅଫ ସି ଟାଇପ କ୍ୱାଟର ଫର ଜୁଡ଼ିସିଆଲ ଅଫିସ ସ ନିମାପଡା । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜଜ ସୁରେଶ ଚନ୍ଦ୍ର ପ୍ରଧାନ ରେଜିଷ୍ଟାର ସିଭିଲ କୋର୍ଟ ପୁରୀ, ଶୋଭେନ କାନୁନଗୋ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଜୁଡ଼ିସିଆଲ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ହର୍ଷିତା ମିଶ୍ର, ସିଭିଲ ଜଜ ସିନିଅର ଡିଭିଜନ ନିମାପଡା ନିଶା ସାମଲ, ସିଭିଲ ଜଜ ଜୁନିଅର ପ୍ରତ୍ୟୁଷ ମିଶ୍ର ନିମାପଡା ବାର ଆସୋସିଏସନ ସଭାପତି ଅଭିମନ୍ୟୁ ସ୍ୱାଇଁ, ଉପ ସଭାପତି ଦୁର୍ଯ୍ୟୋଧନ ବାରିକ, ସମ୍ପାଦକ ପୁଷ୍ପଜିତ ପରିଡା, ନିମାପଡା ଜୁଡ଼ିସିଆଲ ବାର ଆସୋସିଏସନ ସଭାପତି ବାମନ ଚରଣ ନାୟକ ସମ୍ପାଦକ ପ୍ରଶାନ୍ତ କୁମାର ରାଉତରାୟ ବରିଷ୍ଠ ଆଇନଜୀବୀ ସୁଧୀର କୁମାର ମହାନ୍ତି ଆଇନଜୀବୀ ରଣଜିତ ସାହୁ ଆଇନଜୀବ ପ୍ରଭାତ କୁମାର ବେହେରା, ଆଇନଜୀବୀ ମହେନ୍ଦ୍ର କୁମାର ସାହୁ ଆଇନଜୀବୀ ଗୋପୀନାଥ କର ଆଇନଜୀବୀ ବ୍ରହ୍ମା ନନ୍ଦ ପ୍ରଧାନ ଆଇନଜୀବୀ ବାଦଲ ରଥ ଆଇନଜୀବୀ ପ୍ରତାପ ମହାନ୍ତି ଆଇନଜୀବୀ ଗୌରାଙ୍ଗ ଚରଣ ସାହୁ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ କୁଣାଳ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ ।

ବାତ୍ୟାକୁ ଆଖିଆଗରେ ରଖି କୁଆଁରିଆ ଡ୍ୟାମରୁ ଜଳ ନିଷ୍କାସନ

ଦଶପଲ୍ଲା, ୨୪/୦୯ (ଆ.ପ୍ର) : ଲଗାତାର ଦୁଇ ଦିନ ଧରି ଲାଗି ରହିଥିବା ପ୍ରବଳ ବର୍ଷା ଓ ସମ୍ଭାବ୍ୟ ବାତ୍ୟା ପ୍ରଭାବକୁ ଦୃଷ୍ଟିରେ ରଖି କୁଆଁରିଆ ଜଳଭଣ୍ଡାରରୁ ବଳକା ଜଳ ନିଷ୍କାସନ ଆରମ୍ଭ ହୋଇଛି । ଦଶପଲ୍ଲା ତଥା ଡ୍ୟାମ୍‌ର ଉପରମୁଣ୍ଡ ଏବଂ ଆଖପାଖ ଅଂଚଳରେ ଲଗାଣ ବର୍ଷା ଯୋଗୁଁ ଜଳଭଣ୍ଡାରରେ ଜଳପତନ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଥିଲା । ଏହାକୁ ଦୃଷ୍ଟିରେ ରଖି ଜଳସେଚନ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ଡ୍ୟାମ୍‌ର ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନ କରାଯାଉଛି । ଜଳ ନିଷ୍କାସନ ଯୋଗୁଁ ତଳମୁଣ୍ଡରେ ଜଳସ୍ତର ବଢ଼ିବାର ସମ୍ଭାବନା ଥିବାରୁ ପ୍ରଶାସନ ଓ ଜଳସେଚନ ବିଭାଗ ପକ୍ଷରୁ ନଦୀକୂଳିଆ ତଥା ଡ୍ୟାମ୍ ନିକଟବର୍ତ୍ତୀ ଗ୍ରାମବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ନଦୀ ନାଳକୁ ନ ଯିବା ଏବଂ ସତର୍କତା ଅବଲମ୍ବନ କରିବା ଲାଗି ସଚେତନ କରାଯାଉଛି ।

ପ୍ରବଳ ବର୍ଷା ପରିସ୍ଥିତି : ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର

ନବରଙ୍ଗପୁର,୨୪/୦୯ (ଆ.ପ୍ର) : ମଧ୍ୟମରୁ ପ୍ରବଳ ବର୍ଷା, ବଜ୍ରପାତ ଏବଂ ଘଂଟା ପ୍ରତି ୪୦ – ୫୦ କି.ମି. ବେଗରେ ପବନ ବହିବାର ସତର୍କ ସୂଚନା ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାବ୍ୟାପୀ ଉଦ୍ଧାର, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ଘର କ୍ଷତି, ଗଛ ପଡ଼ିବା ଏବଂ ଜଳାବଦ୍ଧତା ଘଟଣାରେ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିଛି । ପ୍ରଭାବିତ ପରିବାରମାନଙ୍କୁ ପଲିଥିନ୍ ସିଟ୍, ଶୁଖିଲା ଖାଦ୍ୟ ଓ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଛି । ଆବଶ୍ୟକତା ଅନୁଯାୟୀ ପରିବାରମାନଙ୍କୁ ସୁରକ୍ଷିତ ସ୍ଥାନ ଓ ଆଶ୍ରୟଗୃହକୁ ସ୍ଥାନାନ୍ତର କରାଯାଇଛି । ନନ୍ଦାହାଣ୍ଡି ବ୍ଲକ ସୋରୁଗୁଡ଼ା ଗ୍ରାମରେ ପାଚେରୀ ଭୁଶୁଡ଼ି ଜଣେ ମହିଳା ଆହତ ହୋଇଥିବାବେଳେ ତାଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଉଦ୍ଧାର କରି ଚିକିତ୍ସା ସୁବିଧା ଯୋଗାଇବା ସହ ରେଡକ୍ରସ୍ ପାଣ୍ଠିରୁ ୫,୦୦୦/- ସହାୟତା ପ୍ରଦାନ କରାଯାଇଛି । ଦହଣା, ବାଙ୍ଗଭିନାଲ ଏବଂ ଅଭକିଗୁମା ବ୍ରିଜ୍ ନିକଟରେ ଜଳସ୍ତର ବୃଦ୍ଧି ଯୋଗୁଁ ପୋଲିସ୍ ଏବଂ ଅଗ୍ନିଶମ କର୍ମଚାରୀ ମୁତୟନ କରାଯାଇଛି ଏବଂ ଯାନବାହନ ଚଳାଚଳ ଉପରେ ଆବଶ୍ୟକ ନିୟନ୍ତ୍ରଣ ଲାଗୁ କରାଯାଇଛି । ବିଭିନ୍ନ ସ୍ଥାନରେ ପଡ଼ିଥିବା ଗଛଗୁଡ଼ିକୁ ଅଗ୍ନିଶମ ବାହିନୀ, ରାଜସ୍ୱ ବିଭାଗ ଏବଂ ସ୍ଥାନୀୟ ଲୋକଙ୍କ ସହଯୋଗରେ ହଟାଯାଇଛି । ଜଳବନ୍ଦୀ ଅଂଚଳରେ ନିଷ୍କାସନ କାର୍ଯ୍ୟ ଜାରି ରହିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ବନ୍ୟାପ୍ରବଣ ରାସ୍ତା ଓ ବ୍ରିଜ୍ ଅତିକ୍ରମ ନ କରିବା, ନଦୀଘାଟରେ ଡଙ୍ଗା ଚଳାଚଳରୁ ବିରତ ରହିବା ଏବଂ ପ୍ରଶାସନର ପରାମର୍ଶ ପାଳନ କରିବାକୁ ଅନୁରୋଧ କରାଯାଇଛି ।

ଗମନାଗମନ ଅନୁପଯୋଗୀ ହୋଇପଡ଼ିଛି ଗୁଡ଼ିଆ ସାହି ରାସ୍ତା

ନିଶ୍ଚିନ୍ତକୋଇଲି,୨୪/୦୯ (ଆ.ପ୍ର) : ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧିନ ସରପଡ଼ା ପଂଚାୟତ ୧୦ନଂ ୱାର୍ଡ଼ ଗୁଡ଼ିଆ ସାହି ରାସ୍ତା ସମ୍ପୂର୍ଣ୍ଣ ଗମନାଗମନ ଅନୁପଯୋଗୀ ହୋଇପଡ଼ିଛି । ସରକାରୀ ଅନୁଦାନରେ ପୂର୍ବରୁ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରୁ କିଛି କିଛି ଅଂଶ ଢଳେଇ ରାସ୍ତାରେ ପରିଣତ କରାଯାଇଥିଲା ବେଳେ ରାସ୍ତାର ମଝି ଅଂଶ ଢଳେଇ କରାଯାଇନଥିବାରୁ ଏବେ ସେଠାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି । ଏଥି ପୂର୍ବରୁ ସ୍ଥାନୀୟ ବାସିନ୍ଦା ରମେଶ ଚନ୍ଦ୍ର ସାହୁ ନିଜ ଅର୍ଥରେ କ୍ରସର ଗୁଣ୍ଡ ଆଣି ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ରାସ୍ତାରେ ଖେଳାଇ ଥିଲେ । ଫଳରେ ଉକ୍ତ ରାସ୍ତାରେ ଯାଆସ କରି ହେଉଥିଲା । ଏବେ ବର୍ଷା ଦିନରେ ଏହି ରାସ୍ତାରେ ପାଣି ଜମି ରହିଛି । ଫଳରେ ଗୁଡ଼ିଆ ସାହିରେ ବସବାସ କରୁଥିବା ୧୦ଗୋଟି ପରିବାରର ଲୋକମାନେ ଯିବାଆସିବାରେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି । ଏପରିକି ଛୋଟ ଛୋଟ ପିଲାମାନେ ମଧ୍ୟ ବିଦ୍ୟାଳୟ, ଘରୋଇ ପ୍ରଶିକ୍ଷଣ କେନ୍ଦ୍ରକୁ ଶିକ୍ଷା ଗ୍ରହଣ କରିବାକୁ ଏହି ପାଣି ଭିତରେ ଯାଆସ କରୁଥିବା ଦେଖିବାକୁ ମିଳୁଛି । ତୁରନ୍ତ ଉକ୍ତ ଗୁଡ଼ିଆ ସାହି ରାସ୍ତାକୁ ଢଳେଇ ରାସ୍ତାରେ ପରିଣତ କରି ଗମନାଗମନ ଉପଯୋଗୀ କରିବା ପାଇଁ ସ୍ଥାନୀୟ ବାସିନ୍ଦା ରମେଶ ଚନ୍ଦ୍ର ସାହୁ, ଭଗବାନ ସାହୁ, ଭାଗ୍ୟଧର ସାହୁ, ଉମେଶ ଚନ୍ଦ୍ର ସାହୁ, ମହେନ୍ଦ୍ର ସାହୁ, ଅଶୋକ ପୃଷ୍ଟି ପ୍ରମୁଖ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟରେ ଦାବି ରଖିଛନ୍ତି ।

ଗଞ୍ଜେଇ ଜବତ, ଜଣେ ଗିରଫ

ଭଦ୍ରକ, ୨୪/୦୯ (ଆ.ପ୍ର) : ଭଦ୍ରକ ଅବକାରୀ ଅଧିକ୍ଷକ ନରୋତମ ମିଶ୍ରଙ୍କ ନିର୍ଦ୍ଦେଶ ଏବଂ ଅବକାରୀ ଉପ-ଅଧିକ୍ଷକ ସୁଚରିତା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭଦ୍ରକ ଅବକାରୀ ନିରୀକ୍ଷକ ମମତା କୁମାରୀ ଦାସଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଭଦ୍ରକ ଗ୍ରାମାଂଚଳ ଥାନା ରାଣୀତାଲ ଛକ ନିକଟରେ ଚଢ଼ାଉ କରାଯାଇ ୨କେଜି ୬୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରାଯାଇଛି । ଏହି ମାମଲାରେ ଅବକାରୀ ପୋଲିସ ଭଦ୍ରକ ଗ୍ରାମାଂଚଳ ଥାନା ବୁଢଙ୍ଗପୁର ଗ୍ରାମର ରବୀନ୍ଦ୍ର ସାହୁଙ୍କୁ ଗିରଫ କରାଯାଇଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୬ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି । ଏହି ଚଢ଼ାଉରେ ଭଦ୍ରକ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ମୁର୍ମୁ, ଏଏସ୍ଆଇ କ୍ଷୀରୋଦ ପାତ୍ର, କନେଷ୍ଟବଳ ଅଜିତ କୁମାର ସିଙ୍କୁ, ରୁଦ୍ରନାରାୟଣ ଦାସ, ସୁଦର୍ଶନ ପଲେଇ, କେମାମଣୀ ଜାମୁଦା ପ୍ରମୁଖ ସାମିଲ ଥିଲେ । ଏନେଇ ଭଦ୍ରକ ଅବକାରୀ ଥାନା ପକ୍ଷରୁ କେସ ନଂ: ୧୭୮/୨୬-୨୭ ରେ ଏକ ଅବକାରୀ ମାମଲା ରୁଜୁ କରାଯାଇଛି ।

ସ୍ଥାଣୁ ପାଲଟିଛି ଗୁଣପୁର ତହସିଲ କାର୍ଯ୍ୟାଳୟ

ଗୁଣପୁର, ୨୪/୦୯ (ଆ.ପ୍ର) : ଏକଦା ପଟ୍ଟା ବଂଟନ ଓ ଜଙ୍ଗଲ ଜମିର କାଗଜପତ୍ର ପ୍ରସ୍ତୁତି କ୍ଷେତ୍ରରେ ପ୍ରଶଂସିତ ହୋଇଥିବା ଗୁଣପୁର ତହସିଲ କାର୍ଯ୍ୟାଳୟ ବର୍ତ୍ତମାନ ନିଷ୍କ୍ରିୟ ହୋଇପଡ଼ିଥିବା ଅଭିଯୋଗ ହୋଇଛି । ସାଧାରଣ ଲୋକଙ୍କ ବିଭିନ୍ନ ଜମିଜମା ଓ ପ୍ରମାଣପତ୍ର ସମ୍ପର୍କିତ କାର୍ଯ୍ୟ ସମୟୋଚିତ ଭାବେ ହୋଇପାରୁନଥିବାରୁ ଲୋକେ ହଇରାଣ ହେଉଥିବା କୁହାଯାଉଛି । ଜମି ଚିହ୍ନଟ, ଉତରାଧିକାରୀ ପ୍ରମାଣପତ୍ର, ବାସସ୍ଥାନ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର ଓ ଜାତି ପ୍ରମାଣପତ୍ର ଭଳି ଜନସାଧାରଣଙ୍କ ଆବଶ୍ୟକୀୟ ସେବାରେ ଅନାବଶ୍ୟକ ବିଳମ୍ବ ହେଉଥିବା ଅଭିଯୋଗ ରହିଛି । କେତେକ କ୍ଷେତ୍ରରେ ଆବେଦନ ମଧ୍ୟ ଖାରଜ କରାଯାଉଥିବା ଅଭିଯୋଗ ହୋଇଛି । ସୂଚନା ଅଧିକାର ଆଇନ ଓ ନାଗରିକ ସନନ୍ଦର କାର୍ଯ୍ୟକାରିତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଅନଲାଇନ୍ ସୂଚନା ଅଧିକାର ସମ୍ପର୍କିତ କାର୍ଯ୍ୟ ବିଷୟରେ କେତେକ କର୍ମଚାରୀ 'ଆମେ ଏହି କାମ ଜାଣିନାହୁଁ' ବୋଲି କହୁଥିବା ଅଭିଯୋଗ କରି ସୂଚନା ଅଧିକାର କର୍ମୀ ଆଶୁତୋଷ ବରାଳ ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି । ସେହିପରି ରେଳବାଇ ଜମି ଓ ଡାକ ବିଭାଗର ଜମି ଜବରଦଖଲ ଅଭିଯୋଗ ଉପରେ ମଧ୍ୟ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ବିଭିନ୍ନ ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାଖଲ ହୋଇଥିଲେ ମଧ୍ୟ ତାହାର ନିରାକରଣ ପାଇଁ ଦୀର୍ଘଦିନ ଧରି ତହସିଲ କାର୍ଯ୍ୟାଳୟରେ ଅଟକି ରହିଥିବା ନେଇ ଏବିଭିପିର ନଗର ସମ୍ପାଦକ ଅଭିଯୋଗ କରିଛନ୍ତି । ଓଡ଼ିଶା ଜମି ଅବୈଧ ଦଖଲ ଓ ନିବାରଣ ଆଇନ, ୧୯୭୨ ଅନୁଯାୟୀ ଗୁଣପୁର ତହସିଲରେ ଅନେକ ମାମଲା ରୁଜୁ ହୋଇଥିଲେ ମଧ୍ୟ ସେଗୁଡ଼ିକର ତ୍ୱରିତ ନିଷ୍ପତି ନ ହୋଇ କେବଳ ପତ୍ରାଳାପ ମଧ୍ୟରେ କାର୍ଯ୍ୟ ସୀମିତ ରହୁଥିବା ଅଭିଯୋଗ ରହିଛି । ଦେବୋତର ସମ୍ପତି ସମ୍ପର୍କିତ କାର୍ଯ୍ୟରେ ମଧ୍ୟ ଆବଶ୍ୟକ ତତ୍ପରତା ଦେଖାଯାଉନଥିବା ଅଭିଯୋଗ କରିଛି ଆଦିତ୍ୟ ବାହିନୀ, ଗୁଣପୁର । ଦେବୋତର ସମ୍ପତି ସମ୍ପର୍କିତ କାର୍ଯ୍ୟରେ ଅବହେଳା ଯୋଗୁଁ ବିଭିନ୍ନ ମନ୍ଦିରରେ ସମସ୍ୟା ଦେଖାଦେଉଥିବା ସଂଗଠନ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ ଗ୍ରାମକଣ୍ଠ ପରମ୍ପରାରେ ନାମ ନମୋଦ, ଜମି ହସ୍ତାନ୍ତରଣ, ତହସିଲ ତଥ୍ୟ ନବୀକରଣ, ଜମିର ନକ୍ସା ପ୍ରଦାନ ଭଳି ବିଭିନ୍ନ କାର୍ଯ୍ୟରେ ମଧ୍ୟ ଆବଶ୍ୟକ ତତ୍ପରତା ନଥିବା ଅଭିଯୋଗ ହୋଇଛି । ତହସିଲ କାର୍ଯ୍ୟାଳୟର ଶିଥିଳ କାର୍ଯ୍ୟପ୍ରଣାଳୀରେ ତୁରନ୍ତ ହସ୍ତକ୍ଷେପ କରି ସାଧାରଣ ଲୋକଙ୍କୁ ସରକାରୀ ସେବା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଯୋଗାଇଦେବାକୁ ଦାବି ହୋଇଛି । ସିଟିଜେନ୍ ଚାର୍ଟର ଓ ସୂଚନା ଅଧିକାର ଆଇନର ସଠିକ୍ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ସହ ତହସିଲ କାର୍ଯ୍ୟାଳୟରେ ତୁରନ୍ତ ସୁଧାର ଆଣିବାକୁ ଜିଲ୍ଲାପାଳ ଓ ରାଜସ୍ୱ କମିଶନରଙ୍କ ହସ୍ତକ୍ଷେପ ଦାବି କରିଛନ୍ତି ଗୁଣପୁର ଉନ୍ନୟନ ଯୁବ ସଂଗଠନର ସଦସ୍ୟମାନେ ।

ଜିଲ୍ଲାସ୍ତରୀୟ 'ଶିଶୁମାନଙ୍କ ପାଇଁ ଏକ ଦିନ ଟିଏ' ଓ ଟାସ୍କ ଫୋର୍ସ କମିଟି ବୈଠକ

ନବରଙ୍ଗପୁର,୨୪/୦୯ (ଆ.ପ୍ର) : ଶିଶୁ ବିବାହ ଓ ଶିଶୁ ଶ୍ରମ ନିରୋଧ ସହିତ ଶିଶୁମାନଙ୍କ ସୁରକ୍ଷା, ଅଧିକାର ଓ କଲ୍ୟାଣ ତଥା କିଶୋର-କିଶୋରୀଙ୍କ ସୁରକ୍ଷା ଓ ସଶକ୍ତିକରଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ 'ଶିଶୁମାନଙ୍କ ପାଇଁ ଏକ ଦିନ ଟିଏ' କାର୍ଯ୍ୟକ୍ରମ ଓ ଟାସ୍କ ଫୋର୍ସ କମିଟି ବୈଠକ ଆଜି ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଶୋକ ମେହେଟା କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମାଜ ମଙ୍ଗଳ ବିଭାଗର ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଫୁଲ୍ଲ କୁମାର ପାଢ଼ୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁଶ୍ରୀ ମିଶ୍ରଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ଶିକ୍ଷା ବିଭାଗର ପ୍ରତିନିଧି, ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷ ଓ ସଦସ୍ୟବୃନ୍ଦ ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ । ବୈଠକରେ ଜିଲ୍ଲାରେ ଶିଶୁ ବିବାହ ନିରୋଧ, ଶିଶୁ ଶ୍ରମିକଙ୍କ ଚିହ୍ନଟ ଓ ନିରାକରଣ, ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ କିଶୋର-କିଶୋରୀଙ୍କ ଅଧିକାର ଓ ସଶକ୍ତିକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଶିଶୁ ବିବାହ ରୋକିବା ଦିଗରେ ବିଭିନ୍ନ ବିଭାଗ ଓ ସମ୍ପୃକ୍ତ ସଂସ୍ଥା ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା, ସମ୍ଭାବ୍ୟ ଶିଶୁ ବିବାହ ଘଟଣାର ପୂର୍ବ ଚିହ୍ନଟ, ତ୍ୱରିତ ହସ୍ତକ୍ଷେପ, ସୂଚନାର ତ୍ୱରିତ ଆଦାନ-ପ୍ରଦାନ ଏବଂ ଆବଶ୍ୟକ ସ୍ଥଳେ ପ୍ରଚଳିତ ଆଇନ ଅନୁଯାୟୀ ଆଇନଗତ ପଦକ୍ଷେପ ଗ୍ରହଣ ଉପରେ ବୈଠକରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ସେହିପରି, ଶିଶୁ ଶ୍ରମ ନିରୋଧ ପାଇଁ ନିୟମିତ ଯାଂଚ ଓ ନିରୀକ୍ଷଣ, ଶିଶୁ ଶ୍ରମିକଙ୍କ ଚିହ୍ନଟ, ଉଦ୍ଧାର ଓ ପୁନର୍ବାସନ ସହିତ ସେମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ଦିଗରେ ସମନ୍ୱିତ ପଦକ୍ଷେପ ଗ୍ରହଣ ଉପରେ ମଧ୍ୟ ଆଲୋଚନା ହୋଇଥିଲା । କିଶୋର-କିଶୋରୀଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା ଓ ଅଧିକାର ସମ୍ପର୍କରେ ସଚେତନତା ବୃଦ୍ଧି କରିବା ସହିତ ସେମାନଙ୍କୁ ସଶକ୍ତ ଓ ଆତ୍ମନିର୍ଭର କରିବା ପାଇଁ ବିଭାଗୀୟ ସମନ୍ୱୟରେ ବିଭିନ୍ନ ସଚେତନତାମୂଳକ ଓ ସହାୟତାମୂଳକ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ରୋପ କରାଯାଇଥିଲା । ବୈଠକରେ ଶିଶୁ ସୁରକ୍ଷା ସମ୍ପର୍କିତ ଅଭିଯୋଗ ଓ ସୂଚନା ମିଳିବା ମାତ୍ରେ ତ୍ୱରିତ ପଦକ୍ଷେପ ଗ୍ରହଣ, ଶିଶୁମାନଙ୍କ ପାଇଁ ଏକ ସୁରକ୍ଷିତ ଓ ଶିଶୁ-ଅନୁକୂଳ ପରିବେଶ ସୃଷ୍ଟି ଏବଂ ଶିଶୁ ଅଧିକାରର ସୁରକ୍ଷା ପାଇଁ ତୃଣମୂଳ ସ୍ତରରେ ସଚେତନତା ଓ ନିରୀକ୍ଷଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା । ଶିଶୁ ବିବାହ ଓ ଶିଶୁ ଶ୍ରମ ଭଳି ସାମାଜିକ ସମସ୍ୟାର ନିରାକରଣ ସହିତ ଶିଶୁମାନଙ୍କ ଅଧିକାର, ସୁରକ୍ଷା ଓ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ସମସ୍ତ ସମ୍ପୃକ୍ତ ବିଭାଗ, ସ୍ଥାନୀୟ ପ୍ରଶାସନ, ଶିକ୍ଷାନୁଷ୍ଠାନ, ଶିଶୁ ସୁରକ୍ଷା ବ୍ୟବସ୍ଥା ଏବଂ ସମାଜର ସମସ୍ତ ବର୍ଗଙ୍କ ସମନ୍ୱିତ ପ୍ରୟାସ ଆବଶ୍ୟକ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା ।

୨୨ ଦିନ ଧାରଣାରେ ଏମ୍ଆଇଏସ୍ଓ ପ୍ଲାନିଙ୍ଗ ସଂଯୋଜକ

ଜଗତସିଂହପୁର, ୨୪/୦୯ (ଆ.ପ୍ର) : ଜିଲ୍ଲାର ଆଠଟି ଯାକ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଏମ୍ଆଇଏସ୍ଓ ପ୍ଲାନିଙ୍ଗ ସଂଯୋଜକଙ୍କ ଅନିର୍ଦ୍ଦିଷ୍ଟ କାଳ ଧର୍ମଘଟ ପାଇଁ ୨୨ ଦିନ ହେବ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କାର୍ଯ୍ୟ ଠପ୍ ହୋଇଯାଇଛି । ଗତ ଦୁଇ ତାରିଖ ଠାରୁ ଆରମ୍ଭ ହୋଇଥିବା ଧର୍ମଘଟ କେବେ ପ୍ରତ୍ୟାହାର ହେବ କହିବା ଅସମ୍ଭବ ପରି ଲାଗୁଛି । ବ୍ଲକରେ ସର୍ବଶିକ୍ଷା ଅଭିଯାନ ଯୋଜନାଗୁଡିକ ପୂରା ଠପ୍ ହୋଇଯାଇଛି । କାରଣ ଏମ୍ଆଇଏସ୍ଓ ପ୍ଲାନିଙ୍ଗ ସଂଯୋଜକଙ୍କ ଦ୍ୱାରା ୟୁଡାଇସ ପ୍ଲସ, ଆପାର, ଚାଇଲଡ ଟ୍ରାକିଙ୍ଗ ସିଷ୍ଟମ(ସିଟିଏସ), ଆରଟିଇ ପାରଦର୍ଶୀ ପୋର୍ଟାଲ, ପ୍ରବନ୍ଧ ପୋର୍ଟାଲ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପୋର୍ଟାଲ, ଏଚଆରଏମଏସ ପୋର୍ଟାଲ, ଡ୍ରପ ବକ୍ସ, ଆଧାର, ଆଉଟ ଅଫ ସ୍କୁଲ ପୋର୍ଟାଲ କାର୍ଯ୍ୟକ୍ରମ ଗୁଡିକୁ ନିର୍ଭର କରିଥାଏ । ତେଣୁ କାର୍ଯ୍ୟାଳୟରେ ଅନ୍ୟ କର୍ମଚାରୀମାନେ ସେମାନଙ୍କ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଏଓପିଟିଏର ବାଲିକୁଦା ବ୍ଲକ ସଭାପତି ଜ୍ଞାନରଞ୍ଜନ ସ୍ୱାଇଁ ଓ ସମ୍ପାଦକ ଦିଲ୍ଲୀପ ମଲ୍ଲିକ ସେମାନଙ୍କ ଦାବିଗୁଡ଼ିକୁ ତୁରନ୍ତ ପୂରଣ ପାଇଁ ସରକାର ବିଚାର କରିବାକୁ ଅନୁରୋଧ କରିଛନ୍ତି । ଏଓପିଟିଏ ଜିଲ୍ଲାର ସଭାପତି ଅଶୋକ କୁମାର ଖଣ୍ଡୁଆ କୁହନ୍ତି ଜିଲ୍ଲାରେ ଥିବା ଅନ୍ୟ ଶିକ୍ଷକ ସଂଘ ସହିତ ଆଲୋଚନା ଚାଲିଛି ଆବଶ୍ୟକତା ପଡିଲେ ଏମ୍ଆଇଏସ୍ଓ ପ୍ଲାନିଙ୍ଗ ସଂଯୋଜକଙ୍କ ସପକ୍ଷରେ ଜିଲ୍ଲା ଶିକ୍ଷକ ସଂଘ ରାଜରାସ୍ତାକୁ ଓହ୍ଲାଇବେ । ଆନ୍ଦୋଳନ ବିଷୟରେ ବିଭିନ୍ନ ବ୍ଲକ ଶିକ୍ଷା ଅଧିକାରୀଙ୍କ ମତାମତ ନେବାରୁ କୁହନ୍ତି ଏମ୍ଆଇଏସ୍ ଓ ପ୍ଲାନିଙ୍ଗ ସଂଯୋଜକଙ୍କ ଧର୍ମଘଟ ଯୋଗୁଁ କାର୍ଯ୍ୟାଳୟରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଜିଲ୍ଲାର ବିଭିନ୍ନ ବ୍ଲକ ସଂଗଠନର ସଭାପତି, ସମ୍ପାଦକ ସହିତ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ବୃନ୍ଦ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିବା ବିଷୟ ରଘୁନାଥପୁର ବ୍ଲକ ଏନ୍‌ପିଏସ୍ ସଂଘ ସମ୍ପାଦକ କୁଶ ମଲ୍ଲୀକ ସୂଚନା ଦେଉଛନ୍ତି । ଶିକ୍ଷା ଅଧିକାର ସମସ୍ତ ଅସୁବିଧା ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ବିଷୟ କହିଥିଲେ । ଅନ୍ୟ ପକ୍ଷରେ ଆଶ୍ରମପାଟଣାର ସମାଜସେବୀ ଅଲେଖ ରଣା ଓସେପା ଅଧିକାରୀଙ୍କ ନୋ ୱାର୍କ ନୋ ପେ ନିତି ଲାଗୁ କରିବା ଧମକକୁ ନିନ୍ଦା କରିବା ସଙ୍ଗେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି । ଯଦି ସମସ୍ୟା ଶିଘ୍ର ସମାଧାନ କରା ନଯାଏ ତେବେ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହେବ ବୋଲି ଶ୍ରୀ ରଣା ମତପ୍ରକାଶ କରିଛନ୍ତି ।

ରୋଇଂରେ ସତନାମ୍-ସଲମାନଙ୍କୁ କାଂସ୍ୟ

ନୂଆଦିଲ୍ଲୀ, ୨୪/୯(ନ୍ୟୁ.ଏ): ଏସିଆନ୍ ଗେମ୍ସ ୨୦୨୬ରେ ପୁରୁଷ ଡବଲ୍ ସ୍କଲ୍ ରୋଇଂ ଇଭେଂଟରେ ଭାରତର ଇତିହାସ । ସତନାମ ସିଂହ ଓ ସଲମାନ ଖାନଙ୍କ ଯୋଡ଼ି କାଂସ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି । ଏହି ଭାରତୀୟ ଯୋଡ଼ି ଫାଇନାଲରେ ୬:୧୩.୨୫ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ଇଭେଂଟରେ ଭାରତର ଏହା ପ୍ରଥମ ଏସୀୟ କ୍ରୀଡା ପଦକ । ସଲମାନଙ୍କ ସଂଘର୍ଷ ଏବଂ ସତନାମଙ୍କ ପ୍ରତିଭା ବଳରେ ଭାରତକୁ ଏହି ଉପଲବ୍ଧି ମିଳିଛି । ଉତର ପ୍ରଦେଶର ଅମେଠି ଜିଲ୍ଲାରେ ସଲମାନ ଖାନଙ୍କ ଜନ୍ମ । ଚାରି ଭାଇ ଏବଂ ୨ ଭଉଣୀଙ୍କ ଠାରୁ ସେ ସବୁଠୁ ବଡ଼ । ତାଙ୍କ ପିତା ମହମ୍ମଦ କାସିମ ଖାନ ହରିୟାଣାର ଡାବଡୁରେ ଟ୍ରକ୍ ବଡି ନିର୍ମାତା ଭାବରେ କାମ କରୁଥିଲେ । ସେଠାରେ ସଲମାନ ମଧ୍ୟ ତାଙ୍କର ସ୍କୁଲ ଶିକ୍ଷା ସମାପ୍ତ କରିଥିଲେ । ୧୮ ବର୍ଷର ହେଲା ବେଳକୁ ସଲମାନଙ୍କ ପିତାଙ୍କ ଦେହାନ୍ତ ହୋଇଥିଲା । ତାଙ୍କ କାନ୍ଧରେ ପରିବାରର ଦାୟିତ୍ୱ ପଡିଥିଲା । ଛୋଟ ଭାଇ ଭଉଣୀଙ୍କ ମୁହଁରେ ଦାନା ଗଣ୍ଡେ ଦେବାକୁ ସେ ରୋଜଗାର କରିବା ଆରମ୍ଭ କରିଥିଲେ । ସେ ଦିଲ୍ଲୀ ଆସିଯାଇଥିଲେ । ପରିବାର ଚଳାଇବାକୁ ସଲମାନ ଉବେର ଟ୍ୟାକ୍ସି ଚଳାଉଥିଲେ । ଏହି ସମୟରେ ତାଙ୍କର ଜଣେ ବନ୍ଧୁ ତାଙ୍କୁ ସେନାରେ ଭର୍ତି ହେବାକୁ ପରାମର୍ଶ ଦେଇଥିଲେ । ଏହାପରେ ସଲମାନ ୪ ମାସର ପ୍ରସ୍ତୁତି କରିଥିଲେ । ସେ ସବୁ ଟେଷ୍ଟ କ୍ଲିଅର କରି ୨୦୧୮ ସେପ୍ଟେମ୍ବର ୨୫ରେ ପୁଣେର ବମ୍ବେ ଇଞ୍ଜିନିୟର ଗ୍ରୁପରେ ଯୋଗ ଦେଇଥିଲେ । ସେନାରେ ଭର୍ତି ହେବା ପରେ ସଲମାନଙ୍କ ରୋଇଂରେ ରୁଚି ଆସିଥିଲା । କୋଚ ସତ୍ୟବାନ, ସତୀଶ ସିରାଟ ଏବଂ ପ୍ରଭାତ ମିଶ୍ର ତାଙ୍କର ଶାରୀରିକ କ୍ଷମତା ଦେଖି ତାଙ୍କୁ ନୌଚାଳନା କରିବାକୁ ଉତ୍ସାହିତ କରିଥିଲେ । ପ୍ରଥମେ ସଲମାନ ଏହି ଖେଳ ପ୍ରତି ବହୁତ ଉତ୍ସାହୀ ନଥିଲେ । ସେ କେବେବି ନୌଚାଳନାକୁ ଏକ କ୍ୟାରିୟର ବୋଲି ଭାବି ନଥିଲେ । କିନ୍ତୁ ପ୍ରଶିକ୍ଷକମାନେ ତାଙ୍କୁ ପ୍ରେରଣା ଦେଇ ଚାଲିଲେ, ଏବଂ ଶେଷରେ ରୋଇଂରେ କମାଲ କରିଦେଲେ । ସେହିପରି ସତନାମଙ୍କ ପାଇଁ ଏସିଆନ ଗେମ୍ସରେ ଏହା ପ୍ରଥମ ପଦକ ନୁହେଁ । ୨୦୨୩ରେ ସେ ଭାରତୀୟ ପୁରୁଷ କ୍ୱାଡ୍ରୁପଲ୍ ସ୍କଲ୍ ଦଳର ଅଂଶ ଥିଲେ । ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ କାଂସ୍ୟ ପଦକ ଜିତିଥିଲା । ୨୦୨୫ ମସିହାରେ ମଧ୍ୟ ତାଙ୍କର ଦମଦାର ପ୍ରଦର୍ଶନ ଥିଲା । ସେ ଭିଏତନାମରେ ଅନୁଷ୍ଠିତ ଏସୀୟ ରୋଇଂ ଚାମ୍ପିଅନସିପରେ ପୁରୁଷ କ୍ୱାଡ୍ରୁପଲ୍ ସ୍କଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ସେହି ବର୍ଷ ଇଣ୍ଡୋର ଏସୀୟ ଚାମ୍ପିଅନସିପରେ ପୁରୁଷ ଡବଲ୍ ସ୍କଲ୍ସରେ ମଧ୍ୟ ସେ ରୌପ୍ୟ ପଦକ ଜିତିଥିଲେ । ୨୦୨୬ ଏସୀୟ କ୍ରୀଡ଼ାରେ କାଂସ୍ୟ ପଦକ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଆଉ ଏକ ପ୍ରମୁଖ ସଫଳତା ।

ଏସିଆନ ଗେମ୍ସ ହକିରେ ଭାରତର ହ୍ୟାଟ୍ରିକ୍ ବିଜୟ

ନୂଆଦିଲ୍ଲୀ, ୨୪/୯(ନ୍ୟୁ.ଏ): ଏସିଆନ ଗେମ୍ସ ୨୦୨୬ରେ ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ପୁରୁଷ ହକି ଟିମର ବିଜୟ ଧାରା ଜାରି । ଦଳ ଆଜି ଏହି କ୍ରୀଡ଼ା ମହାକୁମ୍ଭରେ ହ୍ୟାଟ୍ରିକ ବିଜୟ ହାସଲ କରିଛି । ଓଡ଼ିଆ ପୁଅ ଶିଳାନ୍ଦ ଲାକ୍ରା ଗୋଲର ଶୁଭାରମ୍ଭ କରିଥିବା ବେଳେ ଭାରତ ୮-୨ ବ୍ୟବଧାନରେ ଦକ୍ଷିଣ କୋରିଆକୁ ହରାଇ ଦେଇଛି । ଏହା ଏସିଆନ ଗେମ୍ସରେ ଦକ୍ଷିଣ ଆଫ୍ରିକାର ସବୁଠାରୁ ବଡ଼ ବିଜୟ । ଏହି ବିଜୟ ସହ ଭାରତୀୟ ଟିମ ଗ୍ରୁପ ଏର ପ୍ରଥମ ସ୍ଥାନରେ ରହିଛି । ଏସିଆନ ଗେମ୍ସରେ ୪ ଥର ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଭାରତ ଆଜି କୋରିଆ ବିପକ୍ଷରେ ଆରମ୍ଭରୁ ଦବଦବା ଦେଖାଇଥିଲା । ଓଡ଼ିଆ ପୁଅ ଶିଳାନ୍ଦ ଲାକ୍ରା ମ୍ୟାଚ୍‌ର ୪ତମ ମିନିଟରେ ଦଳ ପାଇଁ ପ୍ରଥମ ଗୋଲ କରିଥିଲେ । ଲାକ୍ରା ଗୋଟିଏ ଗୋଲ ଦେଇଥିବା ବେଳେ ଷ୍ଟାର ଖେଳାଳି ଦୀଲପ୍ରୀତ ସିଂହ ଓ ଅଭିଷେକ ୨ଟି ଲେଖାଏ ସଫଳତା ହାସଲ କରିଛନ୍ତି । ଏମାନଙ୍କ ବ୍ୟତୀତ କ୍ୟାପ୍ଟେନ ହରମନପ୍ରୀତ ସିଂହ, ସୁଖଜିତ ସିଂହ ଓ ରାଜିନ୍ଦର ସିଂହ ମଧ୍ୟ ଗୋଟିଏ ଲେଖାଏ ଗୋଲ ଦେଇଛନ୍ତି । ଏହି ବଡ଼ ବିଜୟ ସହ ଭାରତ ଏସିଆନ ଗେମ୍ସ ପୁରୁଷ ହକିର ସେମି ଫାଇନାଲ ଦ୍ୱାରଦେଶରେ ପହଂଚି ଯାଇଛି । ଭାରତ ପାଇଁ ଶିଳାନ୍ଦ ୪ର୍ଥ ମିନିଟରେ ଗୋଲ ସ୍କୋର କରିଥିବା ବେଳେ ୧୦ମ ମିନିଟରେ ସୁଖଜିତ କୋରିଆ ଗୋଲ ପୋଷ୍ଟକୁ ବଲ ପଠାଇ ସ୍ଥିତି ୨-୦ କରିଥିଲେ । ପରବର୍ତୀ ମିନିଟରେ ଭାରତକୁ ପେନାଲ୍ଟି କର୍ଣ୍ଣର ମିଳିଥିଲା । ଏହାକୁ ଅଧିନାୟକ ହରମନପ୍ରୀତ ଗୋଲରେ ପରିଣତ କରି ଦେଇଥିଲେ । ପ୍ରଥମ କ୍ୱାର୍ଟରର ଶେଷ ମିନିଟରେ ଲାକ୍ରାଙ୍କ ସୁନ୍ଦର ପାସକୁ ଅଭିଷେକ ଗୋଲରେ ପରିଣତ କରି ସ୍ଥିତି ୪-୦ରେ ପହଂଚାଇ ଦେଇଥିଲେ । ଦ୍ୱିତୀୟ କ୍ୱାର୍ଟରରେ ଲାକ୍ରା ଘନଘନ ଆକ୍ରମଣ କରି ଦକ୍ଷିଣ କୋରିଆକୁ ଚାପରେ ରଖିଥିଲେ । ଏହାର ଫାଇଦା ଦଳକୁ ୨୬ତମ ମିନିଟରେ ମିଳିଥିଲା । ଦୀଲପ୍ରୀତ ସିଂହ ପାଇଥିବା ସୁନ୍ଦର ପାସକୁ ଗୋଲରେ ପରିଣତ କରିଥିଲେ । ହାଫ ଟାଇମ ସୁଦ୍ଧା ଭାରତ ୫-୦ରେ ଲିଡ କରିଥିଲା । ଦ୍ୱିତୀୟ କ୍ୱାର୍ଟରରେ ଓଡ଼ିଆ ପୁଅ ଅମିତ ରୋହିଦାସ ଓ ଜରମାନପ୍ରୀତ ସିଂହ ଗ୍ରୀନ କାର୍ଡ ପାଇଥିଲେ ହେଁ ଏହା ଭାରତର ଦବଦବାକୁ ହ୍ରାସ କରିପାରି ନଥିଲା । ତୃତୀୟ କ୍ୱାର୍ଟରର ଦ୍ୱିତୀୟ ମିନିଟେ ହାର୍ଦ୍ଦିକ ସିଂହ ସିଧା ଦୀଲପ୍ରୀତଙ୍କୁ ପରାସ୍ ଦେଇଥିଲେ । ଏହାକୁ ଗୋଲ କରିବାରେ ସେ କୌଣସି ସୁଯୋଗ ହାତ ଛଡ଼ା କରି ନଥିଲେ । ଏହି କ୍ୱାର୍ଟରରେ କୋରିଆକୁ ମ୍ୟାଚ୍‌ର ପ୍ରଥମ ପିସି ମିଳିଥିଲେ ହେଁ ଅମିତ ରୋହିଦାସ ଏହାକୁ ଅକାମୀ କରି ଦେଇଥିଲେ । କିଛି ସମୟ ପରେ ଅର୍ଥାତ ୩୮ତମ ମିନିଟରେ ଅଭିଷେକ ମ୍ୟାଚ୍‌ରେ ନିଜ ଦ୍ୱିତୀୟ ଗୋଲ କରିଥିଲେ । ସ୍ଥିତି ୭-୦ ମଧ୍ୟ ହୋଇ ଯାଇଥିଲା ।

ମୁଷ୍ଟିଯୁଦ୍ଧ: ସୁମିତ, ସାକ୍ଷୀ ବିଦା; କ୍ୱାର୍ଟରରେ ପ୍ରବୀନ

ନାଗୋୟା, ୨୪/୯(ନ୍ୟୁ.ଏ): ଭାରତୀୟ ମୁଷ୍ଟିଯୋଦ୍ଧା ସୁମିତଙ୍କ ଏସୀୟ କ୍ରୀଡ଼ା ଅଭିଯାନ ଦୁଃଖରେ ଶେଷ ହୋଇଛି । ପୁରୁଷ ୭୦ କେଜି ପ୍ରିକ୍ୱାର୍ଟରଫାଇନାଲ୍‌ରେ ଆହତ ହୋଇ ବିଦାୟ ନେଇଛନ୍ତି ଏହି ହରିୟାଣା ମୁଷ୍ଟିଯୋଦ୍ଧା । ଗୁରୁବାର ଇରାକର ଅଲ୍ ସାରେ ଅଲୀ କାସିମ ହାମ୍‌ଦାନ ବିପକ୍ଷ ପ୍ରିକ୍ୱାର୍ଟରଫାଇନାଲ୍‌ର ପ୍ରଥମ ଦୁଇ ରାଉଣ୍ଡରେ ୨୩ ବର୍ଷୀୟ ସୁମିତ ଆଗରେ ରହିଥିଲେ । ହେଲେ ତୃତୀୟ ରାଉଣ୍ଡରେ ବିପକ୍ଷ ଖେଳାଳିଙ୍କ ଏକ ପଂଚ୍‌ରେ ତଳେ ପଡ଼ିଯିବାରୁ ତାଙ୍କୁ ଆଣ୍ଠୁରେ ଆଘାତ ଲାଗିଥିଲା । ଫଳରେ ସେ ଆଉ ଖେଳିବାକୁ ସକ୍ଷମ ହୋଇଥିଲେ ଏବଂ ଓହରି ଯାଇଥିଲେ । ଫଳରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବିଜୟୀ ଘୋଷଣା କରାଯାଇଥିଲା । ସୁମିତ ପ୍ରଥମ ରାଉଣ୍ଡରେ ଥାଇଲାଣ୍ଡର ବୁଙ୍ଗୋଙ୍ଗ ସିନସିରିଙ୍କୁ ୫-୦ରେ ହରାଇ ପ୍ରିକ୍ୱାର୍ଟରରେ ପହଂଚିଥିଲେ । ଅନ୍ୟପକ୍ଷରେ ଭାରତୀୟ ମହିଳା ମୁଷ୍ଟିଯୋଦ୍ଧା ସାକ୍ଷୀ ଚୌଧୁରୀ ପ୍ରିକ୍ୱାର୍ଟରଫାଇନାଲ୍‌ରୁ ବିଦାୟ ନେଇଛନ୍ତି । ଗୁରୁବାର ମହିଳା ୬୫ କେଜି ବର୍ଗରେ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜୟିନୀ ୨୬ ବର୍ଷୀୟା ସାକ୍ଷୀ କଡ଼ା ସଂଘର୍ଷ କରି ୨-୩ରେ କାଜାଖସ୍ତାନର ଆଲୁଆ ବାଲିକବେକୋଭାଙ୍କଠୁ ହାରି ଯାଇଥିଲେ । ତେବେ ମହିଳା ୬୫ କେଜିରେ ପ୍ରବୀନ ବିନା ଲଢ଼େଇରେ କ୍ୱାର୍ଟରଫାଇନାଲ୍ ସ୍ଥାନ ପକ୍କା କରି ନେଇଛନ୍ତି । ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତାଜିକିସ୍ତାନର ମଲିକା ନୋଜିମୋଭା ଓହରି ଯିବାରୁ ବାଇ ପାଇଥିଲେ ପ୍ରବୀନ ।

୩ ବର୍ଷ ପରେ ଭାରତକୁ ଫେରିବ ଆଇପିଏଲ୍ ଖେଳାଳି ନିଲାମ

ନୂଆଦିଲ୍ଲୀ, ୨୪/୯(ନ୍ୟୁ.ଏ): ୩ବର୍ଷ ପରେ ଭାରତକୁ ଫେରିବ ଆଇପିଏଲ୍ ଖେଳାଳି ନିଲାମ କାର୍ଯ୍ୟକ୍ରମ । ଆସନ୍ତା ବର୍ଷ ହେବାକୁ ଥିବା ଆଇପିଏଲ୍ ୨୦ର ଖେଳାଳି ନିଲାମ କାର୍ଯ୍ୟକ୍ରମକୁ ବିସିସିଆଇ ଆସନ୍ତା ଡିସେମ୍ବର ମାସରେ ଗୋଆରେ ଆୟୋଜନ କରିବାକୁ ନିଷ୍ପତି ନେଇଛି । ଗତ ୩ ବର୍ଷ ମଧ୍ୟରେ ଯଥାକ୍ରମେ ସାଉଦି ଆରବ, ଦୁବାଇ ଓ ଆବୁଧାବିରେ ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଡିସେମ୍ବର ମାସ ଦ୍ୱିତୀୟ ସପ୍ତାହରେ ନିଲାମ ଆୟୋଜନ କରିବାକୁ ନିଷ୍ପତି ନିଆଯାଇଥିବା ବିସିସିଆଇ ସମ୍ପାଦକ ଦେବଜୀତ ସାଇକିଆ ଘୋଷଣା କରିଛନ୍ତି । ପ୍ରତିବର୍ଷ ଭଳି ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ଆଇପିଏଲ୍ ଆରମ୍ଭ ହୋଇ ମେ' ମାସ ୩୦ ତାରିଖରେ ଶେଷ କରିବାକୁ ଯୋଜନା କରାଯାଇଛି । ତେବେ ବିସିସିଆଇ ଚୂଡ଼ାନ୍ତ ତାରିଖ ଘୋଷଣା କରିନାହିଁ । ଇତି ମଧ୍ୟରେ ଖେଳାଳି ଟ୍ରେଡିଂ ଜାରି ରହିଛି । ଲକ୍ଷ୍ନୌ ସୁପରଜାଏଂଟ୍ସ ଛାଡ଼ି ରିଷଭ ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ଯୋଗ ଦେଇଛନ୍ତି । କୁଲଦୀପ ଯାଦବ ଦିଲ୍ଲୀ ଛାଡ଼ି ଲକ୍ଷ୍ନୌ ଦଳରେ ଯୋଗ ଦେଇଛନ୍ତି । ୫ଥର ଚାମ୍ପିଅନ୍ ଚେନ୍ନାଇ ସୁପରକିଙ୍ଗ୍ସ ପୂର୍ବତନ ପେସ୍ ବୋଲର ଜାହିର ଖାନ୍‌ଙ୍କୁ ମୁଖ୍ୟ କୋଚ ଭାବେ ନିଯୁକ୍ତି ଦେଇଛି । ଅଜିଙ୍କ୍ୟ ରାହାଣେ ଅବସର ଘୋଷଣା କରିବା ପରେ କୋଲକାତା ନାଇଟ୍ ରାଇଡର୍ସ ନୂଆ ଅଧିନାୟକ ଅନ୍ୱେଷଣରେ ରହିଛି । ସେହିପରି ମୁମ୍ବାଇ ଇଣ୍ଡିଆନ୍ସ ନୂଆ ନିର୍ଦ୍ଦେଶକ ଭାବେ ଜୁବିନ ବରୁଚାଙ୍କୁ ଚୁକ୍ତି କରିଛି ।

କଂଗ୍ରେସର ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଂଚଳର ନିର୍ବାଚନୀ ଖର୍ଚ୍ଚଠାରୁ ପଶ୍ଚିମବଙ୍ଗରେ ଅଧିକ ଖର୍ଚ୍ଚ କରିଥିଲା ବିଜେପି

ନୂଆଦିଲ୍ଲୀ, ୨୪/୯(ନ୍ୟୁ.ଏ): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପି ବିଜୟୀ ହୋଇ ସେଠାରେ ପ୍ରଥମ ଥର ସରକାର ଗଠନ କରିଛି । ତେବେ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ ହୋଇଥିବା ଖର୍ଚ୍ଚ ବିବରଣୀରୁ ଜଣାପଡ଼ିଛି ଯେ, କେବଳ ପଶ୍ଚିମବଙ୍ଗ ନିର୍ବାଚନରେ ବିଜେପି ୨୮୬.୯୯ କୋଟି ଟଙ୍କା ଖର୍ଚ୍ଚ କରିଛି । ବିଜେପିର ଏହି ଖର୍ଚ୍ଚ କଂଗ୍ରେସ ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଂଚଳରେ କରିଥିବା ନିର୍ବାଚନୀ ପ୍ରଚାର ଖର୍ଚ୍ଚଠାରୁ ବହୁ ଅଧିକ ବୋଲି ଜଣାପଡ଼ିଛି । କଂଗ୍ରେସ୫ଟି ସ୍ଥାନରେ ମୋଟ ୨୪୮.୫୫ କୋଟି ଟଙ୍କା ନିର୍ବାଚନ ପାଇଁ ଖର୍ଚ୍ଚ କରିଥିଲା । ଅପରପକ୍ଷେ ବିଜେପି ଏହି ୫ଟି ସ୍ଥାନରେ ମୋଟ ୫୨୯.୩୮ କୋଟି ଟଙ୍କା ଖର୍ଚ୍ଚ କରିଥିଲା । ପଶ୍ଚିମବଙ୍ଗ ବ୍ୟତୀତ ଏଥିରେ ଆସାମ, କେରଳମ୍, ତାମିଲନାଡୁ ଓ କେନ୍ଦ୍ରଶାସିତ ଅଂଚଳ ପୁଡୁଚେରୀ ରହିଛି । ପଶ୍ଚିମବଙ୍ଗରେ ପ୍ରଚାର ପାଇଁ ବିଜେପି ୨୧୭.୧୬ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ପ୍ରାର୍ଥୀଙ୍କ ପାଇଁ ୬୯.୮୩ କୋଟି ଟଙ୍କା ଖର୍ଚ୍ଚ କରିଥିବା ନିର୍ବାଚନ ଆୟୋଗରେ ଦାଖଲ ହୋଇଥିବା ଖର୍ଚ୍ଚ ବିବରଣୀରୁ ଜଣାପଡ଼ିଛି । ବିଜେପି ପଶ୍ଚିମବଙ୍ଗରେ ଟିଏମ୍‌ସିକୁ ଗାଦିଚ୍ୟୁତ କରି ମୋଟ ୨୯୩ ଆସନରୁ ୨୦୭ଟି ଜିତିଥିଲା । ଟିଏମ୍‌ସି ମାତ୍ର ୮୦ଟି ଆସନ ଜିତିଥିଲା । କଂଗ୍ରେସର ପ୍ରଭାବ ପଶ୍ଚିମବଙ୍ଗରେ ନଥିଲେ ମଧ୍ୟ ଦଳ ୨୯୩ ଆସନରେ ଲଢ଼ି ଦୁଇଟିରେ ଜିତିଥିଲା । କଂଗ୍ରେସ ପ୍ରଚାରରେ ୧୨.୯୬ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ପ୍ରାର୍ଥୀ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ୨୯.୧୨ କୋଟି ଟଙ୍କା ଖର୍ଚ୍ଚ କରିଥିଲା । ୨୦୧୧ରେ କ୍ଷମତା ହରାଇବା ପୂର୍ବରୁ ଦଶନ୍ଧି ଧରି ପଶ୍ଚିମବଙ୍ଗରେ ଶାସନ କରିଥିବା ସିପିଆଇ(ଏମ୍) ୧୯୭ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ଗୋଟିଏ ଜିତିଥିଲା । ଏହାର ରାଜ୍ୟ ୟୁନିଟ୍ ପ୍ରାର୍ଥୀଙ୍କ ପାଇଁ ୮.୨୩ କୋଟି ଟଙ୍କା ଖର୍ଚ୍ଚ କରିଥିବା ରିପୋର୍ଟ କରିଛି । ତେବେ ବିଜେପିର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଟିଏମ୍‌ସିର ଖର୍ଚ୍ଚ ବିବରଣୀ ମିଳିପାରି ନାହିଁ । ଅନ୍ୟପକ୍ଷରେ କେରଳମ୍‌ରେ କଂଗ୍ରେସ ୬୩ ଆସନ ଜିତି ସରକାର ଗଠନ କରିଥିବାବେଳେ ସିପିଆଇଏମ୍ ନେତୃତ୍ୱାଧୀନ ଏଲ୍‌ଡିଏଫ୍‌କୁ ହରାଇଥିଲା । ବିଜେପି ୩ଟି ଆସନରେ ଜିତିଥିଲା । କଂଗ୍ରେସ ଏହାର ମୁଖ୍ୟାଳୟ ଓ ରାଜ୍ୟ ୟୁନିଟ୍ ମାଧ୍ୟମରେ କେରଳମ୍‌ରେ ୧୦୫.୩୪ କୋଟି ଟଙ୍କା ଖର୍ଚ୍ଚ କରିଥିଲା । ୭୧.୩୦ କୋଟି ପ୍ରଚାର ଓ ୩୪.୦୫ କୋଟି ପ୍ରାର୍ଥୀ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ କରିଥିଲା । ବିଜେପି କେରଳମ୍‌ରେ ୮୨.୬୭ କୋଟି ଟଙ୍କା ଖର୍ଚ୍ଚ କରିଥିଲା । ଏଥିରେ ପ୍ରଚାରରେ ୫୪.୯୩ କୋଟି ଓ ପ୍ରାର୍ଥୀଙ୍କ ଉପରେ ୨୭.୭୪ କୋଟି ଖର୍ଚ୍ଚ କରିଛି । ସିପିଆଇଏମ୍ କେରଳମ୍‌ରେ ଏକ ବଡ଼ ଶକ୍ତି ହୋଇଥିଲେ ମଧ୍ୟ ମାତ୍ର ୨୮ କୋଟି ୬୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲା । ଏଥିରେ ୨୬ କୋଟି ଓ ୩୦ ଲକ୍ଷ ଟଙ୍କା ପ୍ରଚାର ଓ ୨ କୋଟି ୩୧ ଲକ୍ଷ ଟଙ୍କା ପ୍ରାର୍ଥୀଙ୍କ ଉପରେ ଖର୍ଚ୍ଚ ହୋଇଥିଲା । ବିଜେପି ପଶ୍ଚିମବଙ୍ଗ ଓ କେରଳମ୍ ବ୍ୟତୀତ ଆସାମରେ ୯୬.୨୭ କୋଟି, ତାମିଲନାଡୁରେ ୫୧.୫୬ କୋଟି ଓ ପୁଡୁଚେରୀରେ ୧୧.୯୦ କୋଟି ଟଙ୍କା ଖର୍ଚ୍ଚ କରିଥିବା ରିପୋର୍ଟ କରିଛି । ପାଂଚଟି ନିର୍ବାଚନରେ କଂଗ୍ରେସ ପ୍ରଚାର ପାଇଁ ୧୪୩ କୋଟି ଟଙ୍କା ଓ ପ୍ରାର୍ଥୀଙ୍କ ପାଇଁ ୧୦୫.୫୫ କୋଟି ଟଙ୍କା ଖର୍ଚ୍ଚ କରିଥିବା ରିପୋର୍ଟ କରିଛି, ଯାହା ମୋଟ ୨୪୮.୫୫ କୋଟି ଟଙ୍କାକୁ ବୃଦ୍ଧି କରିଛି ।

ଏସ୍‌ଆଇଆର ବିବାଦ: ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କଲା ସିଜେପି

ନୂଆଦିଲ୍ଲୀ, ୨୪/୯(ନ୍ୟୁ.ଏ): ଅଡୁଆରେ ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର । ତାଙ୍କ ଇସ୍ତଫା ଦାବି କରି ଦେଶବ୍ୟାପୀ ଆନ୍ଦୋଳନର ଧମକ ଦେଇଛି କକ୍ରୋଚ ଜନତା ପାର୍ଟି ବା ସିଜେପି । ଆଜି ଜ୍ଞାନେଶ କୁମାରଙ୍କୁ ଇସ୍ତଫା ଦେବାକୁ ୪୮ ଘଂଟାର ସମୟ ଦେଇଛି ସିଜେପି । ଯଦି ୪୮ ଘଂଟା ମଧ୍ୟରେ ଜ୍ଞାନେଶ କୁମାର ନିଜ ପଦ ନଛାଡ଼ିବେ, ତା'ହେଲେ ସିଜେପି ପକ୍ଷରୁ ସମଗ୍ର ଦେଶରେ ଆନ୍ଦୋଳନ କରାଯିବ । ଏସ୍‌ଆଇଆର ଓ ବିଭିନ୍ନ ପ୍ରସଙ୍ଗରେ ଦେଶର ୩ ନିର୍ବାଚନ କମିଶନରଙ୍କ ମଧ୍ୟରେ ମତଭେଦ ଥିବା ଇଣ୍ଡିଆନ ଏକ୍ସପ୍ରେସ ରିପୋର୍ଟ ପ୍ରକାଶ କରିବା ପରେ ସିଜେପି ଏପରି ଚେତାବନୀ ଦେଇଛି । ଏଥିସହ ଦେଶର ବିଭିନ୍ନ ସ୍ଥାନରେ ହେବାକୁ ଥିବା ବିଧାନସଭା ନିର୍ବାଚନଗୁଡ଼ିକୁ ସ୍ଥଗିତ ରଖିବାକୁ ମଧ୍ୟ ସିଜେପି ଆହ୍ୱାନ ଦେଇଛି । ସିଜେପି ପ୍ରତିଷ୍ଠାତା ତଥା ଆବାହକ ଅଭିଜିତ ଦୀପକେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ତାଙ୍କ ସଂଗଠନ ଦିଲ୍ଲୀ ଓ ଦେଶର ସବୁ ସ୍ଥାନରେ ଧାରଣାରେ ବସିବ । ସିଜେପିର ସହ ଆବାହକ ସୌରଭ ଦାସ ୩ଟି ଦାବି ଉପସ୍ଥାପନ କରିଛନ୍ତି । ମୁଖ୍ୟ ନିର୍ବାଚନ କମିଶନରଙ୍କ ଇସ୍ତଫା, ଜ୍ଞାନେଶ କୁମାର ଓ ତାଙ୍କୁ ଅନିୟମିତତା କରିବାକୁ ନିର୍ଦ୍ଦେଶ ଦେଇଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଅପରାଧିକ ମାମଲା ଓ ଆଗାମୀ ବିଧାନସଭା ନିର୍ବାଚନକୁ ଫ୍ରିଜ କରିବା ଭଳି ୩ଟି ଦାବି ସେ ରଖିଛନ୍ତି । ଏହାବାଦ ଏସ୍‌ଆଇଆର ସହ ଜଡ଼ିତ ସମସ୍ତ ଫାଇଲକୁ ସୁପ୍ରିମକୋର୍ଟ ନେତୃତ୍ୱାଧୀନ କମିଟି ହେପାଜତକୁ ପଠାଯାଉ ଓ ନିର୍ବାଚନ କମିଶନର ନିଯୁକ୍ତି ପାଇଁ ପ୍ରଣୟନ ଆଇନକୁ ରଦ୍ଦ ପାଇଁ ମଧ୍ୟ ସିଜେପି ପକ୍ଷରୁ କୁହାଯାଇଛି । ନିର୍ବାଚନ କମିଶନ ନେଇଥିବା ଏସ୍‌ଆଇଆର ସମ୍ପର୍କିତ ନିଷ୍ପତିକୁ ନେଇ ୩ ଜଣିଆ ପ୍ୟାନେଲରେ ଥିବା ୨ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ୧୦ ମାସରେ ୧୪ଥର ଆପତି କରିଥିଲେ । ସେମାନଙ୍କ ଅଗୋଚରରେ ମୁଖ୍ୟ ନିର୍ବାଚନ କମିଶନର ସବୁ ପ୍ରକାରର ନିଷ୍ପତି ନେଉଥିଲେ ବୋଲି ଇଣ୍ଡିଆନ ଏକ୍ସପ୍ରେସ ରିପୋର୍ଟ ପ୍ରକାଶ କରିବା ପରେ ସିଜେପି ଏପରି ଦାବି କରିଛି । ତେବେ ମତଭେଦ ଅଭିଯୋଗକୁ ନିର୍ବାଚନ କମିଶନଙ୍କ ପୂର୍ବରୁ ଖଣ୍ଡନ କରାଯାଇଛି । ଆୟୋଗଙ୍କ କହିବା କଥା ଯେ ଭିନ୍ନ ମତ, ଲିଖିତ ମତ ଓ ଆଭ୍ୟନ୍ତରୀଣ ଯାଂଚ ଗୋଟିଏ ସୁସ୍ଥ ଆଲୋଚନାର ଅଂଶବିଶେଷ । ହେଲେ ସବୁ ପ୍ରକାରର ନିଷ୍ପତି ସର୍ବସମ୍ମତି କ୍ରମେ ନିଆଯାଇଥିବା ବିବାଦ ପରେ ଆୟୋଗ ପକ୍ଷରୁ ସଫେଇ ଦିଆଯାଇଛି । ଏହି ବିବାଦ ସୁପ୍ରିମକୋର୍ଟରେ ମଧ୍ୟ ପହଂଚିଛି । ଆଇନଜୀବୀ ବ୍ରଜେଶ ସିଂହ ସିଧାସଳଖ ଜ୍ଞାନେଶ କୁମାରଙ୍କ ବିରୋଧରେ ଅପରାଧିକ ମାମଲା ଚାଲୁ କରିବା ପାଇଁ ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣୀଙ୍କ ସହମତି ଲୋଡ଼ିଛନ୍ତି । ଜ୍ଞାନେଶ କୁମାର ପ୍ୟାନେଲରେ ଥିବା ବାକି ଦୁଇ ଜଣ ନିର୍ବାଚନ କମିଶନରଙ୍କୁ ବାଇପାସ କରିଥିବାରୁ ଏହା ସୁପ୍ରିମକୋର୍ଟ ଦେଇଥିବା ରୁଲିଂ ଉଲ୍ଲଂଘନ ବୋଲି ମଧ୍ୟ କହିଛନ୍ତି । ସିଜେପିର କହିବା କଥା ଯେ ଏବେ ଭୋଟ ଚୋରି ଦେଶରେ ଗୋଟିଏ ବଡ଼ ପ୍ରସଙ୍ଗରେ ପରିଣତ ହୋଇଛି । ଲୋକମାନେ ଇସିଆଇରେ ଚାଲିଥିବା ଅନିୟମିତତା ବିରୋଧରେ ଲଢ଼େଇ କରିବାକୁ ସିଜେପିକୁ କହୁଥିବା ଦାବି କରିଛନ୍ତି ସୌରଭ ଦାସ । ସିଜେପି ଅଭିଯୋଗ କରିଛି ଯେ ଜ୍ଞାନେଶ କୁମାର ଦେଶର ମୁଖ୍ୟ ନିର୍ବାଚନ କମିଶନର ହେବା ପରେ ବିଭିନ୍ନ ରାଜ୍ୟରେ ବିଜେପିର ଭୋଟର ଶେୟାର ବୃଦ୍ଧି ପାଇଛି । ଦୀପକେ କହିଛନ୍ତି, "ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସର୍ବୋଚ୍ଚ ଲୋକପ୍ରିୟତା ଥିବା ବେଳେ ମଧ୍ୟ ବିଜେପି ଏମିତି ଭୋଟ ଶେୟାର ପାଇ ନଥିଲା । ଜ୍ଞାନେଶ କୁମାର ଏବେ ବିଜେପିର ଭୋଟ ଶେୟାର ବୃଦ୍ଧି କରିବା ପାଇଁ କଠିନ ପରିଶ୍ରମ କରୁଛନ୍ତି । ମୁଁ ଭାବୁଛି ଜ୍ଞାନେଶ କୁମାର ସିଧାସଳଖ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ନିର୍ଦ୍ଦେଶରେ କାମ କରୁଛନ୍ତି ।" ସିଜେପି ପକ୍ଷରୁ ଏଭଳି ଅନିୟମତତାକୁ ରୋକିବା ପାଇଁ ଦେଶର ଜେନ ଜି ଓ ଅନ୍ୟ ସାମାଜିକ ସଂଗଠନଗୁଡ଼ିକୁ ରାଜରାସ୍ତାକୁ ଓହ୍ଲାଇବାକୁ ଆହ୍ୱାନ ଦିଆଯାଇଛି ।

ସେନ୍‌ସେକ୍ସରେ ୧୨୪୮ ପଏଂଟ ହ୍ରାସ

ମୁମ୍ବାଇ, ୨୪/୯(ନ୍ୟୁ.ଏ): ଅଶୋଧିତ ତୈଳ ଦରରେ ବୃଦ୍ଧି ଓ ନୂଆ ବୀମା କମିସନ ନିୟମ ଘୋଷଣା ହେବା ପରେ ଆଜି ଷ୍ଟକ ବଜାର କାରବାରରେ ଅସ୍ଥିରତା ଦେଖାଦେଇଥିଲା । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୧୨୪୭.୭୧ ପଏଂଟ ହ୍ରାସ ପାଇ ୭୩,୫୮୦.୫୪ ପଏଂଟରେ ବନ୍ଦ ହୋଇଥିଲା । ସେହି ସମୟରେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ୩୮୩.୭୦ ପଏଂଟ ହ୍ରାସ ପାଇ ୨୩,୦୬୩.୧୦ ପଏଂଟରେ ବନ୍ଦ ହୋଇଥିଲା । ଭାରତୀୟ ବୀମା ନିୟାମକ ଓ ବିକାଶ କର୍ତୃପକ୍ଷ (ଆଇଆରଡିଏଆଇ) ପକ୍ଷରୁ ବୀମା କମିସନ ଢାଂଚାରେ ପରିବର୍ତନ କରାଯିବା ପରେ ଆର୍ଥିକ କ୍ଷେତ୍ରର କମ୍ପାନିଗୁଡ଼ିକର ସେୟାର ଅଧିକ ବିକ୍ରି ହୋଇଥିଲା । ସେନ୍‌ସେକ୍ସର ଅଂଶ ଥିବା ବଜାଜ ଫାଇନାନ୍ସ, ଆକ୍ସିସ୍ ବ୍ୟାଙ୍କ, ବଜାଜ ଫିନ୍‌ସର୍ଭ, ଇଣ୍ଡିଗୋ, ଟ୍ରେଂଟ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ, ଏସିଆନ୍ ପେଂଟ୍ସ ଓ ଭାରତୀ ଏୟାରଟେଲ୍ ସେୟାର ମୂଲ୍ୟରେ ବଡ଼ ଧରଣର ହ୍ରାସ ହୋଇଥିଲା । ନିଫ୍‌ଟିରେ ଅଟୋମୋବାଇଲ, ଆର୍ଥିକ ସେବା, ଏଫ୍‌ଏମ୍‌ସିଜି, ସୂଚନା ପ୍ରଯୁକ୍ତି, ଗଣମାଧ୍ୟମ ଓ ଧାତବ କ୍ଷେତ୍ରର କମ୍ପାନିଗୁଡ଼ିକର ସେୟାର ଅଧିକ ବିକ୍ରି ହୋଇଥିଲା । ଫାର୍ମା, ରାଷ୍ଟ୍ରାୟତ ବ୍ୟାଙ୍କ, ଘରୋଇ ବ୍ୟାଙ୍କ, ରିଅଲ ଇଷ୍ଟେଟ୍, କଞ୍ଜ୍ୟୁମର ଡ୍ୟୁରେବଲ, ସ୍ୱାସ୍ଥ୍ୟସେବା ଏବଂ ତୈଳ ଓ ଗ୍ୟାସ୍ କ୍ଷେତ୍ରର କମ୍ପାନିଗୁଡ଼ିକର ସେୟାର ମଧ୍ୟ ଚାପରେ ଥିଲା । ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ପୁଣି ବୃଦ୍ଧି ପାଇଛି । ବ୍ରେଂଟ କ୍ରୁଡ୍ ଦର ବ୍ୟାରେଲକୁ ୧୦୫.୧୦ ଡଲାର ଏବଂ ଆମେରିକାର ୱେଷ୍ଟ ଟେକ୍ସାସ୍ ଇଂଟରମେଡିଆରି ଦର ୯୩.୪୭ ଡଲାରକୁ ବୃଦ୍ଧି ପାଇଛି ।

ଏଫ୍-୩୫ର ଗୁପ୍ତ ପ୍ରଯୁକ୍ତିବିଦ୍ୟା ଚୀନ୍ ହାତରେ: ଯନ୍ତ୍ରାଂଶ ହଂକଂ ସ୍ଥାନାନ୍ତର ଘଟଣାରେ ପେଂଟାଗନର ତଦନ୍ତ ଆରମ୍ଭ

ନୂଆଦିଲ୍ଲୀ, ୨୪/୯(ନ୍ୟୁ.ଏ): ଏଫ୍-୩୫ ଷ୍ଟିଲ୍ଥ ଯୁଦ୍ଧବିମାନର ଗୁପ୍ତ ପ୍ରଯୁକ୍ତିକୁ ନେଇ ଆମେରିକାରେ ବଢ଼ିଲା ଚିନ୍ତା । ଏଫ୍-୩୫ର କିଛି ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ହଂକଂରେ ପହଂଚିବା ଘଟଣାକୁ ନେଇ ପେଂଟାଗନ୍ ତଦନ୍ତ ଆରମ୍ଭ କରିଛି । ଅଷ୍ଟ୍ରେଲିଆରୁ ଆମେରିକା ପଠାଯାଉଥିବା ବେଳେ ଏହି ଯନ୍ତ୍ରାଂଶଗୁଡ଼ିକ ମଝି ରାସ୍ତାରେ ହଂକଂକୁ କିପରି ପହଂଚିଲା, ତାହାକୁ ନେଇ ଏବେ ଖୋଳତାଡ଼ ଚାଲିଛି । ରିପୋର୍ଟ ଅନୁଯାୟୀ, ଏଫ୍-୩୫ ଯୁଦ୍ଧବିମାନର କିଛି ଯନ୍ତ୍ରାଂଶ ଅଷ୍ଟ୍ରେଲିଆରୁ ମରାମତି କିମ୍ବା ନଷ୍ଟ କରିବା ପାଇଁ ଆମେରିକା ପଠାଯାଉଥିଲା । କିନ୍ତୁ ଏହା ଆମେରିକାରେ ପହଂଚିବା ପରିବର୍ତେ ହଂକଂରେ ପହଂଚିଥିଲା । ଏହି ଘଟଣାରେ ଯନ୍ତ୍ରାଂଶଗୁଡ଼ିକ କେଉଁ ପରିସ୍ଥିତିରେ ଭୁଲ୍ ଗନ୍ତବ୍ୟସ୍ଥଳକୁ ଯାଇଥିଲା, ତାହା ଜାଣିବାକୁ ଆମେରିକୀୟ ପ୍ରତିରକ୍ଷା ବିଭାଗ ତଦନ୍ତ କରୁଛି । ହଂକଂରେ ପହଂଚିଥିବା ଯନ୍ତ୍ରାଂଶ ମଧ୍ୟରେ ଏଫ୍-୩୫ର କକପିଟ୍ କ୍ୟାନୋପି ଏବଂ ୱେପନ୍-ବେ ଡୋର୍ ଭଳି ଅଂଶ ଥିବା ରିପୋର୍ଟରେ କୁହାଯାଇଛି । ଏଫ୍-୩୫ ଜଏଂଟ ପ୍ରୋଗ୍ରାମ ଅଫିସ୍ ଘଟଣାରେ ତ୍ରୁଟି ହୋଇଥିବା ସ୍ୱୀକାର କରିଛି । ଯନ୍ତ୍ରାଂଶଗୁଡ଼ିକୁ ଫେରାଇ ଆଣିବା ଏବଂ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତି ରୋକିବା ପାଇଁ ଆମେରିକୀୟ କର୍ତୃପକ୍ଷ ଓ ଏଫ୍-୩୫ ନିର୍ମାତା ଲକହୀଡ୍ ମାର୍ଟିନ୍ ମିଳିତ ଭାବେ କାମ କରୁଛନ୍ତି । ଅନ୍ୟପଟେ, ଅଷ୍ଟ୍ରେଲିଆର ପ୍ରତିରକ୍ଷା ମନ୍ତ୍ରୀ ରିଚାର୍ଡ ମାର୍ଲେସ ଘଟଣାକୁ ସ୍ୱୀକାର କରିଥିଲେ ମଧ୍ୟ ହଜିଯାଇଥିବା ଯନ୍ତ୍ରାଂଶ ସେତେଟା ସମ୍ବେଦନଶୀଳ ନୁହେଁ ବୋଲି କହିଛନ୍ତି । ତେବେ ଏହି ଘଟଣା ମାଧ୍ୟମରେ ଏଫ୍-୩୫ ସମ୍ପର୍କିତ କୌଣସି ସମ୍ବେଦନଶୀଳ ପ୍ରଯୁକ୍ତି କିମ୍ବା ତଥ୍ୟ ଚୀନ୍ ହାତକୁ ଯାଇଛି କି ନାହିଁ, ତାହା ନେଇ ପ୍ରଶ୍ନ ଉଠିଛି । ଏଫ୍-୩୫ ଆମେରିକାର ପ୍ରମୁଖ ପଂଚମ ପିଢ଼ିର ଷ୍ଟିଲ୍ଥ ଯୁଦ୍ଧବିମାନ । ଏହାର ଷ୍ଟିଲ୍ଥ କୋଟିଂ, ରାଡାର୍ ଓ ଉନ୍ନତ ସେନ୍ସର ପ୍ରଯୁକ୍ତି ଏହାକୁ ଏକ ଅତ୍ୟାଧୁନିକ ଯୁଦ୍ଧବିମାନ ଭାବେ ପରିଚିତ କରିଛି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das